ସ୍ୱାଗତଂ ଓଡ଼ିଶା

# ଡୁମାଣୀ ଖବର

Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in • e-paper.dumanikhabar.in

DUMANI TV
Follow us:

ବର୍ଷ-୬ ସଂଖ୍ୟା-୯୨ | ମଙ୍ଗଳବାର | ୨୪ ଜୁନ୍ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-92 | Tuesday | 24 June 2025 | Bhubaneswar | Pages-8 | Rs. 2.00

### ଆସ୍କାରେ ରାଜ୍ୟସ୍ତରୀୟ ଯୁବ ଶକ୍ତି ସମାବେଶରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

## ତାରାତାରିଣୀ ମନ୍ଦିରର ବିକାଶ ପାଇଁ ରିଭାଇଜ୍ ଡିପିଆର ପ୍ରସ୍ତୁତ ହେବ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୩।୬ (ଡିକେ ନ୍ୟୁଜ୍): ଓଡ଼ିଶା ଯୁବ ବର୍ଗ ପାଇଁ ଅସୀମ ସମ୍ଭାବନାର ରାଜ୍ୟ ହେବ, ଓଡ଼ିଶାର ଯୁବ ସମାଜ ପାଇଁ ଏକ ସୁବର୍ଣ୍ଣ ଯୁଗ ଆସୁଛି, ସବୁ କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି ହେଉଛି। ଓଡ଼ିଶା ୨୦୩୬ ସୁଦ୍ଧା ୫୦୦ ବିଲିଅନ ଡଲାର ଓ ୨୦୪୭ ସୁଦ୍ଧା ୧.୫ ଟ୍ରିଲିଅନ ଡଲାର ଅର୍ଥନୀତି ହେବ। ଓଡ଼ିଶାର ଏହି ଲକ୍ଷ୍ୟ ହାସଲରେ ଯୁବ ଶକ୍ତି ହିଁ ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଗଞ୍ଜାମ ଜିଲ୍ଲା ଆସ୍କା ଠାରେ ଆୟୋଜିତ ରାଜ୍ୟସ୍ତରୀୟ ଯୁବ ଶକ୍ତି ସମାବେଶରେ କହିଛନ୍ତି। ଗଞ୍ଜାମ ବାସୀଙ୍କୁ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗଞ୍ଜାମ ଜିଲ୍ଲାର ପ୍ରତ୍ୟେକ କୋଣ ଅନୁକୋଣରେ ଭରି ରହିଛି କଳା, ସଙ୍ଗୀତ, ନୃତ୍ୟ ଓ ଗୀତର ସମ୍ଭାର। କେବଳ କଳା ନୈପୁଣ୍ୟ ନୁହେଁ ରାଜନୀତିରେ ମଧ୍ୟ ପାରଙ୍ଗମ ଗଞ୍ଜାମ ବାସୀ। ଗଞ୍ଜାମରେ ଗଞ୍ଜାମ ବାସୀ ଡବଲ ନୁହେଁ ଟ୍ରିପଲ୍ ଇଞ୍ଜିନ ସରକାର ଗଠନ କରିଛନ୍ତି। ସେ କହିଥିଲେ ଜୁନ ୧୨ ତାରିଖ ଆମ ପାଇଁ ବର୍ଷ ପୂର୍ତ୍ତିର ମହତ୍ୱପୂର୍ଣ୍ଣ ଦିବସ ଥିଲା କିନ୍ତୁ ଆମେ ଆମ ସଫଳତାରେ ଆତ୍ମ ବିଭୋର ନହୋଇ ଜୁନ ୧୩ ତାରିଖରୁ ଲୋକଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଛୁ। ମୁଖ୍ୟମନ୍ତ୍ରୀ ଏହି ଅବସରରେ ଜିଲ୍ଲାରେ ୫୫୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ, ଏଥିରେ ୫ଟି ଜଳସେଚନ ପ୍ରକଳ୍ପ, ଗୋଟିଏ ସଡ଼କ ପ୍ରଶସ୍ତୀ କରଣ ପ୍ରକଳ୍ପ, ଗୋଟିଏ ହାଇ ଲେଭେଲ୍ ପ୍ରକଳ୍ପ ଓ ଅନ୍ୟାନ୍ୟ ପ୍ରକଳ୍ପ ରହିଛି। ମା ତାରତାରିଣୀ ମନ୍ଦିର ଉନ୍ନତିକରଣ ପାଇଁ ରିଭାଇଜ୍ ଡି ପି ଆର ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପୋଲସରାରେ ଏକ ବିଶ୍ୱସ୍ତରୀୟ ଶିଳ୍ପ ତାଲିମ ପ୍ରତିଷ୍ଠାନ ପାଇଁ ଜାଗା ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ଯୁବ ସମାଜକୁ ଉଦବୋଧନ ଦେଇ ସେ କହିଥିଲେ ଯେ, ଯୁବ ବର୍ଗ ହେଉଛନ୍ତି ଆମ ସମାଜର ଶକ୍ତି, ସାମର୍ଥ୍ୟ ଓ ଭବିଷ୍ୟତ। ଅସୀମିତ ଶକ୍ତିର ଭଣ୍ଡାର। ଆମ ଓଡ଼ିଶାରେ ଏହି ପ୍ରଡକ୍ଟିଭ ଏଜ୍ ଗ୍ରୁପରେ ୧୫ ରୁ ୩୫ ବର୍ଷ ମଧ୍ୟରେ ଜନସଂଖ୍ୟା ହେଉଛି ୧.୭ କୋଟି । ଆମର ଏହି ବିପୁଳ ଯୁବ ଶକ୍ତିର ସାମର୍ଥ୍ୟ ଉପରେ ଭରସା କରି ଆମେ ଭବିଷ୍ୟତ ପାଇଁ ରୋଡମ୍ୟାପ ପ୍ରସ୍ତୁତ କରିଛୁ। ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ପାଇଁ ଜାତୀୟ ଶିକ୍ଷା ନୀତି ଲାଗୁ କରିଛୁ। ମୌଳିକ ଶିକ୍ଷାର ଉନ୍ନତି ପାଇଁ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ସହିତ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ଆରମ୍ଭ କରିଛୁ। ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ ପିଲାମାନଙ୍କ ପାଇଁ ଉଚ୍ଚଶିକ୍ଷା କ୍ଷେତ୍ରରେ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିଛୁ। ପିଲାମାନଙ୍କୁ ନିଯୁକ୍ତି ଯୋଗ୍ୟ କରିବା ପାଇଁ ୫୮ ଟି କଲେଜରେ ଶିଳ୍ପ ସମ୍ପର୍କ ଓ ବ୍ୟବହାରିକ ଶିକ୍ଷା ଜ୍ଞାନରେ ତାଲିମ ଦେଉଛୁ। ଯୁବ ବର୍ଗଙ୍କ ଦକ୍ଷତା ବୃଦ୍ଧି ଉପରେ ଆମେ ସର୍ବାଧିକ ଗୁରୁତ୍ୱ ଦେଉଛୁ। ଆମର ଏହି ସବୁ କାର୍ଯ୍ୟକ୍ରମ ଆଗାମୀ ଦିନରେ ଓଡ଼ିଶାର ଯୁବ ବର୍ଗଙ୍କୁ ନିଯୁକ୍ତି କ୍ଷେତ୍ରରେ ସବୁଠାରୁ ଅଧିକ ଯୋଗ୍ୟ କରି ଗଢିତୋଳିବ। ସାରା ବିଶ୍ୱରେ ସେମାନଙ୍କର ଚାହିଦା ବଢିବ। ସେ ପୁଣି କହିଥିଲେ କ୍ରୀଡ଼ା ହେଉଛି ଏପରି ଏକ କ୍ଷେତ୍ର ଯେଉଁଠାରେ ଆପଣ ଦକ୍ଷତା ବଳରେ ଯଶ ଓ ଅର୍ଥ ପାଇପାରିବେ। ଆମ ସରକାର ରାଜ୍ୟରେ ଖେଳକୁଦ ପାଇଁ ଅନେକ ବ୍ୟବସ୍ଥା କରିଛନ୍ତି, ତେଣୁ ଯୁବ ସମାଜ ଏହାର ସୁବିଧା ନେଇ ନିଜ ପ୍ରତିଭାକୁ ବ୍ୟବହାର କରି ସେ କ୍ରୀଡାକୁ କ୍ୟାରିଅର କରିବା ପାଇଁ ପରାମର୍ଶ ଦେଇଥିଲେ। ରାଜ୍ୟର ଶିଳ୍ପାୟନ ଉପରେ ଆଲୋକପାତ କରି ସେ କହିଥିଲେ, ଉତ୍କର୍ଷ ଓଡିଶା କାର୍ଯ୍ୟକ୍ରମରେ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ସହିତ ୧୩ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ପ୍ରସ୍ତାବ ଗୁଡିକ କାର୍ଯ୍ୟକାରୀ କରିବା ପାଇଁ ଆମେ ଗୋଟିଏ • ପୃଷ୍ଠା ୭ ଦେଖନ୍ତୁ...

### ୱିଙ୍ଗସ୍ ଟୁ ଆୱାର୍ ହୋପ୍ସ' ଏବଂ 'ଆଶାଓଁ କୀ ଉଡ଼ାନ୍'

## ପୁସ୍ତକ ଦ୍ୱିତୀୟ ଭାଗର ପ୍ରଥମ କପି ଗ୍ରହଣ କଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ, ୨୩।୬ (ପିଆଇବି): ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଏଲ. ମୁରୁଗନ ସୋମବାର ରାଷ୍ଟ୍ରପତି ଭବନ ପରିସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ 'ୱିଙ୍ଗସ୍ ଟୁ ଆୱାର୍ ହୋପ୍ସ' ଏବଂ 'ଆଶାଓଁ କୀ ଉଡ଼ାନ୍' ପୁସ୍ତକ ଦ୍ୱିତୀୟ ଭାଗର ପ୍ରଥମ କପି ପ୍ରଦାନ କରିଛନ୍ତି। ଏହି ଅବସରରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏବଂ ପ୍ରକାଶନ ବିଭାଗ ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କ ଦ୍ୱିତୀୟ ବର୍ଷର କାର୍ଯ୍ୟକାଳ ସମୟରେ ସେ ଦେଇଥିବା ଅଭିଭାଷଣର ସଂକଳନକୁ ନେଇ 'ୱିଙ୍ଗସ୍ ଟୁ ଆୱାର୍ ହୋପ୍ସ' ଏବଂ 'ଆଶାଓଁ କୀ ଉଡ଼ାନ୍' ପୁସ୍ତକର ଦ୍ୱିତୀୟ ଭାଗ ପ୍ରକାଶ ପାଇଛି। ଏହା ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପ୍ରକାଶନ ବିଭାଗ ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରକାଶ ପାଇଛି। ସୋମବାର ସକାଳେ ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ର ଠାରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏହି ପୁସ୍ତକକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ। ଉନ୍ମୋଚନ ସମାରୋହରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ର ମନ୍ତ୍ରୀ ଡକ୍ଟର ଏଲ. ମୁରୁଗନଙ୍କ ସମେତ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ପୁସ୍ତକର ଦ୍ୱିତୀୟ ଭାଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ୫୧ଟି ବଛା ବଛା ଭାଷଣ ରହିଛି। ଏଗୁଡ଼ିକୁ ୧୧ଟି ବିଭାଗରେ ବିଭକ୍ତ କରାଯାଇଛି। ବିଭାଗ ଗୁଡ଼ିକ ହେଲା: ଜାତି ଉଦ୍ଦେଶ୍ୟରେ ସମ୍ବୋଧନ, ଶିକ୍ଷା ମାଧ୍ୟମରେ ସାମଗ୍ରିକ ବିକାଶକୁ ପ୍ରୋତ୍ସାହନ, କର୍ମଯୋଗୀମାନଙ୍କୁ ନିଃସ୍ୱାର୍ଥପର ସେବା ପାଇଁ ପ୍ରେରଣା, ସଶସ୍ତ୍ର ବାହିନୀ-ଆମର ଜାତୀୟ ଗର୍ବ, ନାଗରିକ ସଶକ୍ତିକରଣରେ ପ୍ରଶାସନର ଭୂମିକା, ଉଲ୍ଲେଖନୀୟ ସଫଳତାକୁ ସ୍ୱୀକୃତି, ବିଶ୍ୱ ସମ୍ପର୍କ ସ୍ଥାପନ ଓ ସୁଦୃଢ଼ୀକରଣ, ଆମର ସାଂସ୍କୃତିକ ଐତିହ୍ୟକୁ ସମ୍ମାନ, କୃଷିରେ ନବସୃଜନ: ଭାରତର ଅଭିବୃଦ୍ଧିକୁ ଆଗେଇ ନେବା, ଆତ୍ମ ଓ ପ୍ରକୃତିକୁ ଏକୀକୃତ କରିବା, ଏବଂ ମହିଳା ସଶକ୍ତିକରଣ: ପ୍ରତିବନ୍ଧକକୁ ଭାଙ୍ଗିବା।

### ରାଜଭବନରେ ସାମାଜିକ ନିରାପତ୍ତା ଯୋଜନା ସଂପର୍କିତ ସଚେତନତା ଅଭିଯାନ ଆରମ୍ଭ

## ସାମାଜିକ ନିରାପତ୍ତା ଯୋଜନାରେ ଅଧିକ ଲୋକ ସାମିଲ ହେବାକୁ ରାଜ୍ୟପାଳଙ୍କ ଆହ୍ୱାନ



ଭୁବନେଶ୍ୱର, (ଡିକେ ନ୍ୟୁଜ୍): ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ବିଭିନ୍ନ ସାମାଜିକ ନିରାପତ୍ତା ଯୋଜନାରେ ରାଜ୍ୟରେ ଅନେକ ନାଗରିକ ଅନ୍ତର୍ଭୁକ୍ତ ହୋଇନଥିବାରୁ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଚିନ୍ତା ପ୍ରକଟ କରିବା ସହ ଏହି ଯୋଜନାରେ ଅଧିକ ଲୋକ ସାମିଲ ହେବାକୁ ଆହ୍ୱାନ ଜଣାଇଛନ୍ତି। ଚଳତ ମଇ ୨୩ ତାରିଖ ଦିନ ରାଜ ଭବନର ଅଧିକାରୀ ଓ କର୍ମଚାରୀମାନଙ୍କ ପାଇଁ ନ୍ୟୁ ଅଭିଷେକ ହଲ୍‌ଠାରେ ଆୟୋଜିତ ସଚେତନତା ଅଭିଯାନରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ସାମାଜିକ ନିରାପତ୍ତା ସଂପର୍କିତ ସଚେତନତା ଅଭିଯାନରେ ରାଜ୍ୟପାଳ ନିଜ ଉଦ୍‌ବୋଧନରେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଭାରତ ସରକାର ଅନେକ ଲୋକକୈନ୍ଦ୍ରିକ କଲ୍ୟାଣ ଯୋଜନା ପ୍ରବର୍ତ୍ତନ କରିଛନ୍ତି। ଏହା ମଧ୍ୟରୁ ଅନେକ ଯୋଜନା ଗରିବ, ଦୁର୍ବଳ ଏବଂ ଅବହେଳିତ ଶ୍ରେଣୀର ଲୋକଙ୍କୁ ଆର୍ଥିକ ସୁରକ୍ଷା ଯୋଗାଇବା ଏବଂ କଲ୍ୟାଣମୂଳକ ଲାଭ ପହଞ୍ଚାଇବା ପାଇଁ ଉଦ୍ଦିଷ୍ଟ ଥିବା ବେଳେ କେତେକ ଯୋଜନା ସାଧାରଣ ଲୋକଙ୍କ କଲ୍ୟାଣ ପାଇଁ କାର୍ଯ୍ୟକାରୀ ହେଉଛି। ଓଡ଼ିଶାରେ ସଚେତନତା ଅଭାବରୁ ବହୁ ସଂଖ୍ୟକ ଯୋଗ୍ୟ ଲୋକ ଏହି ସୁବିଧା ପାଇପାରୁନାହାନ୍ତି। ଏପରିକି ଶିକ୍ଷିତ ଓ ଉଚ୍ଚବର୍ଗର ଲୋକମାନଙ୍କ ମଧ୍ୟରେ ଯୋଜନା ସଂପର୍କରେ ଜ୍ଞାନ ଥିବା ସତ୍ତ୍ୱେ ଉଦାସୀନତା କାରଣରୁ ବିଭିନ୍ନ ଯୋଜନାରୁ ବଂଚିତ ଅଛନ୍ତି ବୋଲି ରାଜ୍ୟପାଳ କହିବା ସହିତ ଉଦାହରଣ ସୃଷ୍ଟି କରିବା ଏବଂ ଜନସାଧାରଣଙ୍କ ମନରେ ଆଗ୍ରହ ସୃଷ୍ଟି କରି ଉତ୍ସାହିତ କରିବା ପାଇଁ ରାଜଭବନରୁ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି ବୋଲି କହିଥିଲେ। ରାଜଭବନର ସମସ୍ତ କର୍ମଚାରୀଙ୍କୁ ଯୋଗ୍ୟ ସାମାଜିକ କଲ୍ୟାଣ ଯୋଜନାରେ ପଂଜିକୃତ କରାଯିବ। ଏହା ରାଜ୍ୟର ଲୋକମାନଙ୍କୁ ବିଭିନ୍ନ ଯୋଜନାରେ ସେମାନଙ୍କର ହକ୍ ପାଇବା ପାଇଁ ପ୍ରେରଣାଦାୟକ ହେବ ବୋଲି କହିଛନ୍ତି। ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନା ଏବଂ ଅଟଳ ପେନ୍‌ସନ ଯୋଜନା ଇତ୍ୟାଦି ଯୋଜନା ସଂପର୍କରେ ରାଜ୍ୟପାଳ ଆଲୋକପାତ କରି ଏ ଦିଗରେ ସଚେତନ ହେଲେ ଯୋଗ୍ୟ ହିତାଧିକାରୀମାନଙ୍କର ଅଶେଷ କଲ୍ୟାଣ ସାଧନ ହୋଇପାରିବ ବୋଲି ରାଜ୍ୟପାଳ କହିଥିଲେ। ସଚେତନତା ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇବା ଉପରେ ରାଜ୍ୟପାଳ ଗୁରୁତ୍ୱ ଆରୋପ କରିଥିଲେ। ସଚେତନତା ସୃଷ୍ଟି ଦିଗରେ ବିଭିନ୍ନ ବିଭାଗ ସମେତ ବିଭିନ୍ନ ଅନୁଷ୍ଠାନ ଓ ସଂଗଠନମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବାକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଏହି ସଚେତନତା ଅଭିଯାନ ଶୁଭାରମ୍ଭର ପ୍ରତୀକସ୍ୱରୂପ ରାଜ୍ୟପାଳ ରାଜଭବନରେ ୧୦୧ଜଣ କର୍ମଚାରୀଙ୍କ ଆବେଦନ ପତ୍ର ଷ୍ଟେଟ ବ୍ୟାଙ୍କ, ରାଜଭବନ ଶାଖାର ବ୍ରାଞ୍ଚ • ପୃଷ୍ଠା ୭ ଦେଖନ୍ତୁ...

## ୨୫ରେ ସୃଷ୍ଟି ହୋଇପାରେ ଘୂର୍ଣ୍ଣିବଳୟ

ଭୁବନେଶ୍ୱର, ୨୩।୬ (ହି.ସ): ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ। ଅଧିକାଂଶ ସ୍ଥାନରେ ବଜ୍ରପାତ ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ ବିଜ୍ଞାନୀଙ୍କ ସୂଚନା ମୁତାବକ ଏକ ଟ୍ରଫ୍ ଦକ୍ଷିଣ ପାକିସ୍ତାନରୁ ରାଜସ୍ଥାନର କେନ୍ଦ୍ରୀୟ ଅଂଶ, ଉତ୍ତର-ପଶ୍ଚିମ ମଧ୍ୟପ୍ରଦେଶ ଦେଇ ବାଂଲାଦେଶର କେନ୍ଦ୍ରୀୟ ଅଂଶ ପର୍ଯ୍ୟନ୍ତ ବ୍ୟାପିଛି, ଦକ୍ଷିଣ ଉତ୍ତର ପ୍ରଦେଶ ଏବଂ ପଡ଼ୋଶୀ, ଝାଡ଼ଖଣ୍ଡ, ଉତ୍ତର ଗାଙ୍ଗେୟ ପଶ୍ଚିମବଙ୍ଗର କେନ୍ଦ୍ରୀୟ ଅଂଶ ଉପରେ ନିମ୍ନ ଚାପ କ୍ଷେତ୍ର ସହିତ ଘୂର୍ଣ୍ଣିବଳୟ ପରିସର ଉଚ୍ଚତା ସହିତ ଦକ୍ଷିଣ ଆଡକୁ ଢଳିଛି। ୨୫ ଜୁନ୍ ପାଖାପାଖି ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ଆଖପାଖ ଅଞ୍ଚଳ ଉପରେ ଏକ ଉପର ବାୟୁମଣ୍ଡଳ ସ୍ତରୀୟ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି ଯାହାର ପ୍ରଭାବରେ ଲଘୁଚାପ ସୃଷ୍ଟି ହେଇପାରେ। ଏହାର ପ୍ରଭାବରେ ଉତ୍ତର ଓଡ଼ିଶାରେ ବଡ଼ ବର୍ଷା ହେବାର ଆଶଙ୍କା ରହିଛି ଆଉ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ୨୫ ଜୁନରୁ ୨୬ ଜୁନ ମଧ୍ୟରେ ଓଡ଼ିଶାର କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି ଘଡଘଡି ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ୨୬ ଜୁନରୁ ୨୭ ମଧ୍ୟରେ ଓଡ଼ିଶାର କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଅନୁଗୁଳ, ଢେଙ୍କାନାଳ ଓ ଯାଜପୁର ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି।






## ମହାପ୍ରଭୁଙ୍କୁ ଲାଗିହେଲା ଖଳି ପ୍ରସାଦ

ପୁରୀ, ୨୩।୬ (ଡିକେ ନ୍ୟୁଜ): ସୋମବାର ଅଣସର ତ୍ରୟୋଦଶୀ ତିଥିରେ ଶ୍ରୀମନ୍ଦିରରେ ଖଳି ପ୍ରସାଦ ଲାଗି ସମ୍ପନ୍ନ ହୋଇଛି। ଘଣାଲାଗି ନୀତି ଅନୁଯାୟୀ, ମହାପ୍ରଭୁଙ୍କଠାରେ ଲାଗି ହୋଇଥିବା ପୁରୁଣା ବାସୁଙ୍ଗାପାଟକୁ ଖୋଲାଯାଇ ମା' ଲକ୍ଷ୍ମୀଙ୍କ ମନ୍ଦିରରେ ପାଟରା ସେବାୟତଙ୍କ ଦ୍ୱାରା ନିର୍ମାଣ ହୋଇଥିବା ନୂଆ ବାସୁଙ୍ଗାପାଟକୁ ଲାଗି କରାଯାଇଥିଲା। ସୋମବାର ମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ବଜ୍ର କରିବା ପାଇଁ ଶୁଦ୍ଧ ସୁଆର ସେବକଙ୍କ ଘରୁ ଦିବ୍ୟ ପ୍ରଲେପ 'ଖଳିପ୍ରସାଦ' ବିଜେ କରାଯାଇଛି। ଶୁଦ୍ଧ ସୁଆରଙ୍କ ଦ୍ୱାରା ପ୍ରସ୍ତୁତ ଏହି ଦିବ୍ୟ ପ୍ରଲେପକୁ (ଖଳି) ରୁପା ପିଂଗଣରେ ରଖି ଦଇତାପତି ସେବକ ଶ୍ରୀଅଙ୍ଗରେ ଲାଗି କରିଥିଲେ। ଏଥିସହ ମହାପ୍ରଭୁଙ୍କର ଖଡ଼ି ପ୍ରସାଦ ଲାଗି ନୀତି ସମ୍ପନ୍ନ ହେବ। ଏହା ପରେ ଅସୁସ୍ଥ ମହାପ୍ରଭୁ ନବଯୌବନପ୍ରାପ୍ତି ହେବେ। ମହାପ୍ରଭୁଙ୍କୁ ଲାଗି ହୋଇଥିବା ଖଳିକୁ ଶୁଦ୍ଧ ସୁଆରମାନେ ନିଜ ନିଜ ବାସଭବନରେ ଶୁଦ୍ଧପୁତ ଭାବେ ପ୍ରସ୍ତୁତ କରିଥିଲେ। ଶୁଦ୍ଧ ସୁଆରଙ୍କ ବାସ ଭବନରେ ଖଳି ହାଣ୍ଡିକୁ ମହିଳାମାନେ ବନ୍ଦାପନା କରିବା ପରେ ବିଜେ କାହାଳୀ ବାଜିଥିଲା। ବରକନ୍ଦାଜଙ୍କ ସୁରକ୍ଷା ବଳୟ ଭିତରେ ପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଖଳି ଶ୍ରୀମନ୍ଦିରକୁ ବିଜେ କରିଥିଲେ। ଘଣ୍ଟ, ଛତ୍ରୀ, କାହାଳି ସହ ଖଳି ପ୍ରସାଦ ଶୁଦ୍ଧ ସୁଆରଙ୍କ ଘରଠାରୁ ଶ୍ରୀମନ୍ଦିରକୁ ବିଜେ କରାଯାଇଥିଲା। ଶୁଦ୍ଧ ସୁଆରଙ୍କ ଦ୍ୱାରା ପ୍ରସ୍ତୁତ ଏହି ଦିବ୍ୟ ପ୍ରଲେପକୁ ରୂପା ପିଙ୍ଗଣରେ ରଖି ଦଇତାପତି ସେବକମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି କରିଥିଲେ। ଏଥିସହ ଶ୍ରୀଜିଉଙ୍କୁ ରକ୍ତବସ୍ତ୍ର ଆବରଣ କରି ସପ୍ତାବରଣ କରାଯାଇଥିଲା। ଏହା ପରେ ଶ୍ରୀଅଙ୍ଗରେ ଶ୍ରୀମୁଖ ହୋତା ଲାଗି ହେବ। ରବିବାର ବିଳମ୍ବିତ ରାତିରୁ ଦଇତାପତି ସେବକମାନେ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସୋମବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତି ଚାଲିବ। ସେହିପରି ଅଣସର ତ୍ରୟୋଦଶୀ ତିଥିରେ ଶ୍ରୀମନ୍ଦିରରେ ଘଣା ଲାଗି ସମ୍ପନ୍ନ ହୋଇଛି। ଘଣାଲାଗି ନୀତି ଅନୁଯାୟୀ, ମହାପ୍ରଭୁଙ୍କଠାରେ ଲାଗି ହୋଇଥିବା ପୁରୁଣା ବାସୁଙ୍ଗାପାଟକୁ ଖୋଲାଯାଇ ମା' ଲକ୍ଷ୍ମୀଙ୍କ ମନ୍ଦିରରେ ପାଟରା ସେବାୟତଙ୍କ ଦ୍ୱାରା ନିର୍ମାଣ ହୋଇଥିବା ନୂଆ ବାସୁଙ୍ଗାପାଟକୁ ଲାଗି କରାଯାଇଥିଲା। ଏଥି ସହିତ ସୋମବାର ମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ବଜ୍ର କରିବା ପାଇଁ ଶୁଦ୍ଧ ସୁଆର ସେବକଙ୍କ ଘରୁ ଦିବ୍ୟ ପ୍ରଲେପ 'ଖଳିପ୍ରସାଦ'କୁ ରୁପା ପିଂଗଣରେ ରଖି ଦଇତାପତି ସେବକ ଶ୍ରୀଅଙ୍ଗରେ ଲାଗି କରିଥିଲେ। ଏଥିସହ ଶ୍ରୀଜିଉଙ୍କୁ ରକ୍ତବସ୍ତ୍ର ଆବରଣ କରି ସପ୍ତାବରଣ କରାଯାଇଥିଲା। ଏହା ପରେ ଅସୁସ୍ଥ ମହାପ୍ରଭୁ ନବଯୌବନପ୍ରାପ୍ତି ହେବେ। ପରେ ଏହା ଶ୍ରୀଅଙ୍ଗରେ ଶ୍ରୀମୁଖ ହୋତା ଲାଗି ହେବ। • ପୃଷ୍ଠା ୭ ଦେଖନ୍ତୁ...

## ଆଜି ବାରାଣସୀରେ କେନ୍ଦ୍ରୀୟ କ୍ଷେତ୍ରୀୟ ପରିଷଦର ବୈଠକରେ ଅଧ୍ୟକ୍ଷତା କରିବେ ଅମିତ ଶାହ



ନୂଆଦିଲ୍ଲୀ, ୨୩।୬ (ପିଆଇବି): କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ମଙ୍ଗଳବାର ଉତ୍ତର ପ୍ରଦେଶର ବାରାଣସୀରେ କେନ୍ଦ୍ରୀୟ କ୍ଷେତ୍ରୀୟ ପରିଷଦର ୨୫ତମ ବୈଠକରେ ଅଧ୍ୟକ୍ଷତା କରିବେ। ଏହି ବୈଠକରେ ସଦସ୍ୟ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ପ୍ରତ୍ୟେକ ରାଜ୍ୟର ଦୁଇ ଜଣ ବରିଷ୍ଠ ମନ୍ତ୍ରୀ ଯୋଗଦେବେ। ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ତଥା କେନ୍ଦ୍ର ସରକାରଙ୍କ ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ବୈଠକରେ ଅଂଶଗ୍ରହଣ କରିବେ। କେନ୍ଦ୍ରୀୟ କ୍ଷେତ୍ରୀୟ ପରିଷଦ ଛତିଶଗଡ଼, ମଧ୍ୟପ୍ରଦେଶ, ଉତ୍ତରାଖଣ୍ଡ ଏବଂ ଉତ୍ତର ପ୍ରଦେଶ ରାଜ୍ୟକୁ ନେଇ ଗଠିତ। ଉତ୍ତର ପ୍ରଦେଶ ସରକାରଙ୍କ ସହଯୋଗରେ ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ଥିବା ଆନ୍ତଃରାଜ୍ୟ ପରିଷଦ ସଚିବାଳୟ ଦ୍ୱାରା ଏହି ବୈଠକ ଆୟୋଜନ କରାଯାଉଛି। ରାଜ୍ୟ ପୁନର୍ଗଠନ ଅଧିନିୟମ, ୧୯୫୬ ର ଧାରା ୧୫ ରୁ ୨୨ ଅନୁଯାୟୀ ପାଞ୍ଚଟି ଆଞ୍ଚଳିକ ପରିଷଦ ପ୍ରତିଷ୍ଠା କରାଯାଇଥିଲା। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଏହି ପାଞ୍ଚଟି ଜୋନାଲ ପରିଷଦର ଅଧ୍ୟକ୍ଷ ଏବଂ ସଦସ୍ୟ ରାଷ୍ଟ୍ର ତଥା କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ/ଲେଫ୍ଟନାଣ୍ଟ ଗଭର୍ଣ୍ଣର/ ପ୍ରଶାସକ ଏହାର ସଦସ୍ୟ ଅଟନ୍ତି। ଏହି ସଦସ୍ୟମାନଙ୍କ ମଧ୍ୟରେ, ଗୋଟିଏ ସଦସ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ (ପ୍ରତିବର୍ଷ ପରିବର୍ତ୍ତନ କରି) ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରିଥାନ୍ତି। ପ୍ରତ୍ୟେକ ସଦସ୍ୟ ରାଜ୍ୟରୁ ରାଜ୍ୟପାଳ ଦୁଇ ଜଣ ମନ୍ତ୍ରୀଙ୍କୁ ପରିଷଦର ସଦସ୍ୟ ଭାବେ ମନୋନୀତ କରିଥାନ୍ତି। ପ୍ରତ୍ୟେକ କ୍ଷେତ୍ରୀୟ ପରିଷଦ ମଧ୍ୟ ମୁଖ୍ୟ ସଚିବ ସ୍ତରରେ ଏକ ସ୍ଥାୟୀ କମିଟି ଗଠନ କରିଛନ୍ତି। ରାଜ୍ୟଗୁଡ଼ିକ ଦ୍ୱାରା ପ୍ରସ୍ତାବିତ ପ୍ରସଙ୍ଗଗୁଡ଼ିକ ପ୍ରଥମେ ଆଲୋଚନା ପାଇଁ ସମ୍ପୃକ୍ତ କ୍ଷେତ୍ରୀୟ ପରିଷଦର ସ୍ଥାୟୀ କମିଟି ନିକଟରେ ଉପସ୍ଥାପନ କରାଯାଇଥାଏ। ସ୍ଥାୟୀ କମିଟି ଦ୍ୱାରା ବିଚାର କରାଯିବା ପରେ, ଅବଶିଷ୍ଟ ପ୍ରସଙ୍ଗଗୁଡିକ ପରବର୍ତ୍ତୀ ବିଚାରବିମର୍ଶ ପାଇଁ ଆଞ୍ଚଳିକ ପରିଷଦ ବୈଠକରେ ଉପସ୍ଥାପିତ ହୁଏ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ସାମଗ୍ରିକ ବିକାଶ ପାଇଁ ସହଯୋଗାତ୍ମକ ଏବଂ ପ୍ରତିଦ୍ୱନ୍ଦ୍ୱିତାମୂଳକ ସଂଘୀୟ ବ୍ୟବସ୍ଥାର ଲାଭ ଉଠାଇବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହି ବିଶ୍ୱାସ ସହିତ ଯେ ଶକ୍ତିଶାଳୀ ରାଜ୍ୟଗୁଡ଼ିକ ଏକ ଶକ୍ତିଶାଳୀ ରାଷ୍ଟ୍ର ଗଠନ କରନ୍ତି, ଆଞ୍ଚଳିକ ପରିଷଦଗୁଡ଼ିକ ଦୁଇ କିମ୍ବା ଅଧିକ ରାଜ୍ୟ କିମ୍ବା କେନ୍ଦ୍ର ଏବଂ ରାଜ୍ୟକୁ ପ୍ରଭାବିତ କରୁଥିବା ପ୍ରସଙ୍ଗରେ ଆଲୋଚନା ଏବଂ ବିଚାର ବିମର୍ଶ ପାଇଁ ଏକ ସଂରଚିତ ପ୍ରଣାଳୀ ପ୍ରଦାନ କରନ୍ତି ଏବଂ ଏହା ମାଧ୍ୟମରେ ପାରସ୍ପରିକ ସହଯୋଗ ବୃଦ୍ଧି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ କାର୍ଯ୍ୟ କରନ୍ତି। ଆଞ୍ଚଳିକ ପରିଷଦଗୁଡ଼ିକର ଭୂମିକା ହେଉଛି ପରାମର୍ଶ; ତେବେ, ବିଗତ କିଛି ବର୍ଷ ମଧ୍ୟରେ, ଏହି ପରିଷଦଗୁଡ଼ିକ ବିଭିନ୍ନ କ୍ଷେତ୍ରରେ • ପୃଷ୍ଠା ୭ ଦେଖନ୍ତୁ...




# ବେଦାନ୍ତ ଆଲୁମିନିୟମ ସମସ୍ତ କାର୍ଯ୍ୟସ୍ଥଳୀରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିଛି



**ଭୁବନେଶ୍ୱର, (ଡିକେ ନ୍ୟୁଜ୍):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ା, ଲାଞ୍ଜିଗଡ଼, ଘୋଘରପାଲି, କୁରାଲୋଇ, ସିଜିମାଳି ଏବଂ ଜାମଖାଣିରେ ଏହାର କାର୍ଯ୍ୟସ୍ଥଳରେ ବହୁ ଉତ୍ସାହ ଏବଂ ଅଂଶଗ୍ରହଣ ସହିତ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିଛି। ଏହି ବର୍ଷର ବିଶ୍ୱ ଥିମ୍ - 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ସହିତ ସମନ୍ୱୟ ରଖି କମ୍ପାନୀ ପୁନର୍ଜୀବିତ ଯୋଗ ଅଧିବେଶନ ଆୟୋଜନ କରିଥିଲା ଯାହା ୧୦୦୦ ରୁ ଅଧିକ କର୍ମଚାରୀ, ଛାତ୍ର ଏବଂ ସମ୍ପ୍ରଦାୟ ସଦସ୍ୟଙ୍କୁ ଏକତ୍ରିତ କରିବା ସହିତ ଶାରୀରିକ ଏବଂ ମାନସିକ ସୁସ୍ଥତାର ଗୁରୁତ୍ୱକୁ ଗୁରୁତ୍ୱ ଦେଇଥିଲା। ଝାରସୁଗୁଡ଼ାରେ, ଏକ ସ୍ପନ୍ଦନଶୀଳ ଉତ୍ସବରେ କର୍ମଚାରୀ ଏବଂ ସମ୍ପ୍ରଦାୟ ସଦସ୍ୟ ଦୁଇଟି ସ୍ଥାନରେ ଏକାଠି ହୋଇଥିଲେ - ସର୍ବହାଲ ହାଇସ୍କୁଲ ଏବଂ ବେଦାନ୍ତ ମିଡୋଜ୍ କର୍ମଚାରୀ ଟାଉନସିପ୍। ବ୍ରଜରାଜନଗରର ପତଳି ଯୋଗ ପୀଠର ବିଶେଷଜ୍ଞ ପ୍ରଶିକ୍ଷକମାନେ ସର୍ବହାଲ ହାଇସ୍କୁଲର ଯୁବ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ଯୋଗ ଅଧିବେଶନର ନେତୃତ୍ୱ ନେଇଥିଲେ। ଏହି ସମୟରେ, ଟାଉନସିପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟମାନଙ୍କୁ ଯୋଗ ଏବଂ ମାନସିକତାର ଅଭ୍ୟାସର ଲାଭ ସହିତ ପରିଚିତ କରାଯାଇଥିଲା, ସାମୂହିକ ସୁସ୍ଥତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ହୃଦୟସ୍ପର୍ଶୀ ପ୍ରଶଂସା କରାଯାଇଥିଲା। ଲାଞ୍ଜିଗଡ଼ରେ, କମ୍ପାନୀ ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିଲା ଯାହା ୩୦୦ ରୁ ଅଧିକ କର୍ମଚାରୀ, ବ୍ୟବସାୟିକ ଅଂଶୀଦାର ଏବଂ ସମ୍ପ୍ରଦାୟ ସଦସ୍ୟଙ୍କୁ ସାମଗ୍ରିକ ସୁସ୍ଥତା ପ୍ରତି ଏକ ସମାନ ପ୍ରତିବଦ୍ଧତାରେ ଏକତ୍ର କରିଥିଲା। ସାମୂହିକ ଉତ୍ସାହ ଏବଂ ଶକ୍ତି ସହିତ, ଅଂଶଗ୍ରହଣକାରୀମାନେ ମାନସିକତା ଏବଂ ଯୋଗକୁ ଗ୍ରହଣ କରିଥିଲେ, ଯାହା ଏହାର କର୍ମଚାରୀ ଏବଂ ସମ୍ପ୍ରଦାୟ ମଧ୍ୟରେ ମଙ୍ଗଳକୁ ପ୍ରୋତ୍ସାହିତ କରିବା ପାଇଁ ବେଦାନ୍ତର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଥିଲା।ସିଜିମାଳିରେ, ସ୍ଥାନୀୟ ସରକାରୀ ବିଦ୍ୟାଳୟର ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଉତ୍ସାହର ସହିତ କର୍ମଚାରୀ ସ୍ୱେଚ୍ଛାସେବକ ମାନଙ୍କ ନେତୃତ୍ୱରେ ଯୋଗ ଅଧିବେଶନରେ ଅଂଶଗ୍ରହଣ କରିଥିଲେ। ଏହି ଅଧିବେଶନ ଗୁଡ଼ିକ ଯୁବ ମନ ମଧ୍ୟରେ ସୁସ୍ଥ ଅଭ୍ୟାସ ପୋଷଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲା। ଘୋଘରପାଲି କୋଇଲା ଖଣିର ଦଳ ମୁନ୍ଧେରଖେତ ଏବଂ ଭୋଗରାକାଚର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୭୦ ଜଣ ଛାତ୍ରଛାତ୍ରୀ ଏବଂ ଶିକ୍ଷକଙ୍କ ସହିତ ଏହି ଦିବସ ପାଳନ କରିଥିଲା। ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସ୍ଥିରତା ଏବଂ ଏକାଗ୍ରତା ଗଠନରେ ଯୋଗର ଲାଭ ବିଷୟରେ ସଚେତନତା ପ୍ରସାର କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା। କୁରାଲୋଇ କୋଇଲା ଖଣିରେ, ଏକ ସ୍ୱତନ୍ତ୍ର ସାମୁହିକ ଯୋଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଯେଉଁଥିରେ ନିକଟବର୍ତ୍ତୀ ଗ୍ରାମରୁ ୧୪୦ ରୁ ଅଧିକ ଅଂଶଗ୍ରହଣକାରୀ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମ ପଂଚାୟତ ସରପଂଚ ଶ୍ରୀଯୁକ୍ତ ସନାତନ ନାୟକଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା ଏବଂ ସମ୍ପ୍ରଦାୟକୁ ପାରମ୍ପରିକ ସୁସ୍ଥତା ଅଭ୍ୟାସଗୁଡ଼ିକୁ ପରିଚିତ କରାଇବା ଉପରେ ଧ୍ୟାନ ଦିଆଯାଇଥିଲା। ଜାମଖାଣି କୋଇଲା ଖଣିରେ କୋଇଲା ମନ୍ତ୍ରଣାଳୟର ନିର୍ଦ୍ଦେଶାବଳୀ ଅନୁଯାୟୀ ଏକ ୩ ଦିନିଆ ଅଭିଯାନ ଆରମ୍ଭ କରିଥିଲା। ସଚେତନତା ଅଧିବେଶନ ଏବଂ ଏକ ସୁସ୍ଥତା ବୁଟକ୍ୟାମ୍ପ ସହିତ ଆରମ୍ଭ ହୋଇ, ଏହି ଉତ୍ସବ କର୍ମଚାରୀ ଏବଂ ବ୍ୟବସାୟିକ ଅଂଶୀଦାରଙ୍କ ସମେତ ୫୦ ରୁ ଅଧିକ ଅଂଶଗ୍ରହଣକାରୀଙ୍କ ସହିତ ଏକ ଯୋଗ ଅଧିବେଶନରେ ଶେଷ ହୋଇଥିଲା।ଏହି ଅବସରରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ବେଦାନ୍ତ ଆଲୁମିନିୟମରେ, ଆମେ ବିଶ୍ୱାସ କରୁ ଯେ ପ୍ରକୃତ ପ୍ରଗତି ଆମର ଲୋକଙ୍କ ଏବଂ ଆମେ ଯେଉଁ ସମ୍ପ୍ରଦାୟର ଅଂଶ, ସେମାନଙ୍କ ମଙ୍ଗଳରେ ନିହିତ। ଯୋଗ ଦିବସ ପାଳନ କରିବା ହେଉଛି ସୁସ୍ଥତା, ସଚେତନତା ଏବଂ ସୁସ୍ଥ ଜୀବନଯାପନ ପ୍ରତି ଆମର ସାମୂହିକ ପ୍ରତିବଦ୍ଧତାକୁ ଆହୁରି ଗଭୀର କରିବାର ଏକ ସୁଯୋଗ। ଆମର କାର୍ଯ୍ୟ ଗୁଡ଼ିକରେ ଏପରି ଉତ୍ସାହୀ ଅଂଶଗ୍ରହଣ ଦେଖି ଆମେ ଗର୍ବିତ। ବେଦାନ୍ତ ଆଲୁମିନିୟମ ନିୟମିତ ଯୋଗ ଅଧିବେଶନ, ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ଶିବିର ଏବଂ ସୁସ୍ଥତା କର୍ମଶାଳା ମାଧ୍ୟମରେ ସାମଗ୍ରିକ ସୁସ୍ଥତାକୁ ପ୍ରୋତ୍ସାହିତ କରିଆସୁଛି। ଏହି ପଦକ୍ଷେପଗୁଡ଼ିକ କମ୍ପାନୀର କାର୍ଯ୍ୟକ୍ଷମ କ୍ଷେତ୍ରରେ ସମ୍ପ୍ରଦାୟର କଲ୍ୟାଣକୁ ସମର୍ଥନ କରିବା ସହିତ ଏକ ସୁସ୍ଥ ଏବଂ ଅଧିକ ସ୍ଥିର କର୍ମଶକ୍ତି ସୃଷ୍ଟି କରିବାର ବ୍ୟାପକ ଦୃଷ୍ଟିକୋଣର ଏକ ଅଂଶ ଗଠନ କରେ। ବେଦାନ୍ତ ଲିମିଟେଡର ଏକ ବ୍ୟବସାୟ, ବେଦାନ୍ତ ଆଲୁମିନିୟମ୍, ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ, ଯାହା ଆର୍ଥିକ ବର୍ଷ ୨୫ ମସିହାରେ ଭାରତର ଅଧାରୁ ଅଧିକ ଅର୍ଥାତ୍ ୨.୪୨ ନିୟୁତ ଟନ୍ ଆଲୁମିନିୟମ୍ ଉତ୍ପାଦନ କରିଛି। ଏହା ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦରେ ଅଗ୍ରଣୀ ଭାବରେ ଉଭା ହୋଇଛି ଯାହାକି ମୁଖ୍ୟ ଶିଳ୍ପଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗ ବ୍ୟବହାର କରିଥାଏ। ଆଲୁମିନିୟମ୍ ଶିଳ୍ପ ପାଇଁ ଏସଏଣ୍ଡପି ଗ୍ଲୋବାଲ୍ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଂଟ୍ ୨୦୨୪ ବିଶ୍ୱ ରାଙ୍କିଂରେ ବେଦା' ଆଲୁମିନିୟମ୍ ଦ୍ୱିତୀୟ ସ୍ଥାନରେ ଅଛି, ଯାହା ଏହାର ପ୍ରମୁଖ ସ୍ଥାୟୀ ବିକାଶ ଅଭ୍ୟାସର ପ୍ରତିଫଳନ। ଭାରତରେ ଏହାର ବିଶ୍ୱସ୍ତରୀୟ ଆଲୁମିନିୟମ୍ ସ୍ମେଲ୍ଟର, ଆଲୁମିନା ରିଫାଇନାରୀ ଏବଂ ପାୱାର ପ୍ଲାଂଟ ସହିତ, କମ୍ପାନୀ ଏକ ସବୁଜ ଆସନ୍ତାକାଲି ପାଇଁ 'ଭବିଷ୍ୟତର ଧାତୁ' ଭାବରେ ଆଲୁମିନିୟମ ଉଦୀୟମାନ ପ୍ରୟୋଗ ଗୁଡ଼ିକୁ ପ୍ରୋତ୍ସାହିତ କରିବାର ଏହାର ଲକ୍ଷ୍ୟ ପୂରଣ କରୁଛି।

# ତେଲ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଆୟକର ଲାଗୁ କରିବ ଓମାନ




**ନୂଆଦିଲ୍ଲୀ,(ହି.ସ):** ଓମାନ ଉପସାଗରୀୟ ରାଷ୍ଟ୍ରମାନଙ୍କ ମଧ୍ୟରେ ପ୍ରଥମ ଦେଶ ଭାବେ ଆୟକର ଲାଗୁ କରିବାକୁ ଯାଉଛି, ଯାହା ତେଲ ଉପରେ ନିର୍ଭରଶୀଳତା ହ୍ରାସ କରି ସରକାରୀ ରାଜସ୍ୱର ନୂଆ ଉତ୍ସ ସୃଷ୍ଟି କରିବାରେ ଏକ ଐତିହାସିକ ପଦକ୍ଷେପ। ଏହି ନିଷ୍ପତ୍ତି ଓମାନର ଅର୍ଥନୀତିକୁ ବୈଚିତ୍ର୍ୟମୟ କରିବା ଏବଂ ତୈଳ ଆଧାରିତ ଅର୍ଥନୀତିରୁ ମୁକ୍ତ ହେବାକୁ ନେଇ ଦୀର୍ଘମିଆଦୀ ଯୋଜନାର ଏକ ଅଂଶ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଓମାନର ଏହି ନୀତି ଅନୁଯାୟୀ, ଦେଶର ନାଗରିକ ଏବଂ ବାସିନ୍ଦାମାନଙ୍କ ଉପରେ ଆୟକର ଲାଗୁ କରାଯିବ, ଯାହା ସରକାରୀ ରାଜସ୍ୱକୁ ବୃଦ୍ଧି କରିବା ସହ ଅଣ-ତୈଳ ଆଧାରିତ ଅର୍ଥନୀତିକୁ ପ୍ରୋତ୍ସାହନ ଦେବ। ଏହା ଓମାନର 'ଭିଜନ ୨୦୪୦' ରୂପରେଖର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ଯାହା ଅର୍ଥନୈତିକ ସ୍ଥିରତା ଏବଂ ବିବିଧତା ଉପରେ ଗୁରୁତ୍ୱ ଦେଇଛି। ବିଶ୍ୱ ବଜାରରେ ତୈଳ ମୂଲ୍ୟର ଅସ୍ଥିରତା ଏବଂ ଜୀବାଶ୍ମ ଇନ୍ଧନ ଉପରେ ବିଶ୍ୱବ୍ୟାପୀ ନିର୍ଭରଶୀଳତା ହ୍ରାସ ପାଇବା ପରିପ୍ରେକ୍ଷୀରେ ଓମାନର ଏହି ପଦକ୍ଷେପକୁ ଅନେକେ ସ୍ୱାଗତ କରିଛନ୍ତିୟ ଅର୍ଥନୈତିକ ବିଶସଂଜ୍ଞ ମାନଙ୍କ ମତରେ, ଆୟକର ଲାଗୁ କରିବା ଦ୍ୱାରା ଓମାନ ସରକାର ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଭିତ୍ତିଭୂମି ପରି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବିନିଯୋଗ ବୃଦ୍ଧି କରିପାରିବ, ଯାହା ଦୀର୍ଘକାଳୀନ ଅର୍ଥନୈତିକ ସ୍ଥିରତା ଆଣିବ। ତେବେ, ଏହି ନୂଆ ଆୟକର ନୀତି ସମ୍ପର୍କରେ ସଠିକ ବିବରଣୀ, ଯେପରି କର ହାର ଏବଂ ଏହା କାହା ଉପରେ ଲାଗୁ ହେବ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଓମାନର ଅର୍ଥ ମନ୍ତ୍ରଣାଳୟ ଶୀଘ୍ର ଏହାର ବିସ୍ତୃତ ରୂପରେଖ ପ୍ରକାଶ କରିବ ବୋଲି ଜଣାପଡ଼ିଛି। ଏହି ପଦକ୍ଷେପ ଓମାନକୁ ଅନ୍ୟ ଉପସାଗରୀୟ ରାଷ୍ଟ୍ରମାନଙ୍କ ପାଇଁ ଏକ ଉଦାହରଣ ସ୍ଥାପନ କରିପାରେ, ଯେଉଁମାନେ ମଧ୍ୟ ତୈଳ ନିର୍ଭରଶୀଳତାରୁ ମୁକ୍ତ ହେବା ପାଇଁ ବିକଳ୍ପ ରାଜସ୍ୱ ଉତ୍ସ ଖୋଜୁଛନ୍ତି। ଏହା ଓମାନର ଅର୍ଥନୈତିକ ସଂସ୍କାର ଏବଂ ଆଧୁନିକୀକରଣର ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

# ଇରାନ ଉପରେ ଆମେରିକାର ଆକ୍ରମଣ ନେଇ ସେୟାର୍ ମାର୍କେଟ ଉପରେ ପ୍ରଭାବ

**ନୂଆଦିଲ୍ଲୀ, (ହି.ସ):** ଇରାନର ତିନୋଟି ପରମାଣୁ କେନ୍ଦ୍ର ଉପରେ ଆମେରିକା ବୋମା ମାଡ଼ କରିବା ପରେ ମଧ୍ୟପ୍ରାଚ୍ୟ ସଙ୍କଟ ଆହୁରି ତୀବ୍ର ହୋଇଛି। ସେନସେକ୍ସ ପ୍ରାୟ ୫୦୦ ପଏଣ୍ଟ ଖୋଲିଥିଲା କିନ୍ତୁ ଶୀଘ୍ର ୮୦୦ ରୁ ଅଧିକ ହ୍ରାସ ପାଇଥିଲ। ଏପଟେ ନିଫ୍ଟି ପ୍ରାୟ ୨୫୦ ପଏଣ୍ଟ ହ୍ରାସ ପାଇଛି। ସକାଳ ୯.୪୫ ରେ, ସେନସେକ୍ସ ୮୧,୫୬୦ ପଏଣ୍ଟ ଏବଂ ନିଫ୍ଟି ୨୪,୮୫୯ ପଏଣ୍ଟରେ ଥିଲା। ବିଶ୍ୱ ମାନ୍ଦାବସ୍ଥା ପରେ ଭାରତୀୟ ବଜାରରେ ମଧ୍ୟ ସେୟାର୍ ବଜାର ହ୍ରାସ ଘଟିଛି। ସେହିପରି ଏନର୍ଜୀ ମାର୍କେଟରେ ମଧ୍ୟ ପ୍ରଭାବ। ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୨ ପ୍ରତିଶତ ବଢିଛି। ବିଶ୍ୱର ପଞ୍ଚମ କ୍ରୁଡ ଅଏଲ ତଥା ଇରାନ ଷ୍ଟ୍ରେଟ ଅଫ ହର୍ମୁଜ ବନ୍ଦ କରିବାକୁ ଅଶୋଧିତ ତେଲ ଦର ବଢିଛି। ଇରାନ ହେଉଛି ବିଶ୍ୱର ନବମ ତେଲ ଉତ୍ପାଦନକାରୀ ସଂସ୍ଥା ଏବଂ ଦିନକୁ ପ୍ରାୟ ୩ ଦଶମିକ ୩ ମିଲିୟନ ବ୍ୟାରେଲ କ୍ରୁଡ ଅଏଲ ଉତ୍ପାଦନ କରିଥାଏ। ଯୁଦ୍ଧ ଯୋଗୁ ଏବେ ତେଲ ବଜାରରେ ପ୍ରଭାବ ପଡିଛି। ଆଗାମୀ ଦିନରେ ପେଟ୍ରୋଲ ଓ ଡିଜେଲ ଦର ବଢିବ ବୋଲି ଆଶା କରାଯାଉଛି।

# ଇପିଏଫ୍‌ଓରେ ଯୋଡ଼ିହେଲେ ୧୯ ଲକ୍ଷ




**ନୂଆଦିଲ୍ଲୀ:** କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ)ରେ ଚଳିତ ବର୍ଷ ଏପ୍ରିଲରେ୧୯.୧୪ ଲକ୍ଷ ସଦସ୍ୟ ଯୋଡ଼ି ହୋଇଛନ୍ତିୟ ସେଥିରୁ ୮.୪୯ ଲକ୍ଷ ହେଉଛନ୍ତି ନୂଆ ସଦସ୍ୟ। ବର୍ଦ୍ଧିତ ନିଯୁକ୍ତି ସୁଯୋଗ, କର୍ମଚାରୀ ଲାଭକୁ ନେଇ ସଚେତନତାରେ ବୃଦ୍ଧି ଓ ଇପିଏଫ୍‌ଓର ଆଉଟ୍ରିଚ୍ କାର୍ଯ୍ୟକ୍ରମ ପାଇଁ ସଦସ୍ୟ ସଂଖ୍ୟା ବୃଥିବା ଶ୍ରମ ଓ ନିଯୋଜନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏଥର ୧୮-୨୫ ବର୍ଷ ବୟସ ବର୍ଗରେ ୪.୮୯ ଲକ୍ଷ ନୂଆ ସଦସ୍ୟ ଯୋଡ଼ିହୋଇଛନ୍ତି। ଏଥିରୁ ବୁଝାପଡୁଛି ଯେ ଯୁବବର୍ଗଙ୍କୁ ନୂଆ ଚାକିରି ମିଳୁଛି। ଚଳିତ ବର୍ଷ ମାର୍ଚ୍ଚ ତୁଳନାରେ ଏପ୍ରିଲରେ ଏହି ବର୍ଗରେ ନୂଆ ସଦସ୍ୟ ସଂଖ୍ୟା ୧୦ ପ୍ରତିଶତ ବଢ଼ିଛି। କେଣସି ନା କେଣସି କାରଣ ପାଇଁ ପୂର୍ବରୁ ଇପିଏଫ୍‌ଓରୁ ବାହାରି ଯାଇଥିବା ୧୫.୭୭ ଲକ୍ଷ ସଦସ୍ୟ ଗତ ଏପ୍ରିଲରେ ପୁଣି ଥରେ ଫେରିଛନ୍ତି। ସେମାନେ ନିଜ ଚାକିରି ବଦଳାଇଥାଇପାରନ୍ତି ବୋଲି ବିଚାର କରାଯାଉଛି। ଆଲୋଚ୍ୟ ମାସରେ ୨.୪୫ ନୂଆ ମହିଳା ସଦସ୍ୟ ଇପିଏଫ୍‌ଓରେ ଯୋଡ଼ି ହୋଇଛନ୍ତି ଯାହା ମାସିକ ଭିତ୍ତିରେ ୩୫.୨୪ ପ୍ରତିଶତ ଅଧିକ। ରାଜ୍ୟ ଗୁଡ଼ିକ ମଧ୍ୟରେ ମହାରାଷ୍ଟ୍ରରୁ ସର୍ବାଧିକ ୨୧.୨୨ ପ୍ରତିଶତ ସଦସ୍ୟ ଯୋଡ଼ି ହୋଇଛନ୍ତି। ଏହା ବ୍ୟତୀତ କର୍ଣ୍ଣାଟକ, ତାମିଲନାଡୁ, ଗୁଜରାଟ, ହରିୟାଣା, ଦିଲ୍ଲୀ, ଉତ୍ତରପ୍ରଦେଶ ଓ ତେଲେଙ୍ଗାନା ମଧ୍ୟ ୫ ପ୍ରତିଶତରୁ ଅଧିକ ସସଦ୍ୟ ଯୋଡ଼ିଛନ୍ତି।

# ହୋର୍ମୁଜ ପ୍ରଣାଳୀ ବନ୍ଦ ହେଲେ ପ୍ରଭାବିତ ହେବନି ଭାରତ: ତେଲ ଦର ୭୭ ଡଲାରକୁ ବୃଦ୍ଧି




**ନୂଆଦିଲ୍ଲୀ, (ହି.ସ):** ସାମୁଦ୍ରିକ ପରିବହନର ଏକ ପ୍ରମୁଖ ଜଳପଥ ହୋର୍ମୁଜ୍ ପ୍ରଣାଳୀ ବନ୍ଦ କରିବା ଲାଗି ଇରାନ ସରକାର ନେଇଥିବା ନିଷ୍ପତ୍ତି ଭାରତକୁ ବିଶେଷ ପ୍ରଭାବିତ କରିବ ନାହିଁୟ ତେଲ ମନ୍ତ୍ରୀ ହରଦୀପ ସିଂହ ପୁରୀ କହିଛନ୍ତି ଯେ ଭାରତର ଅଧିକାଂଶ ତେଲ ଏହି ପ୍ରାଣାଳୀ ଦେଇ ଆସୁନାହିଁ। କିଛି ବର୍ଷ ମଧ୍ୟ ଭାରତ ବିଭିନ୍ନ ଦେଶରୁ ତେଲ ଆଣିବା ପଦ୍ଧତି ଅବଲମ୍ବନ କରିଛି। ଦେଶର ତେଲ କମ୍ପାନିଗୁଡ଼ିକ ପାଖରେ ଯେତିକି ତେଲ ଅଛି ତାହା ଅନେକ ସପ୍ତାହର ଆବଶ୍ୟକତା ପୂରଣ କରିପାରିବ। ଅନ୍ୟ ବାଟଗୁଡ଼ିକ ଦେଇ ଭାରତକୁ ତେଲ ଆସିବା ଜାରି ରହିବ। ଲୋକମାନଙ୍କ ପାଖରେ ନିରବଚ୍ଛିନ୍ନ ତେଲ ପହଞ୍ଚାଇବା ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସରକାର ପ୍ରସ୍ତୁତ ଥିବା ଶ୍ରୀ ପୁରୀ କହିଛନ୍ତି। ଇରାନ ଓ ଇସ୍ରାଏଲ୍ ମଧ୍ୟରେ ଚାଲିଥିବା ଯୁଦ୍ଧରେ ଆମେରିକା ଯୋଗଦେବା ପରେ ଅନ୍ତର୍ଜାତୀୟ ତେଲ ବଜାର ଅସ୍ଥିର ହୋଇପଡ଼ିଛି। ଅଶୋଧିତ ତେଲର ବ୍ୟାରେଲ୍ ପିଛା ଦାମ୍ ୭୭ ଡଲାରରୁ ଅଧିକ ହୋଇଯାଇଛି। ବ୍ରେଣ୍ଟ୍ କ୍ରୁଡ୍ ଦାମ୍ ୭୭.୩୨ ଡଲାର ଓ ୟୁଏସ୍ ୱେଷ୍ଟ୍ ଏକ୍ସାସ୍ ଇଣ୍ଟରମେଡିଏଟ୍ କ୍ରୁଡ୍ ଦାମ୍ ୭୪.୦୪ ଡଲାରକୁ ବୃଦ୍ଧି ପାଇଛି। ତେଲ ଉତ୍ପାଦନ କରୁଥିବା ଦେଶ ଗୁଡ଼ିକର ସଂଘ ଓପେକ୍‌ର ଏକ ବଡ଼ ସଦସ୍ୟ ହେଉଛି ଇରାନ। ଏହା ଏକ ତୃତୀୟାଂଶ ତେଲ ଉତ୍ପାଦନ କରୁଛି। ସେଠାରେ ଦେଖାଦେଇଥିବା ଉତ୍ତେଜନା ତେଲ ଯୋଗାଣ ପ୍ରତି ବିପଦ ସୃଷ୍ଟି କରିଛି। ହୋର୍ମୁଜ୍ ପ୍ରଣାଳୀକୁ ବନ୍ଦ କରିବା ଲାଗି ପଦକ୍ଷେପ ନିଆଗଲେ ସାରା ବିଶ୍ୱରେ ତେଲ ବଜାର ଅସ୍ଥିର ହୋଇପଡ଼ିବ ବୋଲି ପୂର୍ବରୁ ଆଶଙ୍କା କରାଯାଉଥିଲା। ଉତ୍ତେଜନା ବିଳେ ହୋର୍ମୁଜ୍ ପ୍ରଣାଳୀ ବନ୍ଦ କରିବାକୁ ଇରାନ ଧମକ ଦେଇଥିଲା। ତାହା ହେଉଛି ଏକମାତ୍ର ଜଳପଥ ଯାହା ମଧ୍ୟ ଦେଇ ମଧ୍ୟପ୍ରାଚ୍ୟ ଦେଶରୁ ତେଲ ବିଭିନ୍ନ ଦେଶକୁ ଯାଇଥାଏ। ବିଶ୍ୱର ୨୬ ପ୍ରତିଶତ ତେଲ ତାହା ଜରିଆରେ ପରିବହନ କରାଯାଉଛି। ଇରାନ ଓ ଇସ୍ରାଏଲ୍ ମଧ୍ୟରେ ଉତ୍ତେଜନା ଦେବା ଦେବା ପରଠାରୁ ତେଲ ଦର ଲଗାତାର ଭାବେ ବୃଦ୍ଧିୟ ଏହାର ଦାମ୍ ବ୍ୟାରେଲ୍ ପିଛା ୧୨୦ ଡଲାରରୁ ଅଧିକ ହେବା ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇ ଆବଶ୍ୟକତାର ୮୫% ଆମଦାନି ଜରିଆରେ ପୂରଣ କରୁଛି। ତେଣୁ ତେଲ ବଜାରରେ କେଣସି ପ୍ରକାର ବିଭ୍ରାଟ ଏହାକୁ ପ୍ରଭାବିତ କରିଥାଏ



# ନ୍ୟୁ ରାୟପୁରରେ ସୁରକ୍ଷାକର୍ମୀଙ୍କ ସହ ମତ ବିନିମୟ କରିଛନ୍ତି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ



**ଛତିଶଗଡ଼, (ହି.ସ):** କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ଛତିଶଗଡ଼ର ନ୍ୟୁ ରାୟପୁରରେ ସୁରକ୍ଷାକର୍ମୀଙ୍କ ସହ ମତ ବିନିମୟ କରିଛନ୍ତିୟ ଏହି ମତ ବିନିମୟ କାର୍ଯ୍ୟକ୍ରମରେ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇ, ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା, କେନ୍ଦ୍ର ଗୃହ ସଚିବ, ଗୁଇନ୍ଦା ବ୍ୟୁରୋର ନିର୍ଦ୍ଦେଶକ, ବିଏସ୍‌ଏଫ୍ ର ମହାନିର୍ଦ୍ଦେଶକ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସୁରକ୍ଷା କର୍ମୀମାନଙ୍କୁ ସମ୍ବୋଧିତ କରି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ, କୋବ୍ରା ଦଳ, ଛତିଶଗଡ଼ ପୋଲିସ ଏବଂ ଜିଲ୍ଲା ରିଜର୍ଭ ଗାର୍ଡ (ଡିଆରଜି) ର ସାହସ, ବୀରତ୍ୱ, ବଳିଦାନ ଏବଂ ସମର୍ପଣ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେୟ ସେ କହିଥିଲେ, ମୋର ସମ୍ପୂର୍ଣ୍ଣ ବିଶ୍ୱାସ ରହିଛି ଯେ ଆମ ସୁରକ୍ଷା ବାହିନୀର ସାହସିକତା ଏବଂ ଅକ୍ଲାନ୍ତ ପ୍ରୟାସ ହିଁ ନକ୍ସଲବାଦ ବିରୋଧରେ ଲଢ଼େଇକୁ ସଫଳ କରିଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ ଯେ ଯେଉଁଭଳି ଭାବେ ସୁରକ୍ଷା ବାହିନୀ ବିପୁଳ ସାହସ, ଧୈର୍ଯ୍ୟ ଏବଂ ପ୍ରତିବଦ୍ଧତାର ସହ ମାଓବାଦୀଙ୍କ ଗୁପ୍ତ ସ୍ଥାନକୁ ଧ୍ୱଂସ କରିଛନ୍ତି, ତାହା ସାରା ବିଶ୍ୱରେ ସୁରକ୍ଷା ବାହିନୀଙ୍କୁ ଚକିତ କରିଦେଇଛି। ମୁଁ ଜାଣେ ଯେ ଆମର ଯବାନମାନେ ଯାହା ହାସଲ କରିବାକୁ ସ୍ଥିର କରନ୍ତି, ସେମାନେ ସର୍ବଦା ସଫଳ ହୁଅନ୍ତି, ବୋଲି ସେ କହିଥିଲେୟ ଶ୍ରୀ ଶାହ ଆହୁରି ଜୋର ଦେଇ କହିଥିଲେ, ଏହା ହେଉଛି ଆମର ସୁରକ୍ଷା ବାହିନୀ ଉପରେ ବିଶ୍ୱାସ ଯାହା ଦ୍ୱାରା ଅନୁପ୍ରାଣିତ ହୋଇ ମୁଁ ଦୋହରାଇବି ଯେ ଆମେ ୨୦୨୬ ମସିହା ମାର୍ଚ୍ଚ ୩୧ ତାରିଖ ପୂର୍ବରୁ ନକ୍ସଲବାଦକୁ ମୂଳପୋଛ କରିଦେବୁ। ଅମିତ ଶାହ କହିଥିଲେ ଯେ ଗରିବ ଆଦିବାସୀ ଅଞ୍ଚଳଗୁଡ଼ିକ ପାଇଁ ନକ୍ସଲବାଦ ଏକ ବଡ଼ ବିପର୍ଯ୍ୟୟ ହୋଇଛି, ଯେଉଁଥିରେ ଗତ ୩୫ ବର୍ଷ ମଧ୍ୟରେ ପ୍ରାୟ ୪,୦୦୦ ଲୋକ ପ୍ରାଣ ହରାଇଛନ୍ତି, ଏବଂ ଆହୁରି ଅନେକ ଅକ୍ଷମ ହୋଇ ପଡ଼ିଛନ୍ତି। ସେ କହିଥିଲେ ଯେ ଔଦ୍ୟୋଗିକ ବିକାଶର କୌଣସି ସମ୍ଭାବନା କଥା ଛାଡ଼ନ୍ତୁ, ନକ୍ସଲ ହିଂସା ଗରିବ ଆଦିବାସୀ ଜନସାଧାରଣଙ୍କୁ ଖାଦ୍ୟ, ବିଦ୍ୟୁତ, ଶିକ୍ଷା, ବାସଗୃହ, ଶୌଚାଳୟ ଏବଂ ସ୍ୱଚ୍ଛ ପାନୀୟ ଜଳ ଭଳି ମୌଳିକ ଆବଶ୍ୟକତାରୁ ବଞ୍ଚିତ କରିଥିଲା। ସମଗ୍ର ଅଞ୍ଚଳ ଦଶନ୍ଧି ଦଶନ୍ଧି ଧରି ଦାସତ୍ୱ ଭଳି ପରିସ୍ଥିତିରେ ବଞ୍ଚିବାକୁ ବାଧ୍ୟ ହୋଇଥିଲା, ଏବଂ ଏହି ଯନ୍ତ୍ରଣାର ମୂଳ କାରଣ ଥିଲା ନକ୍ସଲବାଦୟ ସ୍ୱରାଷ୍ଟ୍ର ମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିଲେ ଯେ ଯେହେତୁ ବିଭିନ୍ନ ଅଞ୍ଚଳରୁ ନକ୍ସଲବାଦ ସମାପ୍ତ ହେଉଛି, ଛତିଶଗଡ଼ ସରକାର ଖାଦ୍ୟ, ସ୍ୱାସ୍ଥ୍ୟସେବା, ଶିକ୍ଷା, ବିଦ୍ୟୁତ୍, ବାସଗୃହ, ପରିମଳ ଏବଂ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରୁଛନ୍ତି-ଯାହା ଦ୍ୱାରା ଲୋକଙ୍କୁ ବିକାଶର ମୁଖ୍ୟ ସ୍ରୋତରେ ସାମିଲ କରାଯାଉଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, ଯେତେବେଳେ ଏକ ପିଲା ବନ୍ଧୁକ ପରିବର୍ତ୍ତେ ଏକ ପେନସିଲ୍ ଉଠାଇ 'କ, ଖ, ଗ ଲେଖିବା ଆରମ୍ଭ କରେ, ଏହା କେବଳ ସେହି ପିଲାର ନୁହେଁ, ବରଂ ସମଗ୍ର ଦେଶର ଭବିଷ୍ୟତକୁ ବଦଳାଇ ଦିଏ। ସେହି ମୁହୂର୍ତ୍ତ ଅତି ନିକଟତର। ଅମିତ ଶାହ କହିଥିଲେ ଯେ ଯେତେବେଳେ ୨୦୨୬ ମସିହା ମାର୍ଚ୍ଚ ମାସରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଦେଶ ନକ୍ସଲବାଦରୁ ମୁକ୍ତ ହେବ, ସେତେବେଳେ ଏହା ସ୍ୱାଧୀନତା ପରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ମଧ୍ୟରୁ ଗୋଟିଏ ହେବ। ସେ କହିଥିଲେ ଯେ ଯେତେବେଳେ ନକ୍ସଲବାଦର ମୂଳୋତ୍ପାଟନ ଇତିହାସ ଲେଖାଯିବ, ସେତେବେଳେ ଆମ ସୁରକ୍ଷା ବାହିନୀର ବଳିଦାନ, ନିଷ୍ଠା ଏବଂ କଠିନ ପରିଶ୍ରମ ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ ହୋଇଯିବ। ଅମିତ ଶାହ ଛତିଶଗଡ଼ର ନ୍ୟୁ ରାୟପୁରରେ 'ଲିଓର ଓଇନା ପୁସ୍ତକର ମଧ୍ୟ ଉନ୍ମୋଚନ କରିଥିଲେ। ଏହି ପୁସ୍ତକଟି ନକ୍ସଲ ହିଂସାରେ ପୀଡିତଙ୍କ ଜୀବନ ଉପରେ ଆଧାରିତ। ଏହା ସେହି ନିର୍ଦ୍ଦୋଷ ଏବଂ ନିରସ୍ତ୍ର ଲୋକଙ୍କ ଯନ୍ତ୍ରଣାକୁ ବୁଝିବା ପାଇଁ ସହାୟକ ହେବ, ଯେଉଁମାନେ ନକ୍ସଲବାଦୀଙ୍କ ଦ୍ୱାରା କରାଯାଇଥିବା ନିଷ୍ଠୁର ହିଂସାର ଶିକାର ହୋଇଥିଲେ। ମାନବ ଅଧିକାର ନାମରେ ଯେଉଁମାନେ ନକ୍ସଲବାଦୀଙ୍କ ପ୍ରତି ସହାନୁଭୂତି ଦେଖାନ୍ତି, ସେମାନଙ୍କ ଆଖି ମଧ୍ୟ ଏହା ଖୋଲିଦେବ ଏବଂ ସେମାନଙ୍କ କାର୍ଯ୍ୟକଳାପକୁ ପଦାରେ ପକାଇବାରେ ସହାୟକ ହେବ।

# ଇରାନ ଉପରେ ଆମେରିକାର ଆକ୍ରମରକୁ ନେଇ ବିଶ୍ୱ ପ୍ରତିକ୍ରିୟା

**ୱାଶିଂଟନ,(ହି.ସ):** ଆମେରିକା ଦ୍ୱାରା ରବିବାର ଦିନ ଇରାନର ତିନୋଟି ପରମାଣୁ କେନ୍ଦ୍ର ଉପରେ କରାଯାଇଥିବା ବିମାନ ଆକ୍ରମଣ ପରେ ବିଶ୍ୱର ବହୁତ ଦେଶ ତୀବ୍ର ପ୍ରତିକ୍ରିୟା ଜଣାଇଛନ୍ତି। କିଛି ଦେଶ ଇରାନର ପରମାଣୁ ଆକାଂକ୍ଷା ସମ୍ପର୍କରେ ଚିନ୍ତା ବ୍ୟକ୍ତ କରିଛନ୍ତି, ଅଧିକାଂଶ ଦେଶ ଏହି ଅଞ୍ଚଳରେ ବିବାଦ ହ୍ରାସ କରିବା ଓ ଆଲୋଚନାକୁ ପୁନଃ ଆରମ୍ଭ କରିବା ପାଇଁ ଆହ୍ୱାନ କରିଛନ୍ତି। ମିଳିତ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଏହି ପରିସ୍ଥିତିକୁ 'ଅତ୍ୟନ୍ତ ଚିନ୍ତାଜନକ ବୋଲି ବର୍ଣ୍ଣନା କରି ସଚେତନ କରିଛନ୍ତି ଯେ ଏହି ସଂଘର୍ଷ ଦ୍ରୁତ ଗତିରେ ନିୟନ୍ତ୍ରଣରୁ ବାହାରି ପାରେ ଓ ଏହାର ପ୍ରଭାବ ସାଧାରଣ ନାଗରିକ, ସମଗ୍ର ଅଞ୍ଚଳ ଓ ବିଶ୍ୱ ଉପରେ ପଡ଼ିପାରେ। ସେ ସ୍ପଷ୍ଟ କହିଛନ୍ତି, "ଏହି ସଂକଟର କୌଣସି ସୈନ୍ୟ ସମାଧାନ ନାହିଁ, କେବଳ ରାଜନୈତିକ ଉପାୟ ହିଁ ପଥ ଅଟେ।" ୟୁନାଇଟେଡ୍ କିଙ୍ଗଡମର ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର କହିଛନ୍ତି ଯେ ଇରାନ କେବେ ବି ପରମାଣୁ ଅସ୍ତ୍ର ହାସଲ୍ କରିବା ଉଚିତ୍ ନୁହେଁ, ଏହା ବିଶ୍ୱ ସୁରକ୍ଷା ପାଇଁ ଅତ୍ୟନ୍ତ ଆବଶ୍ୟକ। ସେ ଆମେରିକାର ଆକ୍ରମଣକୁ ସମର୍ଥନ ନ ଦେଲେ ମଧ୍ୟ, ଇରାନର ପରମାଣୁ କାର୍ଯ୍ୟକ୍ରମକୁ 'ଗମ୍ଭୀର ବିପଦ' ବୋଲି କହିଛନ୍ତି। ସେ ଅଞ୍ଚଳର ସ୍ଥିରତା ପାଇଁ ଆଲୋଚନାକୁ ପ୍ରାଥମିକତା ଦେବାକୁ ଆହ୍ୱାନ କରିଛନ୍ତି। ରୁଷ ଏହି ଆକ୍ରମଣକୁ ଆନ୍ତର୍ଜାତୀୟ ଆଇନର ଉଲ୍ଲଂଘନ ବୋଲି କହି 'ନିନ୍ଦା' କରିଛି। ରୁଷୀୟ ସୁରକ୍ଷା ପରିଷଦର ଉପାଧ୍ୟକ୍ଷ ଦିମିତ୍ରି ମେଦଭେଦେଭ ଦାବି କରିଛନ୍ତି ଯେ କିଛି ଦେଶ ଇରାନକୁ ପରମାଣୁ ଅସ୍ତ୍ର ଦେବା ପାଇଁ ପ୍ରସ୍ତୁତ ଅଛନ୍ତି, ଏବଂ ଆମେରିକାର ଆକ୍ରମଣ ଇରାନର ପରମାଣୁ ଆକାଂକ୍ଷାକୁ ବନ୍ଦ କରିପାରିବ ନାହିଁ।

# ଆଇଏସଆଇଏସ ସହ ସଂପର୍କ ଥିବା ଅଭିଯୋଗରେ ୩ ଗିରଫ

**କୋଲକାତା,(ହି.ସ):** ଦକ୍ଷିଣ କୋଲକାତାର କସ୍ବା ଅଞ୍ଚଳରେ ଏକ ଭଡା ଫ୍ଲାଟରୁ ତିନି ଯୁବକଙ୍କୁ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ସହିତ କଥିତ ସମ୍ପର୍କ ରହିଥିବା ଅଭିଯୋଗରେ ଗିରଫ କରାଯାଇଛି। କେନ୍ଦ୍ରୀୟ ଗୁପ୍ତଚର ବିଭାଗ ଗୋପନୀୟ ସୂଚନା ଆଧାରରେ କାର୍ଯ୍ୟାନୁଷ୍ଠାନ ନେଇ, ଏମାନଙ୍କୁ ରବିବାର ରାତିରେ ଗିରଫ କରିଛି। ଏମାନଙ୍କୁ ପ୍ରଥମେ ହେପାଜତକୁ ନିଆଯାଇଥିଲା ଏବଂ ପଚରାଉଚରା ପରେ ଗିରଫ କରାଯାଇଛି। ଅଧିକ ପଚରା ଉଚରା ପାଇଁ ତିନିଜଣଙ୍କୁ ଦିଲ୍ଲୀକୁ ନିଆଯାଇଛି। ସୂତ୍ର ଅନୁସାରେ, ଗୁପ୍ତଚର ଏଜେନ୍ସି ସୂଚନା ପାଇଥିଲା ଯେ, ଆଇଏସଆଇଏସର କିଛି ସନ୍ଦିଗ୍ଧ ସଦସ୍ୟ କୋଲକାତାରେ ଲୁଚିଛନ୍ତି ଏବଂ ସେମାନେ ସିଧାସଳଖ ସିରିୟା ସହିତ ଯୋଗାଯୋଗ ରଖିଛନ୍ତି। ଏହି ସୂଚନା ଆଧାରରେ ଦିଲ୍ଲୀରୁ ଆସିଥିବା ଏକ ଟିମ୍ କସ୍ବାର ରାଜଡାଙ୍ଗା ଅଞ୍ଚଳରେ ଅବସ୍ଥିତ ଏକ ଫ୍ଲାଟରେ ରେଡ୍ କରିଥିଲେ। ସେଠାରେ ଥିବା ତିନି ଯୁବକ ନିଜକୁ ଆଇଟି ପେଶାଜୀବୀ ବୋଲି କହିଥିଲେ, କିନ୍ତୁ ତଦନ୍ତ ସମୟରେ ସନ୍ଦେହ ବଢ଼ିଥିଲା। ଫ୍ଲାଟ ତଲାସୀ ସମୟରେ ଏଜେନ୍ସିମାନେ ଦୁଇଟି ଲ୍ୟାପଟପ୍ ଜବତ କରିଥିଲେ, ଯେଉଁଥିରେ ଅନେକ ସନ୍ଦିଗ୍ଧ ଇଲେକ୍ଟ୍ରନିକ ଡକ୍ୟୁମେଣ୍ଟ ମିଳିଥିଲା। ଏହା ପରେ ସେମାନଙ୍କୁ ଦିଲ୍ଲୀକୁ ନିଆଯାଇ ବିସ୍ତୃତ ଭାବେ ପଚାରାଉତ୍ତର କରିବା ପାଇଁ ନିଷ୍ପତି ନିଆଯାଇଛି।

## ସମ୍ପାଦକୀୟ

# ଓଡ଼ିଶା ଭିଜନ ୨୦୪୭ - କଣ ରହିଛି ଏଥିରେ ?

ଓଡ଼ିଶା ଭିଜନ ୨୦୪୭ ହେଉଛି ଓଡ଼ିଶା ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ବିସ୍ତୃତ ଦୀର୍ଘକାଳୀନ ବିକାଶ ଯୋଜନା, ଯାହା ୨୦୪୭ ସୁଦ୍ଧା ବିକଶିତ ଭାରତର ଜାତୀୟ ଲକ୍ଷ୍ୟ ସହିତ ମେଳ ଖାଇବା ପାଇଁ ପରିକଳ୍ପନା କରାଯାଇଛି। ଭାରତ ସ୍ୱାଧୀନତା ହାସଲ କରିବାର ଏକ ଶତାବ୍ଦୀ ସହିତ ଏହି ଦଲିଲକୁ ଯୋଡ଼ା ଯାଇଛି। ଏହି ପଦକ୍ଷେପ ଓଡ଼ିଶା ଭିଜନ ୨୦୩୬ ଦ୍ୱାରା ସ୍ଥାପିତ ମୂଳଦୁଆ ଉପରେ ଆଧାରିତ, ଯାହା ରାଜ୍ୟର ଶତବାର୍ଷିକୀ ସହିତ ମେଳ ଖାଉଛି। ୨୦୪୭ ସୁଦ୍ଧା ଓଡ଼ିଶାକୁ ୧.୫ ଲକ୍ଷ କୋଟି ଆମେରିକୀୟ ଡଲାର ଅର୍ଥବ୍ୟବସ୍ଥା ଏବଂ ୨୦୩୬ ସୁଦ୍ଧା ୫୦୦ ବିଲିୟନ ଆମେରିକୀୟ ଡଲାର ଅର୍ଥବ୍ୟବସ୍ଥା ସହିତ ଏକ ବିକଶିତ ରାଜ୍ୟରେ ପରିଣତ କରିବାକୁ ଲକ୍ଷ୍ୟ ରଖା ଯାଇଛି ଯାହା ଦ୍ୱାରା ଓଡିଶା ଭାରତର ଜିଡିପିରେ ୫ ପ୍ରତିଶତ ଯୋଗଦାନ କରି ପାରିବ। ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା '୩୬ ଫର୍ ୩୬' ପଦକ୍ଷେପ ଆରମ୍ଭ କରିଛି, ଯାହାର ଉଦ୍ଦେଶ୍ୟ ହେଉଛି ଭିତ୍ତିଭୂମି, ଶିଳ୍ପ ଏବଂ ପର୍ଯ୍ୟଟନ ଭଳି ପ୍ରମୁଖ କ୍ଷେତ୍ରରେ ବିକାଶକୁ ପ୍ରୋତ୍ସାହିତ କରିବା ୨୦୩୬ ସୁଦ୍ଧା ୩୬ଟି ଫ୍ଲାଗସିପ୍ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଲକ୍ଷ ରଖାଯାଇଛି।

ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କ୍ଷେତ୍ର (ବି.ସି.ପି.ପି.ଇ.ଆର୍.) ରାଜ୍ୟର ମୋଟ ରାଜ୍ୟ ଘରୋଇ ଉତ୍ପାଦ (ଜି.ଏସ୍.ଡି.ପି.)ର ଏକ ତୃତୀୟାଂଶ ଯୋଗଦାନ ଦେଇ ୫୦୦ ବିଲିୟନ ଆମେରିକୀୟ ଡଲାରର ଅର୍ଥନୈତିକ କେନ୍ଦ୍ରରେ ପରିଣତ ହେବ ବୋଲି ଆଶା କରାଯାଉଛି। ଭିତ୍ତିଭୂମି ବିକାଶ ଯୋଜନାରେ ସଡ଼କ ଏବଂ ରେଳ ନେଟୱାର୍କର ସମ୍ପ୍ରସାରଣ, ବନ୍ଦର ସୁବିଧା ବୃଦ୍ଧି ଏବଂ ବିମାନ ସଂଯୋଗରେ ଉନ୍ନତି, ୨୦୪୭ ସୁଦ୍ଧା ୧୫ ଟି ବିମାନବନ୍ଦର ଯୋଜନା ସହିତ, ୨୦୩୦ ସୁଦ୍ଧା ପୁରୀର ଏକ ସମ୍ଭାବ୍ୟ ଆନ୍ତର୍ଜାତୀୟ ବିମାନବନ୍ଦର ଅନ୍ତର୍ଭୁକ୍ତ। ଏହାବ୍ୟତୀତ, ଓଡ଼ିଶାକୁ ଏକ ଅଗ୍ରଣୀ କ୍ରୀଡ଼ା ଗନ୍ତବ୍ୟସ୍ଥଳରେ ପରିଣତ କରିବା ଲାଗି ଆଧୁନିକ କ୍ରୀଡ଼ା ସୁବିଧା ପ୍ରତିଷ୍ଠା କରାଯିବ। ପର୍ଯ୍ୟଟନ ଏବଂ ନବସୃଜନ କ୍ଷେତ୍ରରେ ଓଡ଼ିଶା ଏକ ପ୍ରମୁଖ ପର୍ଯ୍ୟଟନ ହଟସ୍ପଟ୍ ଏବଂ ନବସୃଜନ ତଥା ଜ୍ଞାନ ଭିତ୍ତିକ ସେବା ଶିଳ୍ପର କେନ୍ଦ୍ର ହେବା ପାଇଁ ଲକ୍ଷ୍ୟ ରଖିଛି। ଏହି ପରିକଳ୍ପନା ଆଧୁନିକ ସୁବିଧା, ବ୍ୟାପକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏବଂ ପ୍ରମୁଖ କ୍ରୀଡ଼ା କାର୍ଯ୍ୟକ୍ରମ ଆୟୋଜନ ପାଇଁ ଆବଶ୍ୟକ ଅତ୍ୟାବଶ୍ୟକ ଭିତ୍ତିଭୂମିରେ ନିବେଶକୁ ପ୍ରାଥମିକତା ଦେଇ କ୍ରୀଡ଼ାର ପ୍ରଗତି ଉପରେ ଗୁରୁତ୍ୱ ଦେଇଥାଏ। ଏହି ଅଗ୍ରଗାମୀ ଚିନ୍ତାଧାରାର ଲକ୍ଷ୍ୟ ହେଉଛି ଏହି ଅଞ୍ଚଳ ମଧ୍ୟରେ କ୍ରୀଡ଼ାର ମାନକୁ ଉନ୍ନତ କରିବା। ଏହି ଯୋଜନାରେ ଦକ୍ଷତା କାର୍ଯ୍ୟକ୍ରମ (ଓଡ଼ିଶାରେ ଦକ୍ଷତା, ବିଶ୍ୱ ପାଇଁ ଦକ୍ଷତା), କ୍ରୀଡ଼ା ବିକାଶ ଏବଂ ସାମଗ୍ରିକ ସୁସ୍ଥତା ଉପରେ ଗୁରୁତ୍ୱ ଦିଆଯାଇଛି, ଯାହା ଦ୍ୱାରା ସମସ୍ତ ନାଗରିକ ସୁଯୋଗ ପାଇପାରିବେ। ଏକ ଓଡ଼ିଶା ଭିଜନ ସେଲ୍ ଦ୍ୱାରା ଏସବୁର ଶାସନ ଏବଂ ତଦାରଖ ପରିଚାଳିତ ହେବ, ଯାହା ମାସିକ ସମୀକ୍ଷା ମାଧ୍ୟମରେ କାର୍ଯ୍ୟକାରୀ ପ୍ରକ୍ରିୟାର ତଦାରଖ କରିବ। ଏହା ଜିଲ୍ଲା ସ୍ତରୀୟ ଭିଜନ ୟୁନିଟ୍ ଏବଂ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଉଚ୍ଚ ସ୍ତରୀୟ କମିଟି ଦ୍ୱାରା ପରିଚାଳିତ ହେବ। ଏହି ଦୂରଦୃଷ୍ଟି ତିନୋଟି ମୌଳିକ ସ୍ତମ୍ଭ ଉପରେ ନିର୍ମିତ ହୋଇଛିଃ ସମାବେଶନ, ସମୃଦ୍ଧି ଏବଂ ସୁସ୍ଥତା। ଏହାର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ସମସ୍ତ ବ୍ୟକ୍ତିଙ୍କ ପାଇଁ ସୁଖ, ସ୍ୱାସ୍ଥ୍ୟ ଏବଂ ସମୃଦ୍ଧି ପାଇଁ ମାର୍ଗ ସୃଷ୍ଟି କରିବା।

୨୦୪୭ ମସିହା ସୁଦ୍ଧା ୧.୫ ଲକ୍ଷ କୋଟି ଆମେରିକୀୟ ଡଲାର ଅର୍ଥବ୍ୟବସ୍ଥା ହାସଲ କରିବାର ଲକ୍ଷ୍ୟ ଉଚ୍ଚାଭିଳାଷୀ ହୋଇଥିବା ବେଳେ, ଏହା ନିରନ୍ତର ଉଚ୍ଚ ଅଭିବୃଦ୍ଧି ହାର, ଗୁରୁତ୍ୱପୂର୍ଣ୍ଣ ଘରୋଇ କ୍ଷେତ୍ରର ନିବେଶ ଏବଂ ବିଭିନ୍ନ ଅଂଶୀଦାରଙ୍କ ମଧ୍ୟରେ ପ୍ରଭାବୀ ସମନ୍ୱୟର ଆବଶ୍ୟକତା ରହିଛି। ସରକାରୀ-ବେସରକାରୀ ଭାଗିଦାରୀ ଉପରେ ନିର୍ଭରଶୀଳତା ଏବଂ ଟେକ୍ନୋଲୋଜିର ଲାଭ ଉଠାଇବା ଭଳି ଏକ ଶାସନ ମଡେଲ ଆଶାଜନକ, ତଥାପି ଏହା ଅମଲାତାନ୍ତ୍ରିକ ପ୍ରତିବନ୍ଧକ ଏବଂ ନ୍ୟାୟସଙ୍ଗତ ସମ୍ବଳ ବିତରଣର ଆବଶ୍ୟକତା ଭଳି ଆହ୍ୱାନର ସମ୍ମୁଖୀନ ହେଉଛି।

ପରିଶେଷରେ, ଏହି ଦୂରଦୃଷ୍ଟିର ସଫଳତା ଦୃଢ଼ କାର୍ଯ୍ୟାନ୍ୱୟନ ରଣନୀତି ଏବଂ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଥିବା ଅସମାନତା ଦୂର କରିବା ଉପରେ ନିର୍ଭର କରେ।

# ସତର୍କ ରହିଲେ ପାଖ ମାଡ଼ିବନି କର୍କଟ ରୋଗ



ଡାକ୍ତର ଚିନ୍ମୟ କୁମାର ପାଣି

ବିଭିନ୍ନ କାରଣରୁ ଏବେ ଅନେକ ପ୍ରକାର କର୍କଟ ରୋଗ ସୃଷ୍ଟି ହେଲାଣି ସତ କିନ୍ତୁ ଉପଯୁକ୍ତ ସମୟରେ ରୋଗ ଚିହ୍ନଟ ସହ ଚିକିତ୍ସା ଆରମ୍ଭ ହେଲେ ଏବଂ ରୋଗୀର ମନୋବଳ ଦୃଢ଼ ହେଲେ କର୍କଟ ଭଳି ରୋଗକୁ ପରାଜିତ କରାଯାଇପାରିବ। ଏପରିକି କର୍କଟ ରୋଗ ସହ ଲଢୁଥିବା ରୋଗୀ ମନୋବଳକୁ ଦୃଢ଼ ରଖି ଚିକିତ୍ସା ଉପରେ ଧ୍ୟାନ ଦେବା ଦରକାର। ସର୍ଭାଇଭର ଡେ'ରେ ଏହି ମତ ରଖିଛନ୍ତି ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ଚିନ୍ମୟ କୁମାର ପାଣି। କେବଳ ଏତିକି ନୁହେଁ ଡାକ୍ତର ଶ୍ରୀ ପାଣି ବର୍ତ୍ତମାନର କର୍କଟ ସ୍ଥିତି ସଂପର୍କରେ ସୂଚନା ମଧ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ, ଏବେ ସର୍ବାଧିକ ଭାବେ ସ୍ତନ ଓ ମୁଖଗହ୍ୱର କର୍କଟ ରେକର୍ଡ ସୃଷ୍ଟି କଲାଣି। ଅତ୍ୟଧିକ ନିଶା କାରବାର ସାଙ୍ଗକୁ ଜୀବନଶୈଳୀରେ ପରିବର୍ତ୍ତନ ଏବଂ ଆଧୁନିକତାର ଛାପ ଏହାର ମୁଖ୍ୟ କାରଣ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ସେହିଭଳି ଭାରତରେ ପ୍ରତି ୫ଜଣରେ ୩ଜଣ, ଆମେରିକାରେ ପ୍ରତି ୪ଜଣରେ ଜଣେ କର୍କଟ ରୋଗୀ ମୃତ୍ୟୁବରଣ କରୁଥିବା ବେଳେ ଚୀନ୍‌ରେ ପ୍ରତି ୨ଜଣରେ ଜଣେ କର୍କଟ ରୋଗୀ ଆଖି ବୁଜି ଦେଉଛନ୍ତି। ଲାନ୍‌ସେଟ ରିଜିଓନାଲ ହେଲ୍‌ଥ ସାଉଥଇଷ୍ଟ ଏସିଆ ପତ୍ରିକାରେ ଏଭଳି ଅନେକ ତଥ୍ୟ ପ୍ରକାଶ ପାଇଛି। ଭାରତୀୟ ଚିକିତ୍ସା ଅନୁସନ୍ଧାନ ପରିଷଦ ବା ଆଇସିଏମ୍‌ଆର୍ ଅଧ୍ୟୟନରୁ ଜଣାପଡେ ଯେ, ସମଗ୍ର ବିଶ୍ୱରେ ଏବେ ସର୍ବାଧିକ କର୍କଟ ରୋଗୀ ଚିହ୍ନଟ ହେଉଛନ୍ତି। ଏମିତିକି ଦେଶୱାରୀ କର୍କଟ ରୋଗୀଙ୍କ ସଂଖ୍ୟା ନେଇ ଯେଉଁ ତାଲିକା କରାଯାଇଛି ସେଥିରେ ତୃତୀୟ ସ୍ଥାନରେ ରହିଛି ଭାରତ। ବିଶ୍ୱର କର୍କଟ ଜନିତ ମୃତ୍ୟୁର ୧୦ପ୍ରତିଶତ କେବଳ ଭାରତରେ ହେଉଛି। ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ ଆସନ୍ତା ଦୁଇ ଦଶନ୍ଧି ମଧ୍ୟରେ ଭାରତ କର୍କଟଜନିତ ମୃତ୍ୟୁ ପରିଚାଳନା କରିବାରେ ଏକ ମସ୍ତବଡ ଚ୍ୟାଲେଞ୍ଜ ସାମ୍ନା କରିବ। କାରଣ ଗ୍ଲୋବାଲ କ୍ୟାନ୍‌ସର ଅବଜରଭେଟୋରି-୨୦୨୨ ଏବଂ ଗ୍ଲୋବାଲ ହେଲ୍‌ଥ ଅବଜରଭେଟୋରି ତଥ୍ୟ ଆଧାରରେ ୨୦ବର୍ଷ ମଧ୍ୟରେ ୩୬ପ୍ରକାର କର୍କଟ ରୋଗ ଉପରେ ପରୀକ୍ଷଣ ହୋଇଥିଲା ଏବଂ କର୍କଟ ରୋଗ ଜନିତ ମୃତ୍ୟୁ ପ୍ରତିବର୍ଷ ବୃଦ୍ଧି ପାଉଥିବା ଏହି ପରିକ୍ଷଣ ବେଳେ ବିଶେଷଜ୍ଞ ଟିମ୍ ଜାଣି ପାରିଥିଲେ। କେବଳ ଏତିକି ନୁହେଁ ପରୀକ୍ଷଣରୁ ଆଉ କିଛି ଚିତ୍ର ମଧ୍ୟ ସାମ୍ନାକୁ ଆସିଛି। ଉଭୟ ପୁରୁଷ ଓ ମହିଳାଙ୍କୁ ପ୍ରଭାବିତ କରୁଥିବା ୫ଟି ସାଧାରଣ କର୍କଟ ରୋଗ ସମୂହ ଭାରତରେ କର୍କଟ ବୋଝର ୪୪ ପ୍ରତିଶତ। ପୁରୁଷଙ୍କ ଅପେକ୍ଷା ମହିଳାମାନେ ଏ କ୍ଷେତ୍ରରେ ଅଧିକ ଜଟିଳ ସ୍ଥିତିକୁ ସାମ୍ନା କରୁଛନ୍ତି। ମହିଳାଙ୍କ ପାଇଁ ଏବେ ସବୁଠୁ ବଡ କାଳ ସାଜିଛି ସ୍ତନ କର୍କଟ ରୋଗ। ଯଦିଓ ଏହି ସ୍ତନ କର୍କଟ ଉଭୟ ପୁରୁଷ ଓ ମହିଳାଙ୍କୁ ହୋଇଥାଏ ମାତ୍ର ଏଥିରେ ଅଧିକ ଆକ୍ରାନ୍ତ ହେଉଛନ୍ତି ମହିଳା। ସ୍ତନ କର୍କଟ ସାଙ୍ଗକୁ ତାଳ ଦେଇ ବଢ଼ି ଚାଲିଛି ଗର୍ଭାଶୟ କର୍କଟ। ବାର୍ଷିକ ନୂଆ ମାମଲାରେ ଗର୍ଭାଶୟ କ୍ୟାନ୍‌ସର ୯.୨ ପ୍ରତିଶତ ଥିବା ବେଳେ ସ୍ତନ କର୍କଟ ୧୩.୮ ପ୍ରତିଶତ ବୋଲି ସର୍ଭେ ରିପୋର୍ଟରେ ଦର୍ଶାଯାଇଛି। ଏହି ରୋଗ ବଢ଼ିବାରେ ନିର୍ଦ୍ଦିଷ୍ଟ କାରଣ ସଂପର୍କରେ ରିପୋର୍ଟରେ କିଛି ଉଲ୍ଲେଖ ନଥିବା ବେଳେ ଅତ୍ୟାଧୁନିକ ଜୀବନଶୈଳୀ ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ବାର୍ଷିକ ହାରରେ ଯେଉଁଭଳି କର୍କଟ ଜନିତ ମୃତ୍ୟୁ ହେଉଛି ସେଥିରେ ୨୪ପ୍ରତିଶତ ସ୍ତନ କର୍କଟ ପାଇଁ ହେଉଛି। ସେହିଭଳି ପୁରୁଷମାନଙ୍କ ସ୍ଥିତିକୁ ବିଚାର କଲେ ସେମାନଙ୍କ ଶରୀରରେ ଯେତେ ପ୍ରକାର କର୍କଟ ଚିହ୍ନଟ କରାଯାଉଛି ସେଥିରେ ସର୍ବାଗ୍ରେ ରହିଛି ମୁଖ ଗହ୍ୱର କର୍କଟ। ନୂଆ ମାମଲାରେ ଏହି କର୍କଟ ରୋଗୀଙ୍କ ସଂଖ୍ୟା ହେଉଛି ୧୬ପ୍ରତିଶତ। ଏହା ପଛକୁ ଅଛି ଶ୍ୱାସନଳୀ ଜନିତ କର୍କଟ। ପ୍ରତିବର୍ଷ ଯେତେ ପ୍ରକାର କର୍କଟ ରୋଗୀ (ପୁରୁଷ) ଚିହ୍ନଟ ହେଉଛନ୍ତି ସେଥିରେ ୯ପ୍ରତିଶତ ଶ୍ୱାସନଳୀ ଜନିତ ଏବଂ ୭ ପ୍ରତିଶତ ଖାଦ୍ୟନଳୀ ବା ପାକସ୍ଥଳୀଜନିତ ରହିଛି। ପ୍ରାୟତଃ ବୟସ୍କ ଲୋକମାନେ ସର୍ବାଧିକ ଏହି ତିନି ପ୍ରକାର କର୍କଟ ରୋଗରେ ପିଡିତ ହେଉଛନ୍ତି। ଏହି ତିନୋଟି ମୁଖଗହ୍ୱର, ଶ୍ୱାସନଳୀ ଏବଂ ଖାଦ୍ୟନଳୀ ଜନିତ କର୍କଟର କାରଣ ସଂପର୍କରେ ବିଶେଷଜ୍ଞମାନେ ସର୍ଭେ ରିପୋର୍ଟରେ ସେଭଳି କିଛି ଦର୍ଶାଇନଥିଲେ ହେଁ ଏହା ମୁଖ୍ୟତଃ ଧୁମ୍ରପାନ, ନିଶାସେବନ, ପାନ ଓ ଗୁଟ୍‌କାର ଅତ୍ୟଧିକ ବ୍ୟବହାର ସହିତ ବାୟୁମଣ୍ଡଳ ପ୍ରଦୂଷଣ ପାଇଁ ହୋଇଥାଏ ବୋଲି କୁହାଯାଉଛି। ତେଣୁ ବର୍ତ୍ତମାନ ପରିସ୍ଥିତିରେ ଏବେ ଆମ ମାନଙ୍କୁ ଅଧିକ ସଚେତନ ରହିବାର ଆବଶ୍ୟକତା ରହିଛି। ଖାଦ୍ୟପେୟଠାରୁ ଆରମ୍ଭ କରି ଅତ୍ୟାଧୁନିକ ଜୀବନଶୈଳୀ ସବୁ କ୍ଷେତ୍ରରେ ସଜାଗ ରହିବାର ସମୟ ଆସିଯାଇଛି। ଲକ୍ଷଣ ଦେଖିବା ମାତ୍ରେ ଡାକ୍ତରଙ୍କ ପରାମର୍ଶ, ରୋଗ ଆରମ୍ଭରୁ ଉପଚାର ଏବଂ କର୍କଟରୋଗୀଙ୍କୁ ହତାଦାର କରାନଯିବା ଆମ ସମାଜର ମୁଖ୍ୟ କର୍ତ୍ତବ୍ୟ ପାଲଟିଯାଇଛି।

*ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ, ଭୁବନେଶ୍ୱର*

# ରାଷ୍ଟ୍ରବାଦର ଝଣ୍ଡା ବନାମ ରାଷ୍ଟ୍ରୀୟ ସୁରକ୍ଷାର ଶୋକଗୀତ

**ଗୋପାଳ ମହାପାତ୍ର**

ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦୀ ତାଙ୍କ ତୃତୀୟ କାର୍ଯ୍ୟକାଳର ପ୍ରଥମ ବର୍ଷ ପୂରଣ କରିଛନ୍ତି। ପ୍ରଧାନମନ୍ତ୍ରୀ ଭାବେ ତାଙ୍କର ୧୧ ବର୍ଷ ଶେଷ ହୋଇଯାଇଛି। ୨୦୧୪ ମଇ ମାସ ୨୬ ତାରିଖରେ ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ନରେନ୍ଦ୍ର ମୋଦୀ ପାଖାପାଖି ସାଢ଼େ ବାରବର୍ଷ ପର୍ଯ୍ୟନ୍ତ ଗୁଜୁରାଟର ମୁଖ୍ୟମନ୍ତ୍ରୀ ରହିଥିଲେ। ମୁଖ୍ୟମନ୍ତ୍ରୀ ଥିବା ବେଳେ ସେ ପ୍ରଚାରତନ୍ତ୍ର ମାଧ୍ୟମରେ ବିକାଶ ପୁରୁଷଭାବେ ତାଙ୍କର ଛବି ପ୍ରସ୍ତୁତ କରିପାରିଥିଲେ। ଗୁଜୁରାଟର ମୁଖ୍ୟମନ୍ତ୍ରୀରୁ ସେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହୋଇଥିଲେ ଓ ୨୦୧୪ରେ ପ୍ରଧାନମନ୍ତ୍ରୀ ହୋଇଥିଲେ। ପ୍ରଧାନମନ୍ତ୍ରୀ ଭାବେ ସେ ଦେଶର ଜନତାଙ୍କୁ ୬୦ ମାସର ସମୟ ମାଗିବା ସହ ଅନେକ ପ୍ରତିଶୃତି ଦେଇଥିଲେ ଓ ଲୋକଙ୍କୁ ଅନେକ ସ୍ୱପ୍ନ ଦେଖାଇଥିଲେ। ତାଙ୍କ ପ୍ରତିଶୃତି ଓ ଲୋକଙ୍କୁ ଦେଖାଇଥିବା ସ୍ୱପ୍ନ ଥିଲା ଯେ ସେ ୫ ବର୍ଷ ମଧ୍ୟରେ ଭାରତକୁ ବିକଶିତ ଦେଶର ତାଲିକାରେ ନିଶ୍ଚୟ ସାମିଲ କରିବେ। ଦେଶର ଜନତା ତାଙ୍କ ଉପରେ ଭରଷା କରିଥିଲେ। କିନ୍ତୁ ପ୍ରତିଶୃତି ରକ୍ଷା କରି ପାରି ନଥିଲେ। ତଥାପି ବି ଦେଶର ଜନତା ତାଙ୍କ ଉପରେ ଭରଷା କରି ଦ୍ୱିତିୟ ଥର ପାଇଁ ତାଙ୍କ ନେତୃତ୍ୱକୁ ସ୍ୱୀକାର କରିଥିଲେ। ଏତିକି ନୁହେଁ ଏହି ସମୟରେ କେତେକ ରାଜ୍ୟରେ ବିଜେପି ସରକାର ଗଠନ କରିଥିଲା। ଅନେକ ରାଜ୍ୟରେ ସଂଖ୍ୟାଗରିଷ୍ଠ ହୋଇଥିଲା ଓ କିଛି ରାଜ୍ୟରେ ବିଜେପି ବିରୋଧି ବିଧାୟକଙ୍କୁ କିଣା-ବିକା କରି ଜନାଦେଶର ଅପହରଣ କରି ସରକାର ଗଠନ କରିଥିଲା। କିନ୍ତୁ ଏସବୁ ସତ୍ତ୍ୱେ ଦେଶର କ'ଣ ବିକାଶ ଘଟିଥିଲା ସେକଥା ଦେଶର ଜନତା ଜାଣନ୍ତି। ଏହି କାରଣରୁ ତାଙ୍କ ପାଇଁ ତୃତୀୟ କାର୍ଯ୍ୟକାଳ ସହଜ ହୋଇନଥିଲା। ମୋଦୀ ନିର୍ବାଚନ କମିଶନ ଭଳି ସାମ୍ବିଧାନିକ ସଂସ୍ଥାର ଦୁରୁପଯୋଗ କରିଥିବା ବାବଦରେ ଅଭିଯୋଗ ଉଠିଥିଲା। ବିରୋଧିଦଳ ନେତାଙ୍କ ବିରୁଦ୍ଧରେ ଦମନ ମୂଳକ ପଦକ୍ଷେପ, ସାମ୍ପ୍ରଦାୟୀକ ଧୃବୀକରଣ ଏପରିକି ଗଣମାଧ୍ୟମର ବନ୍ଧ୍ୟାକରଣ କରାଇବା ଭଳି ଅନେକ ଅଭିଯୋଗ ମୋଦୀଙ୍କ ବିରୁଦ୍ଧରେ ଆସୁଛି।

ତୃତୀୟ ପାଳିରେ ବିଜେପି ଏକାକୀ ସରକାର ଗଠନ ପାଇଁ ସଂଖ୍ୟା ଗରିଷ୍ଠତା ହାସଲ କରିପାରିନଥିଲା। ଏଣୁ ସହଯୋଗୀ ଟିଡିପ ଓ ଜେଡି (ୟୁ) ଭଳି ଦଳର ସହାୟତାରେ ମୋଦୀ ସରକାର ଗଠିତ ହେଲା। ମୋଦୀଙ୍କ ପ୍ରଧାନମନ୍ତ୍ରୀତ୍ୱର ଦୁଇ କପାଳିରେ ଲୋକଙ୍କର ବିକାଶ ପରିବର୍ତ୍ତେ କିଛି ଶିଳ୍ପ ପତିଙ୍କର ବିକାଶ ଘଟିଥିଲା। ତୃତୀୟ ପାଳିର ପ୍ରଥମ ବର୍ଷର କାର୍ଯ୍ୟ ମଧ୍ୟ ନିରାଶ ଜନକ ବୋଲି ଅନେକଙ୍କ ମତ। ମୋଦୀଙ୍କ ୧୧ବର୍ଷର କାର୍ଯ୍ୟକାଳର ଚର୍ଚ୍ଚା କରିବା ପୂର୍ବରୁ ମୋଦୀଙ୍କ କିଛି ଭାଷଣ ବାବଦରେ ଚର୍ଚ୍ଚା କରିବାର ଆବଶ୍ୟକତା ରହିଛି। ପ୍ରଧାନମନ୍ତ୍ରୀ ହେବା ପରେ ସେ ପ୍ରଥମ ଥର ଲାଲକିଲ୍ଲାରୁ ଭାଷଣ ଦେଇଥିଲେ ୨୦୧୪ ମସିହା ଅଗଷ୍ଟ ୧୫ରେ। ସ୍ୱାଧିନତା ଦିବସ ଅବସରରେ ସେ ଦେଶକୁ ସମ୍ବୋଧିତ କରି ଯାହା କହିଥିଲେ ତାକୁ କେବଳ ଦେଶର ଜନତା ନୁହେଁ ବିଶ୍ୱ ସମୁଦାୟ ମଧ୍ୟ ଗୁରୁତ୍ୱର ସହ ଶୁଣିଥିଲେ। ବିକାଶ ଏବଂ ରାଷ୍ଟ୍ରବାଦର ମିଶ୍ରିତ ପ୍ରତିଶୃତି ଦେଇ ଶାସନକୁ ଆସିଥିବା ମୋଦୀ ତାଙ୍କ ଭାଷଣରେ ଦେଶର ଆର୍ଥୀକ ଏବଂ ସାମରିକ ସ୍ତିତିକୁ ପରିବର୍ତ୍ତନ କରାଇବାର ପ୍ରତିଶୃତି ଦେବା ସହ ତାଙ୍କଦଳ ବିଜେପିର ସହଯୋଗୀ ସଂଗଠନ ମାନଙ୍କୁ ସାଂପ୍ରଦାୟିକ ବା ଜାତିଗତ ଉତ୍ତେଜନା ନକରିବା ପାଇଁ ନିବେଦନ କରିଥିଲେ। ମୋଦୀ ତାଙ୍କ ଭାଷଣରେ କହିଥିଲେ ଯେ - ଜାତିବାଦ, ସଂପ୍ରଦାୟବାଦ, ଆଞ୍ଚଳିକ ବାଦ, ସାମାଜିକ ବା ଆର୍ଥୀକ ଆଧାରରେ ଲୋକମାନଙ୍କ ମଧ୍ୟରେ ବିଭେଦ ସବୁ ବିଷଭଳି ଯାହା ଆମ ବିକାଶର ରାସ୍ତାରେ ବାଧା ସୃଷ୍ଟି କରିଥାଏ। ଏପରିକି ଦେଶର ଜନସାଧାରଣ ଏ ଦିଗରେ ସଂକଳ୍ପ ନେବା ପାଇଁ ନିବେଦନ କରି କହିଥିଲେ ଯେ ଆମେ ପରସ୍ପର ମଧ୍ୟରେ ଲଢ଼ିବା ପରିବର୍ତ୍ତେ ଦାରିଦ୍ର୍ୟ, ବେରୋଜଗାରୀ, ଅଶିକ୍ଷା ଭଳି ସାମାଜିକ ଅବ୍ୟବସ୍ଥା ବିରୁଦ୍ଧରେ ଲଢ଼ିବା ଏବଂ ଏମିତି ଏକ ସମାଜ ଗଠନ କରିବା ଯେଉଁଠି କୌଣସି ପ୍ରକାରର ଚାପନଥିବ। ମୋଦୀଙ୍କ ଏହି ଭାଷଣ ତାଙ୍କର ପ୍ରକୃତ ଛବିର ପୁରା ବିପରିତ, ସକାରାତ୍ମକ ଏବଂ ସଦିଚ୍ଛାର ଭରପୁର ବୋଲି ଲୋକେ ଗ୍ରହଣ କରିନେଇଥିଲେ। ତାଙ୍କ ଭାଷଣକୁ ବିଶ୍ୱସ୍ତରରେ ପ୍ରଶଂସା କରାଯାଇଥିଲା। ମୋଦୀଙ୍କ ଭାଷଣ ପରେ ଅଶା କରାଯାଉଥିଲା ତାଙ୍କ ଦଳ ତଥା ବିଜେପିର ସହଯୋଗୀ ସଂଗଠନ ମାନେ ମୋଦୀଙ୍କ କଥାକୁ ମାନିବେ ଓ ତାଙ୍କ ଭାଷଣର କଥାକୁ ଗୁରୁତ୍ୱ ଦେବେ। କିନ୍ତୁ ଏମିତି ଘଟିନଥିଲା। ପରନ୍ତୁ ନିଜେ ମୋଦୀ ଖୋଲାଖୋଲି ଭାବେ ବିଭାଜନକାରୀ ଓ ସାମ୍ପ୍ରଦାୟିକ ଭାଷଣ ଦେବାରେ ଲାଗିଲେ। ଦୁର୍ଭାଗ୍ୟର କଥା ଯେ ଦେଶର ଏବେ କିଂଭୁତ କିମାକାର ପରିସ୍ଥିତି ସୃଷ୍ଟି ହୋଇଛି। ମୋଦୀଙ୍କ କଳାଧନ ଫେରସ୍ତ ପ୍ରତିଶୃତି, ବିମୁଦ୍ରାକରଣ ଭଳି ପଦକ୍ଷେପ କେତେଦୁର ଲୋକଙ୍କ ବିକାଶ ପାଇଁ ସହାୟକକ ହୋଇଛି ସେକଥା ଏ ଦେଶର ଲୋକେ ଜାଣନ୍ତି।

ମୋଦି ସରକାରଙ୍କ ୧୧ବର୍ଷ ପୁର୍ତ୍ତୀ ଅବସରରେ ବିଜେପି ସାମ୍ବାଦିକ ସମ୍ମିଳନୀ କରିଥିଲା ଓ ରାଷ୍ଟ୍ରୀୟ ଅଧକ୍ଷ ଜଗତ୍‌ପ୍ରକାଶ ନଡ୍ଡା କହିଥିଲେ ଯେ ମୋଦୀ ତୁଷ୍ଟିକରଣ ନୀତିକୁ ଖତମ କରି ଉତ୍ତରଦାୟୀ, ପାରଦର୍ଶିତା ଏବଂ ବିକାଶର ରାଜନୀତି ଆରମ୍ଭ କରିଛନ୍ତି। ପ୍ରକୃତରେ ଦେଖିବାକୁ ଗଲେ ଭାରତର ରାଜନୈତିକ ସଂସ୍କୃତି ବଦଳିଯାଇଛି। ରାଜନୈତିକ ପ୍ରତିଦ୍ୱନ୍ଦିତା, ପ୍ରତିଦ୍ୱନ୍ଦୀଙ୍କ ପ୍ରତି ଦୁର୍ଭାବନା ଏବଂ ଘୃଣା ବଢ଼ିବାରେ ଲାଗିଛି। ରାଜନୈତିକ ସଂସ୍କୃତିର ଏହି ପରିବର୍ତ୍ତନ ସାର୍ବଭୌମିକ ଅଟେ। ନଡ୍ଡା ସାହେବ ଯେଉଁ ଉତ୍ତରଦାୟୀ କଥା କହିଲେ କ'ଣ ତାଙ୍କ ଦଳର ସରକାରର ଉତ୍ତରଦାୟୀତ୍ୱ ଅଛି ? ପହଲଗାମ ଆତଙ୍କ ଘଟଣା, ତାପରର ସେନା କାର୍ଯ୍ୟାନୁଷ୍ଠାନ ଓ ହଠାତ୍ ଯୁଦ୍ଧ ବିରତି ଘୋଷଣା କ'ଣ ଉତ୍ତରଦାୟୀତ୍ୱ ? ଏବେର ବିମାନ ଦୁର୍ଘଟଣା ପାଇଁ ଉତ୍ତରଦାୟୀ କିଏ ? ସବୁଠାରୁ ଦୁର୍ଭାଗ୍ୟର କଥା ହେଉଛି ଭାରତ-ପାକିସ୍ତାନ ମଧ୍ୟରେ ସେନା କାର୍ଯ୍ୟାନୁଷ୍ଠାନ ବେଳେ ବିଶ୍ୱର କୌଣସି ବି ଦେଶ ଭାରତକୁ ସମର୍ଥନ କରିନଥିଲେ। ଅନ୍ୟପକ୍ଷରେ ଚୀନ ଏବଂ ଅନ୍ୟ କିଛି ଦେଶ ପାକିସ୍ତାନକୁ ସହଯୋଗ କରିଥିଲେ। ଏପରିକି ଆନ୍ତର୍ଯ୍ୟାତିୟ ମୁଦ୍ରା ପାଣ୍ଠି ପାକିସ୍ତାନ ଏକ ବଡ଼ ଧରଣର ଆର୍ଥୀକ ସହାୟତା ଦେଇଥିଲା। ଭାରତ ସରକାର ପାକିସ୍ତାନ ବିରୁଦ୍ଧରେ ଆନ୍ତର୍ଯ୍ୟାତିୟ ସମର୍ଥନ ଜୁଟାଇବା ପାଇଁ ସଂସଦ, ପୂର୍ବତନ ସାଂସଦ ମାନଙ୍କର ପ୍ରତିନିଧି ମଣ୍ଡଳକୁ ଅନେକ ଦେଶକୁ ପଠାଇଥିଲା। କିନ୍ତୁ ଦୁର୍ଭାଗ୍ୟ ଯେ ଜାତିସଂଘ ପାକିସ୍ତାନକୁ ସୁରକ୍ଷା ପରିଷଦ ଆତଙ୍କବାଦ ନିରୋଧି କମିଟିର ଉପାଧକ୍ଷ ଭାବେ ନିଯୁକ୍ତି ଦେଇଛି। ଋଷ ଭଳି ଭାରତର ବନ୍ଧୁ ଦେଶ ସମର୍ଥନ କରିବା ପରିବର୍ତ୍ତେ ପାକିସ୍ତାନ ପ୍ରତି ନରମ ମନୋଭାବ ପ୍ରଦର୍ଶନ କରିଥିଲା। ଏବେ ଜି-୭ ସମ୍ମିଳନୀରେ ଭାରତର ମର୍ଯ୍ୟାଦାହାନୀ ହୋଇଛି। ଆନ୍ତର୍ଯ୍ୟାତିୟ ସ୍ତରରେ ଭାରତର ଏଭଳି ଦୟନୀୟ ଅବସ୍ଥା କେବେ ହୋଇନଥିଲା। କିନ୍ତୁ ଏ ବିଷୟରେ ଚିନ୍ତା କରିବା ପରିବର୍ତ୍ତେ ପ୍ରଧାନମନ୍ତ୍ରୀ ବିଫଳତାକୁ ସଫଳତା ବୋଲି କହିଚାଲିଛନ୍ତି। ରାଷ୍ଟ୍ରବାଦର କଥା କହୁଥିବା ପ୍ରଧାନମନ୍ତ୍ରୀଙ୍କର ଏଭଳି ମାନସିକତାକୁ ରାଷ୍ଟ୍ରବାଦଝଣ୍ଡ ଏବଂ ରାଷ୍ଟ୍ରୀୟ ସୁରକ୍ଷାର ଶୋକଗୀତ ବୋଲି କୁହାଯିବ ନା ଅନ୍ୟ କିଛି ?

*ରାମଚନ୍ଦ୍ରପୁର, ରଣପୁର*
*ମୋ:୯୪୩୮୪୮୫୦୯୪*

# ଅନାଥଙ୍କ ବିଧାୟକ ମାମୁଁ

**ବିଜୟ ଦାସ**

ମାମୁଁ ଶବ୍ଦଟି ପ୍ରତ୍ୟେକଙ୍କ ପାଇଁ ଏକ ସୃଜନଶୀଳ ସମ୍ପର୍କୀୟ ସାଧାରଣତଃ ସମାଜରେ ମାଆଙ୍କ ଭାଇକୁ ସମ୍ବୋଧନ କରାଯାଏ। ଏହି ସମ୍ପର୍କଟି ଯେତିକି ଆପଣାର ସେତିକି ନିବିଡ଼। ଏହି ସମ୍ପର୍କରେ ଅତ୍ମୀୟତା ପ୍ରସ୍ଫୁଟିତ ହୋଇଥାଏ। ଆତ୍ମୀୟତାର ସଂପର୍କ ଯୋଡ଼ି ଦେଲେ ବିଧାୟକ ଏହି ଶୀର୍ଷକଟି ଯାହା କାନରେ ବାଜିଲେ ଟିକେ ଶୁଣିବାକୁ ଅଡୁଆ ଲାଗିବ। କିନ୍ତୁ ସତରେ ଏହି ବାକ୍ୟଟି ଆଉ ସେଥିରେ ଥିବା ମାମୁଁ ଶବ୍ଦର ଯଥାର୍ଥତା ଅତି ସମ୍ବେଦନଶୀଳ। ରାହୁଲ ଗାନ୍ଧିଙ୍କ ଜନ୍ମଦିନ ପାଳନ ଅବସରରେ ରାୟଗଡ଼ା ସ୍ଥିତ ଚିଲଡ୍ରେନ୍ ହୋମକୁ ଯାଇଥିଲେ ରାୟଗଡ଼ା ବିଧାୟକ। ସେଠାରେ ଥିବା ଅନାଥ ଶିଶୁଙ୍କ ଗହଣରେ ବାର୍ତ୍ତାଳାପ କରିବା ସହ ସେମାନଙ୍କ ସହ ଆତ୍ମୀୟତାର ଭାବ ଦେଖାଇ ପଚାରିଥିଲେ ତମର କେହି ମାମୁଁ ଅଛନ୍ତି କି। ଏହି ସମୟରେ ସମସ୍ତ ଶିଶୁଙ୍କ ମୁହଁରେ ଗୋଟିଏ ଶବ୍ଦ ଶୁଣିବାକୁ ମିଳିଲା ନା। ଏହାକୁ ଶୁଣି ପ୍ରଥମେ ଭାବବିହ୍ୱଳ ହୋଇଯାଇଥିବା ବେଳେ ତାଙ୍କର ଆଖି ନରମି ଯାଇଥିଲା। ପରେ ନିଜକୁ ସମ୍ଭାଳି କହିଥିଲେ ଆଜିଠାରୁ ମୁଁ ସମସ୍ତଙ୍କର ମାମୁଁ। ଏହି ବାକ୍ୟଟି ସମସ୍ତ ଶିଶୁଙ୍କ ମୁହଁରେ ହସ ଫୁଟାଇ ଦେଇଥିଲା। ଯାହାକି ଏହି ଶିଶୁ ମାନଙ୍କର ହୃଦୟର ସହ ଅତି ସହଜରେ ଏହି ସଂପର୍କକୁ ଗ୍ରହଣ କରିଥିବା ଭଳି ହୃଦୟଙ୍ଗମ ହେଲା।

ଏହି ଅନାଥ ଆଶ୍ରମରେ ଅନେକ ଶିଶୁ ନିଜର ଭବିଷ୍ୟତ ଗଢୁଥିବା ବେଳେ ଅତ୍ମୀୟ ସମ୍ପର୍କର ସୂତା ଖିଅ ଠାରୁ ବହୁ ଦୂରରେ। ଯାହାକି ସମ୍ପର୍କଟିଏ ମିଳିଲେ ସତରେ ସେମାନଙ୍କ ହାତ ପାଆନ୍ତାରେ ଆକାଶର ଚାନ୍ଦ, ତାରା ସଦୃଶ୍ୟୟ ହେଲେ ଏହି ସମ୍ପର୍କ ଟିକିଏ ପାଇବା ପାଇଁ ସତେ ଯେମିତି ଚାତକ ଭଳି ଅପେକ୍ଷାରତ ଏହି କୁନି କୁନି ଦେଶର ଭବିଷ୍ୟତ। ଅନେକ ସମୟରେ ଅନେକ ଲୋକ ନିଜର ଖୁସିର ମୁହୂର୍ତ୍ତକୁ ପାଳନ କରିବାକୁ ଏହି ଚିଲଡ୍ରେନ୍ ହୋମକୁ ଆସି ସ୍ମରଣୀୟ କରିବାକୁ ବ୍ୟଗ୍ର। କିନ୍ତୁ ସେମାନଙ୍କ ଭିତରୁ କିଛି ଲୋକ ସେହି ମୁହୂର୍ତ୍ତକୁ ମାନେ ରଖୁଥିବା ବେଳେ ଅଳ୍ପ କିଛି ସହୃଦୟ ବ୍ୟକ୍ତିତ୍ୱ ଏହି ଅନାଥ ଶିଶୁଙ୍କ ସହ ସମ୍ପର୍କ ଯୋଡ଼ିବାରେ ସଫଳ ହେବା ସହ ସମ୍ପର୍କକୁ ଠିକ୍ ଭାବେ ନିଭାଇ ପାରିଛନ୍ତି। କିନ୍ତୁ ବିଧାୟକ ମହୋଦୟ ଯେଉଁ ପଦୁଟିଏ କଥା କହିଲେ ଯେ ସେ ଆଜିଠାରୁ ଏହି ଚିଲଡ୍ରେନ୍ ହୋମରେ ଥିବା ସମସ୍ତ ଶିଶୁଙ୍କର ମାମୁଁ। ଏଭଳି ଏକ ଦାୟିତ୍ୱପୂର୍ଣ୍ଣ ସମ୍ପର୍କକୁ ଯୋଡିବାରେ ଯେଉଁ ସତ ସାହସ କରିଛନ୍ତି ବିଧାୟକ ତାହାକୁ ନେଇ ବର୍ତ୍ତମାନ ଚର୍ଚ୍ଚା ଯେ ଚାଷୀ ପରିବାରରୁ ଆସିଥିବା ଏହି ଆଦିବାସୀ ସମ୍ପ୍ରଦାୟର ବ୍ୟକ୍ତିତ୍ୱ ଶିଶୁଙ୍କର ମନର କଥା ବୁଝିପାରି ତାଙ୍କର ମନର ମଣିଷ ହୋଇ କୁନି କୁନି ଶିଶୁଙ୍କୁ ସମ୍ପର୍କରେ ବାନ୍ଧି ନିକଟତର ହୋଇ ପାରିଛନ୍ତି। ଆମେ ସର୍ବଦା କହୁ ଶିଶୁ ହେଉଛନ୍ତି ଭଗବାନଙ୍କ ରୂପ। ନା ତାଙ୍କ ନିକଟରେ ରହିଛି ଛଳ ନା କପଟ। କେବଳ ସେମାନଙ୍କ ଆଖିରେ ସ୍ନେହ ଓ ଭଲପାଇବାର ଆତୁରତା ଦେଖିବାକୁ ମିଳିଥାଏ। ସେହି ସମୟରେ ଯଦି କେହି ସମ୍ପର୍କ ସ୍ଥାପନ କରିବାକୁ ହାତ ବଢ଼ାଇ ଥାଏ ତାହେଲେ ସେମାନେ ଏହି ସଂପର୍କକୁ ଅତି ଆପଣାର ସହ ଗ୍ରହଣ କରିଥାଆନ୍ତି। ଏହା ତାଙ୍କର ସ୍ୱଚ୍ଛ ଓ ନିର୍ମଳ ଭାବାବେଗକୁ ଦର୍ଶାଇଥାଏ। ଏହି ପରିପ୍ରେକ୍ଷିରେ ବିଧାୟକଙ୍କ ଏହି ସମ୍ପର୍କ କୁନି କୁନି ଶିଶୁଙ୍କ ପାଇଁ କେତେ ଯେ ମୂଲ୍ୟବାନ ତାହା ଅକଳ୍ପନୀୟ। ଏବେ ଦେଖିବାର ଅଛି ଏହି ସମ୍ପର୍କକୁ କେତେ ଦୂର ପର୍ଯ୍ୟନ୍ତ ବାନ୍ଧି ରଖି ପାରୁଛନ୍ତି ବିଧାୟକ।

*ସାମ୍ବାଦିକ*

## ଆପଣଙ୍କ ମତାମତ

ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ।

**Mob/ whatsapp : 9090962011**
**Ph. No. : 0674-2975387**
**E-mail : dumanikhabar2020@gmail.com**

# ଅନନ୍ୟ ଜନନାୟକ ନବକୃଷ୍ଣ ଚୌଧୁରୀ

**ହିମାଂଶୁ ଶେଖର ଆଚାର୍ଯ୍ୟ**

ଅନନ୍ୟ ଜନନାୟକ ଥିଲେ ନବକୃଷ୍ଣ ଚୌଧୁରୀ । ତାଙ୍କପରି ଜନନେତା ଆଜିର ଦୁନିଆରେ ବିରଳ। ଏକାଧାରରେ ସିଏ ଥିଲେ ସାମ୍ୟବାଦୀ ଚିନ୍ତା ଓ ଚେତନାର ପୂଜାରୀ, କୃଷକ, ଖଟିଖିଆ ଓ ମେହନତି ମଣିଷର ସୁଖ ଦୁଃଖର ସାଥୀ, ସରଳ, ନିରାଡ଼ମ୍ବର, ନିରହଂକାରୀ ମଣିଷ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ । ଯଥାର୍ଥରେ ସେ ଥିଲେ ଗାନ୍ଧି ମଣିଷ । ବିସ୍ମୃତିର ପାଣିକନା ସମୟ ସ୍ଲେଟରୁ ଅନେକ କଥା ପୋଛିଦେଲେବି ଏମିତି କିଛି ଲେଖା ପୋଛି ହୁଏନି, ଯାହା ସ୍ମୃତି ହୋଇ ରହିଯାଏ ।। ସେଥିପାଇଁ ଦେଉଳର ଅନ୍ଧାର ଘର ଭିତରେ ସେ ଭଗବାନଙ୍କୁ ନଖୋଜି ଧୂଳିଧୂସର ଚାଷୀ ଓ ପଥର ଭାଙ୍ଗୁଥିବା ମୂଲିଆଙ୍କ ପାଖକୁ ଯାଇ ସେ ଭଗବାନଙ୍କୁ ଖୋଜିଥିଲେ। ଏହି ମହାନ୍ ଜନନାୟକ ୧୯୦୧ ମସିହା ନଭେମ୍ବର୨୩ ତାରଖରେ ପିତା ଗୋକୁଳାନନ୍ଦ ଚୌଧୁରୀ ଓ ମାତା ପଦ୍ମାବତୀ ଦେବୀଙ୍କ କୋଳମଣ୍ଡନ କରିଥିଲେ। ତାଙ୍କ ପୈତୃକ ଜନ୍ମସ୍ଥାନ ହେଲା ବର୍ତ୍ତମାନ ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ଖେରସ ଗ୍ରାମରେ। ବାଲ୍ୟକାଳରୁ ଜାତିର ପିତା ମହାତ୍ମାଗାନ୍ଧୀ ଓ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁରଙ୍କ ଚିନ୍ତା ଓ ଚେତନା ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା । ସୌଭାଗ୍ୟକୁ ସେ ଏପରି ଏକ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ଯେଉଁଠି ଦେଶଟାଯାକର ସ୍ୱପ୍ନ ସେଇ ଘର ଭିତରେ ଜମାଟ ବାନ୍ଧି ରହିଥିଲା । ଘରସାରା ପ୍ରବାହିତ ହେଉଥିଲା ସଂଗ୍ରାମର ଏକ ଆବହାୱା । ଏହି ପରିବାରର ଧୂଳିମାଟିର ସନ୍ଥ ଗୋପବନ୍ଧୁ ଚୌଧୁରୀ,ଉତ୍କଳର ମା' ରମାଦେବୀ,ମହୀୟସୀ ନାରୀ ନେତ୍ରୀ ମାଳତୀ ଚୌଧୁରୀଓ ଅଗ୍ନିକନ୍ୟା ଅନପୂର୍ଣ୍ଣାମହାରଣାଙ୍କୁ ଅବା ନ ଜାଣେ କିଏ? ଏମାନଙ୍କ ପ୍ରେରଣା ହିଁ ତାଙ୍କୁ ଜଣେ ବିପ୍ଳବୀ ଓ ଜନନାୟକ ଭାବେ ଗଢିବା ନିମନ୍ତେ ଅନୁକୂଳ ପରିବେଶ ଯୋଗାଇଥିଲା । ୧୯୨୧ ମସିହାର କଥା । ସେତେବେଳେ ମହାତ୍ମାଗାନ୍ଧୀଙ୍କ ଡାକରାରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହୋଇଥାଏ ସମଗ୍ର ଦେଶରେ । ଗାନ୍ଧିଜୀଙ୍କ ଆହ୍ୱାନରେ ଯେଉଁ କଲେଜ ଛାତ୍ରମାନେ ପାଠପଢା ଛାଡି ଅସହଯୋଗ ଆନ୍ଦୋଳନରେ ଯୋଗଦେଲେ ସେମାନଙ୍କ ଭିତରୁ ଜଣେ ଥିଲେ ନବକୃଷ୍ଣ ଚୌଧୁରୀ । ଆଉ ତା' ପରଠାରୁ ସେ ହୋଇଗଲେ ସଚ୍ଚା ଦେଶଭକ୍ତ ଓ ସ୍ୱାଧୀନତା ସଂଗ୍ରାମୀ । ୧୯୨୭ ମସିହା ଜୁଲାଇ ୨୭ ତାରିଖରେ ବଙ୍ଗୀୟ କନ୍ୟା ମାଳତୀ ସେନ୍ ନବକୃଷ୍ଣଙ୍କ ଧର୍ମପତ୍ନୀରୂପେ ଗ୍ରହଣ କରିଥିଲେ। ବିବାହର କିଛିଦିନ ପରେ ନବକୃଷ୍ଣ ସ୍ତ୍ରୀ ମାଳତୀଙ୍କୁ ଧରି ଜଗତସିଂହପୁର ଠାରୁ ପ୍ରାୟ ୮ କି.ମି ଦୂର ତରିକୁନ୍ଦ ଠାରେ ଥିବା ତାଙ୍କ କୃଷି ଫାର୍ମରେ ଯାଇ ରହିଲେ । ସେଠାରେ ନବକୃଷ୍ଣ ଚାଷ କାମରେ ଲାଗିପଡିଲେ ଓ ଜଣେ ଚାଷୀର ପୁଅ-ବୋହୁ ଭଳି ସେମାନେ ଜୀବନ ଅତିବାହିତ କରିବାକୁ ଲାଗିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ତାହା ରୂପାନ୍ତିରିତ ହୋଇଥିଲା 'ତରି ଆଶ୍ରମ' ରୂପେ । ୧୯୩୬ ମସିହାରେ ଓଡିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଲା ପରେ ନବକୃଷ୍ଣ ଚୌଧୁରୀ ୧୯୩୭ ମସିହାରେ ତିର୍ତ୍ତୋଲ-ଏରସମା ନିର୍ବାଚନ ମଣ୍ଡଳୀରୁ ଓଡିଶା ବିଧାନ ସଭାକୁ ନିର୍ବାଚିତ ହୋଇ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ପରେ ୧୯୪୬ ମସିହାରେ ଉତ୍ତର କେନ୍ଦ୍ରାପଡା ଆସନରୁ ନିର୍ବାଚିତ ହୋଇ ଡକ୍ଟର ହରେକୃଷ୍ଣ ମହତାବଙ୍କ ମନ୍ତ୍ରୀମଣ୍ଡଳରେ ରାଜସ୍ୱ, ଯୋଗାଣ ଓ ପରିବହନ ବିଭାଗ ମନ୍ତ୍ରୀଭାବେ ତାଙ୍କର ଦକ୍ଷତା ପ୍ରତିପାଦିତ କରିଥିଲେ। ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ ନବକୃଷ୍ଣ ଙ୍କ କାର୍ଯ୍ୟକଳାପ ଅନେକ ଦିଗରୁ ମହତ୍ୱ ରଖେ। ତାଙ୍କ ଶାସନ କାଳରେ ୧୯୫୧-୫୨ରୁ ୧୯୫୫-୫୬ ପର୍ଯ୍ୟନ୍ତ ପ୍ରଥମ ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟକାରୀ ହୋଇଥିଲା। ଏହି ସମୟ ଭିତରେ ହୀରାକୁଦ ବହୁମୁଖୀ ଯୋଜନା ତଥା ଭାରତର ପ୍ରଥମ ରାଷ୍ଟ୍ରାୟତ୍ତ ଇସ୍ପାତ ଶିଳ୍ପ ଯୋଜନା ରାଉରକେଲା ଇସ୍ପାତ କାରଖାନାର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା ।ଏଥର ସହିତ ଭାଗଚାଷୀ ଆଇନ, ଜମିଦାରୀ ଉଚ୍ଛେଦ, ଜଗନ୍ନାଥ ମନ୍ଦିର ପରିଚାଳନା ନିମନ୍ତେ ଆଇନ, ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ପ୍ରଣୟନ ଭଳି ବହୁ ବଳିଷ୍ଠ ଓ ଜନହିତକର କାର୍ଯ୍ୟକରି ସେ ସେ ଓଡିଶାରେ ନିର୍ମାଣ ଭିତ୍ତିଭୂମି ପ୍ରତିଷ୍ଠା କରିଥିଲେ। ମାତୃଭୂମି ଓ ମାତୃଭାଷା ପ୍ରତି ତାଙ୍କର ଥିଲା ଅହେତୁକ ମମତା। ତେଣୁ ସେ ସମସ୍ତ ସରକାରୀ କାର୍ଯ୍ୟ ଓଡିଆ ଭାଷାରେ କରିବାପାଇଁ ସବୁ ପ୍ରକାର ବ୍ୟବସ୍ଥା କରିଥିଲେ। ମାତ୍ର ସେ ଯେଉଁଦିନ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ସେଦିନରୁ ଓଡିଆ ଭାଷାରେ ହେଉଥିବା କାର୍ଯ୍ୟ ବନ୍ଦ ହୋଇଗଲା। ୧୯୮୪ ମସିହା ଆଜିର ତାରିଖରେ ଏହି ମହାନ ଜନନାୟକଙ୍କର ପରଲୋକ ହୋଇଥିଲା।

*ସଭାପତି, ସାରସ୍ୱତ ପରିଷଦ,ଜଗତସିଂହପୁର*

# ଜନ୍ମ ସଂଖ୍ୟା ନିୟନ୍ତ୍ରଣରେ ବିସ୍ଫୋରଣ

**ସୌଭାଗ୍ୟ ରଂଜନ ମହାନ୍ତି**

ଏଥିରେ କେହି ଦ୍ୱିମତ ହେବେ ନାହିଁ ଯେ, ଜନସଂଖ୍ୟା ହ୍ରାସ ଉଭୟ ଆହ୍ୱାନ ଓ ସୁଯୋଗର କାରଣ ହୋଇଥାଏ। ଗୋଟିଏ ପଟେ ଏହା ପ୍ରଜନନ କ୍ଷମତା ଓ ସମ୍ବଳର ଆବଂଟନ ବୃଦ୍ଧି ପାଇଁ ଆର୍ଶୀବାଦ ସଦୃଶ ହୋଇଥିବାବେଳେ ଅନ୍ୟ ପଟେ ଏହା ଯୁବଶକ୍ତି ହ୍ରାସ ସହ ବୟସ୍କ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ଏବଂ ସ୍ୱାସ୍ଥ୍ୟଗତ ବ୍ୟୟ ବୃଦ୍ଧିର କାରଣ ହୋଇଥାଏ। ଦେଶରେ ଚଳିତ ବର୍ଷଠାରୁ ଶ୍ରମଶକ୍ତି ସଂକୁଚିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ତେବେ ଏଭଳି ସଂକଟ କେବଳ ଭାରତ ସମ୍ମୁଖୀନ ହୋଇନାହିଁ, ଚୀନ, ଜାପାନ, ସମେତ ବିଶ୍ୱର ବହୁ ବିକଶିତ ରାଷ୍ଟ୍ର ଏବେ ଯୁବ ଶକ୍ତିର ସଂଖ୍ୟା ହ୍ରାସ ଏବଂ ବୟସ୍କ ତଥା ବୃଦ୍ଧଙ୍କ ସଂଖ୍ୟା ବୃଦ୍ଧିରୁ ସମ୍ମୁଖୀନ ହୋଇଛନ୍ତି। ଯାହାକୁ ଜନ୍ମ ସଂଖ୍ୟା ନିୟନ୍ତ୍ରଣର ବିସ୍ଫୋରଣ ବୋଲି କୁହାଯାଇପାରେ। ମିଳିତ ଜାତିସଂଘ ଭାରତର ଜନସଂଖ୍ୟା ଏବେ ୧୪୬ କୋଟିରେ ପହଁଚିଛି। ବିଶ୍ୱ ଜନସଂଖ୍ୟା ୨୦୨୫ ଶିରୋନାମାରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ଏବେ ଭାରତରେ ଯେଉଁ ହାରରେ ରହିଛି, ବର୍ତମାନ ଠାରୁ ଆସନ୍ତା ୪୦ବର୍ଷ ପରେ ଏହାର ମୋଟ ଜନସଂଖ୍ୟା ୧୭୦କୋଟିରେ ପହଁଚିବ। ଏହାପରେ ଭାରତରେ ଭାରତର ଜନସଂଖ୍ୟା ଧିରେ ଧିରେ ହ୍ରାସ ପାଇବାରେ ଲାଗିବ। କହିବା ବାହୁଲ୍ୟ ଯେ, ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ସଂଗ୍ରାମ ଚଳାଇଥିବା ଗୋଟିଏ ଦେଶ ପାଇଁ ଏହା ଉତମ ଖବର ନିଶ୍ଚିତ। କାରଣ ଏବେ ଭାରତ ବିଶ୍ୱରେ ସର୍ବବୃହତ ଜନବହୁଳ ରାଷ୍ଟ୍ରରେ ପରିଣତ ହୋଇଛି। ଜନସଂଖ୍ୟା ଚୀନକୁ ପଛରେ ପକାଇ ଭାରତ ପ୍ରଥମ ସ୍ଥାନ ଅଧିକାର କରିଛି। ଉଲ୍ଲେଖଯୋଗ୍ୟ ଯେ, ଭାରତର ମୋଟ ପ୍ରଜନନ ତଥା ଜନ୍ମ ହାର ୧.୯ କୁ ହ୍ରାସ ପାଇଛି, ଯାହାକି ଦେଶର ହାରାହାରି ଜନ୍ମହାର ୨.୧ ତଳେ ରହିଛି। ମୋଟ ଜନ୍ମହାର(ଟିଏଫଆର) ହ୍ରାସ ଗୋଟିଏ ରାଷ୍ଟ୍ର ପାଇଁ ଜନସଂଖ୍ୟା ହ୍ରାସ ଭାବେ ବିବେଚନା କରାଯାଇଥାଏ। ଏହା ନିସନ୍ଦେହ ଯେ, ଭାରତରେ ଜନ୍ମହାର ବା ଟିଏଫଆର ହ୍ରାସ ଏହାର ଜନସଂଖ୍ୟା ନିୟନ୍ତ୍ରଣ ପ୍ରୋଗ୍ରାମକୁ ସଫଳ କରିଛି ବୋଲି କୁହାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ, ଷାଠିଏ ଦଶକରେ ଜଣେ ମହିଳାଙ୍କର ହାରାହାରି ୬ଜଣ ଶିଶୁଙ୍କର ଜନନୀ ହୋଇଥିବାବେଳେ ଏବେ ଗୋଟିଏ କିମ୍ବା ଦୁଇଟି ସନ୍ତାନରେ ସନ୍ତୁଷ୍ଟ ରହିଛନ୍ତି। ଜନସଂଖ୍ୟା ନିୟନ୍ତ୍ରଣ କ୍ଷେତ୍ରରେ ଭାରତର ସଫଳତା ଉଲ୍ଲେଖନୀୟ, ଏହା ଯେ କେହି ସ୍ୱୀକାର କରିବେ। ଏହା ସତ୍ୟ ଯେ, ଶିକ୍ଷା ଓ ସଚେତନତା ଦ୍ୱାରା ଏହା ସମ୍ଭବ ହୋଇଛି ବୋଲି କୁହାଯାଇପାରିବ। ଜାତିସଂଘ ରିପୋର୍ଟ ଅନୁଯାୟୀ ପ୍ରକୃତ ସମସ୍ୟା ହେଉଛି, ଯେତେବେଳେ ପ୍ରଜନନକ୍ଷମ ମନୋଭାବ ଆମେ ସେତେବେଳେ ଜଣେ ମହିଳାଙ୍କର ଦୃଢ ବ୍ୟକ୍ତିଗତ ସ୍ୱାଧୀନତାର ଅଭାବ ଥାଏ। ଜାତିସଂଘ ତଥ୍ୟ ଅନୁଯାୟୀ ତିନି ଜଣରୁ ଜଣେ ପ୍ରାପ୍ତବୟସ୍କା ମହିଳାଙ୍କର ଗର୍ଭଧାରଣ ପ୍ରତି ଅନାଗ୍ରହୀ ହୋଇଥାନ୍ତି। ସେହିପରି ଗର୍ଭଧାରଣ ପାଇଁ ମହିଳାଙ୍କର କୌଣସି ସ୍ୱାଧୀନତା ନଥାଏ। ଏକ ସର୍ଭେରୁ ଜଣାଯାଇଛି ଯେ, ପ୍ରାୟ ଏକ ତୃତୀୟା ମହିଳା ଅଧିକ ସନ୍ତାନସନ୍ତିତି ପାଇଁ ଆଶାୟୀ ଥିବା ସତ୍ତ୍ୱେ ସେମାନଙ୍କୁ ଅନୁମତି ମିଳିନଥାଏ। ତେବେ ବିହାର, ଉତରପ୍ରଦେଶ, ଝାଡଖଣ୍ଡ ପର ଉତର ଓ କେନ୍ଦ୍ରୀୟ ଭାରତର କେତେକ ରାଜ୍ୟରେ ଜନସଂଖ୍ୟା ନିୟନ୍ତ୍ରଣ ସଫଳ ହୋଇନଥିବା ବେଳେ ଦିଲ୍ଲୀ, କେରଳ, ତାମିଲନାଡୁ, ଆନ୍ଧ୍ରପ୍ରଦେଶରେ ଏହା ଆଶାତୀତ ସଫଳତା ହାସଲ କରିଛି। ଏହି ରାଜ୍ୟଗୁଡିକରେ ଜନ୍ମ ହାର ହାରାହାରି ଜନ୍ମହାର ତଳେ ରହିଛି। ଶିକ୍ଷା ସଚେତନତା ଗର୍ଭନିରୋଧକ ବ୍ୟବହାର ଏବଂ ସ୍ୱାସ୍ଥ୍ୟପ୍ରତି ଯତ୍ନଶୀଳତା ଏହି ସଭସ୍ତ ରାଜ୍ୟରେ ଜନ୍ମସଂଖ୍ୟା ନିୟନ୍ତ୍ରଣର ମୁଖ୍ୟକାରଣ। ଏବେ ଏହି ସମସ୍ତ ରାଜ୍ୟର ରାଜ୍ୟ ସରକାର ଅଧିକରୁ ଅଧିକ ସନ୍ତାନ ଜନ୍ମ ପାଇଁ ମହିଳମାନଙ୍କୁ ଆହ୍ୱାନ କରିଛନ୍ତି। ରାଜନୈତିକ ଦୃଷ୍ଟିକୋଣରୁ ରାଜ୍ୟ ସରକାରମାନେ ଜନସଂଖ୍ୟା ବୃଦ୍ଧି ପାଇଁ ଆହ୍ୱାନ ଦେଇଥିବାବେଳେ ଭବିଷ୍ୟତରେ ଯୁବଶକ୍ତିର ଅଭାବ ଓ ବୟସ୍କ ନାଗରିକମାନଙ୍କ ସଂଖ୍ୟା ବଢିଯିବ। ଏଥିଲାଗି ନୀତି ନିର୍ଦ୍ଧାରକ ବେଳହୁଁ ସତର୍କ ହେବା ଜରୁରୀ। ଚୀନ, ଜାପାନ, ପରି ଦେଶରେ ଏକ ଯୁବଶକ୍ତିର ଅଭାବ ଘଟିଥିବା ବେଳେ ବୃଦ୍ଧଙ୍କ ସଂଖ୍ୟା ବଢିବାରେ ଲାଗିରହିଛି। ଚୀନ ସରକାର ଚାରି ସନ୍ତାନ ନୀତି ଆପଣାଇ ଥିବାବେଳେ ଜାପାନ ମଧ୍ୟ ଅନୁରୂପ ନୀତି ଅନୁସରଣ କରିଛି।

*ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨*

# ସୋଲଫୁଲରେ ଝଲସିବେ ଚତୁର୍ଦ୍ଧା ମୂର୍ତ୍ତି



ଖୋର୍ଦ୍ଧା, (ଡିକେ ନ୍ୟୁଜ): ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାକୁ ଆଖି ଆଗରେ ରଖି ଅକ୍ଷୟ ତୃତୀୟା ଠାରୁ ରଥଖଳା ଚଳଚଞ୍ଚଳ ହେବାରେ ଲାଗିଛି। ପ୍ରତେକ ଭକ୍ତର ମନରେ ଥାଏ ମହାପ୍ରଭୁ ଜଗନ୍ନାଥଙ୍କ ସେବାର ସୁଯୋଗ ପାଇଲେ ନିଜ ଜୀବନ ସାର୍ଥକ ହୋଇଥାଏ। ଯାହାକୁ ହୃଦୟର ସହିତ ବେଶ ଅନୁଭବ କରିଥିଲେ ଖୋର୍ଦ୍ଧା ସହର ଗୁରୁଜଙ୍ଗ ଗ୍ରାମ ଭୋଇ ସାହିର ରାଜ କିଶୋର ନାୟକ ଏବଂ ତାଙ୍କ ପରିବାର ବର୍ଗ। ବିଗତ ୨୫ ବର୍ଷ ଧରି ସୋଲଫୁଲ ନନ୍ଦିଘୋଷ, ତାଳ ଧ୍ୱଜ ଓ ଦେବଦଳନ ରଥ ପାଇଁ ପ୍ରସ୍ତୁତ କରି ପୁରୀ ରଥଯାତ୍ରା ସମୟରେ ଯୋଗାଇ ଆସୁଛନ୍ତି। ଚଳିତ ବର୍ଷ ମଧ୍ୟ ରଥଯାତ୍ରା ସମୟରେ ସୋଲଫୁଲ ଯୋଗାଇବା ପାଇଁ ରାଜକିଶୋରଙ୍କର ସମ୍ପୂର୍ଣ୍ଣ ପରିବାର ଲାଗି ପଶିଛନ୍ତି। ବିଗତ ୨୫ ବର୍ଷ ଧରି ମହାପ୍ରଭୁ ଜଗନ୍ନାଥଙ୍କର ସେବା କରି ଆସୁଥିବା ରାଜ କିଶୋର ନେତ୍ର ଉତ୍ସବରେ ସୋଲଫୁଲ ତିନି ରଥରେ ସଜାଇବା ପାଇଁ ପ୍ରସ୍ତୁତି ତାଙ୍କର ଶେଷ ପର୍ଯ୍ୟାୟରେ ପହଁଚିଛି। ଏପର୍ଯ୍ୟନ୍ତ ରାଜ୍ୟ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନ ନିକଟରୁ ପାରିଶ୍ରମିକ ବାବଦ କୌଣସି ଅର୍ଥ ସେ ପାଇନଥିବା କହିଛନ୍ତି। ଯାହା ଫଳରେ ଅଧିକ ରଙ୍ଗବେରଙ୍ଗ ସୋଲଫୁଲ ଲଗାଇବାକୁ ଆଶା ରଖିଥିବା ରାଜ କିଶୋରଙ୍କ ପକ୍ଷରେ ଅର୍ଥ ବାଧକ ସାଜିଛି। ସୋଲ ଫୁଲ ପ୍ରସ୍ତୁତ କାର୍ଯ୍ୟରେ କେବଳ ରାଜ କିଶୋର ନୁହେଁ ତାଙ୍କ ପରିବାରର ସମସ୍ତ ସଦସ୍ୟ ଲାଗି ପଡିଛନ୍ତି। ରଥରେ ସୋଲ ଫୁଲ ଲାଗିବା ପର୍ଯ୍ୟନ୍ତ ଆମିଷ ଖାଇବା ପରିବାରରେ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ରାଜକିଶୋର ୨୦୦୦ ମସିହା ଠାରୁ ସୋଲ ଫୁଲ ରଥଯାତ୍ରା ସମୟରେ ଯୋଗାଇ ଆସୁଥିବା ବେଳେ ୨୦୦୪ ମସିହାରୁ ପୁରୀ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଧିବଦ୍ଧ ଭାବରେ ତାଙ୍କୁ ଅନୁମତି ପ୍ରଦାନ କରାଯାଇଛି। ରାଜକିଶୋରଙ୍କ କହିବା ଅନୁଯାୟୀ ଏହି ସୋଲ ଫୁଲ କାମ କରିବାରେ ତାଙ୍କ ବାପା ଓ ଜେଜେବାପା ବେଶ ନିପୁଣ ଥିଲେ। ଯାହା ଫଳରେ ସ୍ଥାନୀୟ ଅଞ୍ଚଳରେ ଅନୁଷ୍ଠିତ ହେଉଥିବା ଦୋଳମେଳଣ ସମେତ ବିବାହ, ବ୍ରତ ସମୟରେ ତାଙ୍କୁ ଲୋକେ ଖୋଜୁ ଥିଲେ। ସେମାନଙ୍କ ପ୍ରେରଣାରେ ସେ ସୋଲଫୁଲ କାମ ଶିଖିଥିଲେ। ବହୁ ବର୍ଷ ତଳେ ନିଜର ସାଙ୍ଗମାନଙ୍କ ସହିତ ରାଜକିଶୋର ଶ୍ରୀକ୍ଷେତ୍ର ପୁରୀକୁ ରଥଯାତ୍ରା ଦେଖିବାକୁ ଯାଇଥିଲେ। ମାତ୍ର ତିନି ରଥ ଗୁଡିକ ଦେଖିବା ପରେ ମନେ ମନେ ସ୍ଥିର କରିଥିଲେ ମହାପ୍ରଭୁଙ୍କ ଆଶୀର୍ବାଦ ହେଲେ ସେ ନିଶ୍ଚୟ ତିନି ରଥ ନିମନ୍ତେ ସୋଲଫୁଲ ଯୋଗାଇବେ। ଶେଷରେ ସେ ଯାହା ଆଶା କରୁଥିଲେ ମହାପ୍ରଭୁ ତାଙ୍କ ଗୁହାରି ଶୁଣିଲେ। ହଠାତ ବାଟରେ ଫେରିବା ସମୟରେ ଏକ ଆଲୌକିକ ଶକ୍ତି ଅନୁଭବ କରିବା ସହିତ ତିନି ରଥରେ ସୋଲଫୁଲ ଲଗାଇବାକୁ ତାଙ୍କୁ ସ୍ୱପ୍ନାଦେଶ ହୋଇଥିଲା। ମାତ୍ର ସେହିଦିନ ଠାରୁ ରାଜକିଶୋର ଆଉ ପଛକୁ ଫେରି ନାହାଁନ୍ତି। ଯେତେ ବାଧାବିଘ୍ନ ଆସିଲେ ସୁଧା ପ୍ରତି ବର୍ଷ ସୋଲ ଫୁଲ ପ୍ରସ୍ତୁତ କରି ଶ୍ରୀକ୍ଷେତ୍ରର ତିନି ରଥରେ ସଜାଇ ଆସୁଛନ୍ତି। ରଥଯାତ୍ରା ପାଇଁ ରାଜକିଶୋରଙ୍କ ସପରିବାର ସୋଲର କଦମ୍ବ, ସେବତୀ ଓ ଅନ୍ୟ ରଙ୍ଗ ବେରଙ୍ଗର ସୋଲ ଫୁଲ ପ୍ରସ୍ତୁତ କରିବାରେ ବ୍ୟସ୍ତ। ସୋଲ ଫୁଲ ପ୍ରସ୍ତୁତି କାମ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବିଭିନ୍ନ ରଙ୍ଗର ସୁତା, ଜମ୍ବୁରା, ଚୁମୁକି, ବାଉଁଶକଣି ପ୍ରଭୃତି ଜିନିଷ ବ୍ୟବହାର କରି ସେସବୁକୁ ସୁସଜ୍ଜିତ କରାଯାଇଛି। ସୋଲ ଫୁଲ ପ୍ରସ୍ତୁତ ନିମନ୍ତେ କୌଣସି ପାରିଶ୍ରମିକ ନ ମିଳିଲେ ମଧ୍ୟ ମହାପ୍ରଭୁଙ୍କର କାର୍ଯ୍ୟ କରି ଆନନ୍ଦ ମିଳିଥାଏ ବୋଲି ରାଜ କିଶୋର କହିଛନ୍ତି।

## ଗୋପାଳପୁର ବେଳାଭୂମି ଗଣଦୁଷ୍କର୍ମ ମାମଲା

# ଅଭିଯୁକ୍ତଙ୍କ ରେକର୍ଡ ଯାଞ୍ଚ, ମଦ ଦୋକାନ ଫୁଟେଜ୍ ସଂଗ୍ରହ

ବ୍ରହ୍ମପୁର, (ଡିକେ ନ୍ୟୁଜ): ଗୋପାଳପୁର ବେଳାଭୂମିରେ ଗତ ୧୫ ତାରିଖରେ ହୋଇଥିବା ଗଣଦୁଷ୍କର୍ମ ମାମଲାରେ କ୍ରାଇମବ୍ରାଞ୍ଚ ଟିମ୍ ଛାନଭିନ୍ କରି ସାକ୍ଷ୍ୟ ପ୍ରମାଣ ଯୋଗାଡ଼ କରୁଛି। ପୀଡ଼ିତା ଓ ତାଙ୍କ ପୁରୁଷବନ୍ଧୁଙ୍କୁ ବେଳାଭୂମିରେ କେଉଁମାନେ ଦେଖିଥିଲେ ଏବଂ କେତେବେଳେ ସେମାନେ ସେଠାରେ ପହଞ୍ଚିଥିଲେ ସବୁ ବିଷୟ ପଚରାଉଚରା କରିଛି। ଏହି ମାମଲାରେ ୪ଜଣ ନାବାଳକଙ୍କ ସହ ୧୦ଜଣ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ସେମାନେ କେତେବେଳେ ବେଳାଭୂମିରେ ପହଞ୍ଚିଥିଲେ ଏବଂ ସେମାନଙ୍କୁ କେଉଁମାନେ ଦେଖିଥିଲେ ତାହା ମଧ୍ୟ ଯାଞ୍ଚ ଚାଲିଛି। ଅଭିଯୁକ୍ତମାନେ ମଦ୍ୟପାନ କରିଥିଲେ। ଏଣୁ ସ୍ଥାନୀୟ ମଦ ଦୋକାନ ଓ ବେଳାଭୂମିରେ ଲାଗିଥିବା କିଛି ସିସିଟିଭି ଫୁଟେଜ୍ ମଧ୍ୟ ଯାଞ୍ଚ କରାଯାଉଛି। ଅଭିଯୁକ୍ତମାନେ ଘଟଣା ପରେ କିଭଳି ପୁଣି ଗାଁକୁ ଫେରିଥିଲେ ଏବଂ ଅପରାଧ ଘଟାଇବା ପରେ ସେମାନେ କେତେ ଲୋକଙ୍କ ସଂସ୍ପର୍ଶରେ ଆସିଥିଲେ ସବୁ ଦିଗରୁ ତଦନ୍ତ ଜାରି ରଖିଛି କ୍ରାଇମ୍‌ବ୍ରାଞ୍ଚ। ଅଭିଯୁକ୍ତମାନଙ୍କୁ ନେଇ କ୍ରାଇମବ୍ରାଞ୍ଚ୍ ସିନ୍ ରିକ୍ରିଏସନ୍ କରିପାରେ ବୋଲି ସୂଚନା ମିଳିଛି। ଜଣେ ରେଷ୍ଟୁରାଣ୍ଟ ମାଲିକଙ୍କ ବୟାନ ପୂର୍ବରୁ ରେକର୍ଡ ହୋଇଥିବା ବେଳେ ଅନ୍ୟ ସାକ୍ଷୀମାନଙ୍କୁ କ୍ରାଇମବ୍ରାଞ୍ଚ୍ ଟିମ୍ ପଚରାଉଚରା କରୁଛି। କ୍ରାଇମବ୍ରାଞ୍ଚ ଆଇଜି ଏସ୍.ସାଇନିଙ୍କ ତତ୍ତ୍ୱାବଧାନରେ ୯ ଜଣିଆ ଟିମ୍ ବ୍ରହ୍ମପୁରରେ ଡେରା ପକାଇଥିବା ବେଳେ ବିଭିନ୍ନ ଦିଗରୁ ତଦନ୍ତ ଜାରି ରଖିଛି। ରାଜ୍ୟ ସରକାର ମାମଲାର ତଦନ୍ତ ଶୀଘ୍ର ସାରି ଦୋଷୀଙ୍କୁ ଦଣ୍ଡ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କ୍ରାଇମବ୍ରାଞ୍ଚ ଆଉ ଗୋଟିଏ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୀଡ଼ିତା ଏବଂ ଅଭିଯୁକ୍ତଙ୍କ ଡାକ୍ତରୀମାଇନା ସରିଛି। ବିଏନ୍‌ଏସ୍‌ଏସ୍ ୧୮୩ ଅନୁସାରେ ସମସ୍ତଙ୍କ ବୟାନ ରେକର୍ଡ ହୋଇସାରିଛି। ଅଭିଯୁକ୍ତ ଏବଂ ଘଟଣାସ୍ଥଳରୁ ମିଳିଥିବା ୭୦ରୁ ଊର୍ଦ୍ଧ୍ୱ ନମୁନା କୋର୍ଟରେ ଦାଖଲ ହେବା ପରେ ଷ୍ଟେଟ୍ ଫରେନ୍ସିକ୍ ସାଇନ୍ସ ଲ୍ୟାବକୁ ପଠାସରିଛି। ଏବେ ରିପୋର୍ଟକୁ ଅପେକ୍ଷା। ଶୀଘ୍ର ମାମଲାରେ ତଦନ୍ତ ଅଧିକାରୀ ତଥା କ୍ରାଇମବ୍ରାଞ୍ଚ୍ ଚାର୍ଜସିଟ୍ ଦାଖଲ କରିବ ବୋଲି ଜଣାପଡ଼ିଛି। ଏହି ଘଟଣା ଦେଶରେ ଚର୍ଚ୍ଚିତ ହୋଇଥିବା ବେଳେ ବିରୋଧୀ ସରକାରଙ୍କୁ ଘେରିଛନ୍ତି।

# ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର



ଧର୍ମଗଡ଼, (ଡିକେ ନ୍ୟୁଜ): କଳାହାଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତି ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆୟୋଜନ ହେଉଥିବା ବେଳେ ସୋମବାର କୋକସରା ବ୍ଲକ ସଭାଗୃହ ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତହୋଇଯାଇଛି। କୋକସରା ବିଡ଼ିଓ ଡ଼. ହିମାଞ୍ଚଳ ମାଝୀଙ୍କ ଅଧକ୍ଷତାରେ କଳାହାଣ୍ଡି ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା, ଧର୍ମଗଡ଼ ଭାରପ୍ରାପ୍ତ ଉପ ଜିଲ୍ଲାପାଳ ଅଜୟ ପ୍ରକାଶ ତିର୍କି, ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଅଧିକାରୀ ସିଡିଓ ଦୟାମୟ ପାଢ଼ୀ, କୋକସରା ତହସିଲଦାର କ୍ଷୀରୋଧ ନାଗ, ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ ସମେତ ଜିଲ୍ଲାର ସ୍ୱାସ୍ଥ୍ୟ, ଶିକ୍ଷା, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ବିଭାଗ, ସାମାଜିକ ସୁରକ୍ଷା, ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଜିଲ୍ଲା ପଞ୍ଚାୟତ ବିଭାଗ, ସମନ୍ୱୟ ଶିଶୁ ପ୍ରକଳ୍ପ ବିଭାଗ, ଜଳସେଚନ ବିଭାଗ, ବିଦ୍ୟୁତ ବିଭାଗ, କୃଷି ବିଭାଗ, ଉଦ୍ୟାନ କୃଷି ବିଭାଗ, ସମାଜ ମଙ୍ଗଳ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ମତ୍ସ୍ୟ ବିଭାଗ, ଜଙ୍ଗଲ ବିଭାଗ, ଅବକାରୀ ବିଭାଗ ସମେତ ଅନ୍ୟ ବିଭାଗର ଜିଲ୍ଲା ଉଚ୍ଚ ପଦସ୍ଥ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ କୋକସରା ବ୍ଲକର ୨୨ ପଞ୍ଚାୟତରୁ ୫୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ୩୦ଟି ସାମୁହିକ ୨୩ଟି ବ୍ୟକ୍ତିଗତ ଅଭିଯୋଗ ପଞ୍ଜିକୃତ ହୋଇଛି। ଜିଲ୍ଲାପାଳ ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣିବା ସହ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କୁ ସମାଧାନ କରିବାକୁ ଘଟଣାସ୍ଥଳରେ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ଅଭିଯୋଗ ଶିବିରରେ କୋକସରା ସଚେତନ ନାଗରିକ ମଞ୍ଚ ପକ୍ଷରୁ କୋକସରା ଠାରେ ନିର୍ମାଣଧୀନ ନୂତନ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା, ପ୍ରସ୍ତାବିତ ଆଦର୍ଶ ଶ୍ମଶାନ ନିର୍ମାଣ ପ୍ରକ୍ରିୟା ଆରମ୍ଭ, କୋକସରାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ, ପୋଲିସ ପେଟ୍ରୋଲିଂ କଡାକଡି କରିବା ନେଇ ଅଭିଯୋଗ, ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଦୁଇ ଦୁଇଟି ପ୍ରକଳ୍ପ ନିର୍ମାଣ ପରେ ମଧ୍ୟ ବୈଷୟିକ ତ୍ରୁଟି କାରଣରୁ ଜଳ ଯୋଗାଣ ବ୍ୟାହତ ବୈଷୟିକ କ୍ଷମତା ସମ୍ପନ୍ନ ଅଧିକାରୀଙ୍କ ଦ୍ୱାରା ଅନୁସନ୍ଧାନ କରି ଜଳ ଯୋଗାଣର ସ୍ଥାୟୀ ସମାଧାନ, ଆବସିକ ଏକଲବ୍ୟ ବିଦ୍ୟାଳୟ ପ୍ରତିଷ୍ଠା, ଗୁଡ଼ହାଣ୍ଡି ସୁରକ୍ଷା ମଞ୍ଚ ପକ୍ଷରୁ ସଭାପତି ରାଜେନ୍ଦ୍ର ନାଏକ ଡୋକରିଚଞ୍ଚରାର ଭିତ୍ତିଭୂମି ବିକାଶ ଓ ପରିଚାଳନା ପାଇଁ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଟ୍ରଷ୍ଟ ବୋର୍ଡ ଗଠନ ଭଳି ଦାବି ପ୍ରମୁଖ ରହିଥିଲା। କାର୍ଯ୍ୟକ୍ରମକୁ ବ୍ଲକ ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ, ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା, ଜିପିଡ଼ିଓ ରାଜେନ୍ଦ୍ର ପାତ୍ର ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁ, କନିଷ୍ଠ ଯନ୍ତ୍ରୀ କିର୍ତ୍ତି ବେହେରା, ଅଜୟ ସେନାପତି, ଏପିଓ ସତିଶ ରଞ୍ଜନ ବେହେରା ସମେତ ବ୍ଲକ କର୍ମଚାରୀମାନେ ରହି ପରିଚାଳନାରେ ସହଯୋଗ କରିଥିଲେ।

# ପରିଚୟ ପ୍ରମାଣ ଅନୁସାରେ ଜାତି ସଂଶୋଧନ କରିପାଇଁ ଦାବିପତ୍ର



ବୌଦ୍ଧ, (ଡିକେ ନ୍ୟୁଜ): ତଅଁଳା ଗଉଡ଼ ଜମିପଟାକୁ କନ୍ଧଗଉଡ଼ ଆଦିବାସୀ ପ୍ରମାଣ ପତ୍ର ଦେବା ନିମନ୍ତେ କନ୍ଧଗଉଡ଼ ସମାଜ ମହିଳା ସଶକ୍ତି ସେବା ସମିତି ବୌଦ୍ଧ ପକ୍ଷରୁ ଚରିଛକ ହାଟ ଗୃହରେ ଏକ ମହାସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ସଂମ୍ମାନୀ ଅତିଥି ଭାବେ ହରଭଙ୍ଗା ତହସିଲଦାର ବଳଦେବ ବେହେରା, ଆଇନଜୀବୀ କଳ୍ପନା ନାୟକ, ଆଇନଜୀବୀ ଅମୀୟ ରଞ୍ଜନ ନାୟକ, ଆଇନଜୀବୀ ସତ୍ୟନାରାୟଣ ବେହେରା, ନୟାଗଡ ସମାଜ ସଭାପତି ରେବତୀ ବେହେରା ଓ ବୌଦ୍ଧ ସଭାପତି ଚନ୍ଦ୍ରିକା ପ୍ରଧାନଙ୍କ ସମେତ ବୌଦ୍ଧ ନୟାଗଡ଼ କନ୍ଧମାଳ ଗଂଜାମ ଜିଲ୍ଲାର ଅନେକ କନ୍ଧଗଉଡ଼ ସମାଜର ଅନେକ କର୍ମକର୍ତ୍ତା ଯୋଗ ଦେଇଥିଲେ। ବୌଦ୍ଧ ବିଧାୟକଙ୍କ ନିକଟରେ ବୌଦ୍ଧ ଜିଲ୍ଲା ଆଦିବାସୀ କନ୍ଧ ଗଉଡ଼ ସମାଜ ସେବା ସମିତି ପକ୍ଷରୁ ବୌଦ୍ଧ ଜିଲ୍ଲାରେ ବାସ କରୁଥିବା ଆଦିବାସୀ କନ୍ଧ ଗଉଡ଼ ସମ୍ପ୍ରଦାୟ ଜାତିରେ ତ୍ରୁଟି ରହିଥିବା ଆପତ୍ତି ଅଭିଯୋଗ କରାଯାଇଥିଲା। କନ୍ଧ ଗଉଡ଼ର ଅନ୍ୟ ନାମ ତଅଁଳା ଗଉଡ଼ରେ ପ୍ରମାଣିତ ହୋଇ ଜାତି ସମାଜରେ ପ୍ରଚଳିତ ହୋଇ ଆସୁଥିଲା। ତେଣୁ ତଅଁଳା ଗଉଡ଼ ଓ କନ୍ଧ ଗଉଡ଼ ନାମକୁ ଯାଞ୍ଚ କରି ତୁରନ୍ତ ତଦନ୍ତ କରି ତଅଁଳା ଗଉଡ଼ ଜମିପଟା ଦ୍ୱାରା ଆଦିବାସୀ କନ୍ଧଗଉଡ଼ ପ୍ରମାଣ ପତ୍ର ସାର୍ଟିଫିକେଟ ପ୍ରଦାନ କରାଯିବାକୁ ଦାବି କରିଛି ସମିତି। ଏହା ହେବା ଦ୍ୱାରା ପିଲାମାନେ ଉଚ୍ଚ ଶିକ୍ଷା ଗ୍ରହଣ କରିବା ସହଯୋଗ ମିଳିବ ବୋଲି ସଂଘର କର୍ମକର୍ତ୍ତା କହିଛନ୍ତି।

# ଗାଁ ଧଳାପଥର ବୁଣାକାର ଦକ୍ଷତା ବିକାଶ ତାଲିମ

ବୋଲଗଡ, (ଡିକେ ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲାର ଏକ ମାତ୍ର ଜିଆଇ ମାନ୍ୟତା ପ୍ରାପ୍ତ ପରଦା କଳାର ଉଥାନ ଉଦେଶ୍ୟରେ ଏକ ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏହା ଗାଁର ଅଧିକାଂଶ ଲୋକ ବୁଣାବୁଣି ଉପରେ ନିର୍ଭର କରନ୍ତି। ପ୍ରାପ୍ୟ କମ ମିଳୁଥିବାରୁ ଧିରେଧିରେ ଲୋକେ ବୁଣାକାର ବୃତିରୁ ମୁହଁ ଫେରାଉଛନ୍ତି। ତେବେ ବୁଣାକାରଙ୍କୁ ନିଜର ବୃତିକୁ ପୁନଃ ଫେରିବା ସହ ପରିଚୟ ସାଉଁଟି ଥିବା ପରଦାକଳା ପ୍ରତି ବୁଣାକାରଙ୍କ ଆଗ୍ରହ ବୃଦ୍ଧି ଉଦେଶ୍ୟରେ ରାଜ୍ୟ ବୟନ ଶିଳ୍ପ ନିର୍ଦ୍ଦେଶାଳୟର ହସ୍ତତନ୍ତ ବିକାଶ ଯୋଜନା ମାଧ୍ୟମରେ ସହକାରୀ ଶିଳ୍ପ ନିର୍ଦ୍ଦେଶକ ଖୋର୍ଦ୍ଧା ଆନୁକୂଲ୍ୟରେ ଏକ ୬ ମାସିଆ ଟ୍ରେନି ପ୍ରୋଗ୍ରାମ ଧଳାପଥର ଠାରେ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ଡେପୁଟି ଡାରେକ୍ଟର ହାଣ୍ଡିକ୍ରାଫ୍ଟ, ଆସିଷ୍ଟାଣ୍ଟ ଡାରେକ୍ଟର ଟେସ୍କଟାଇଲ ଜୟପ୍ରକାଶ ନାରାୟଣ ବିଶ୍ୱାଳ ଆନୁଷ୍ଠାନିକ ଉଦଘାଟନ କରିଛନ୍ତି। ଧଳାପଥର ତନ୍ତୁବାୟ ସହଯୋଗ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟ୍ରେଙ୍ଗି ପ୍ରୋଗ୍ରାମରେ ପ୍ରଥମ ପଯ୍ୟାୟରେ ୨୦ଜଣ ବୁଣାକାର ତାଲିମ ନେବେ। ଆଜିର ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ନାରାୟଣ ସାହୁ, ସମିତିର ସଭାପତି ବ୍ରଜବନ୍ଧୁ ରାଉତ, ବରିଷ୍ଠ ସାମ୍ବାଦିକ ତଥା ପୂର୍ବତନ ସମିତିସଭ୍ୟ ରମେଶ ରଞ୍ଜନ ସାହୁ, ପରଦା କାରିଗର ତଥା ଟ୍ରେନର



ସୁରେଶ ରାଉତ, ରମାକାନ୍ତ ବର୍ଦ୍ଧନ ପ୍ରମୁଖ ଉପସ୍ଥିତ ଥିଲେ। ଓ୍ୱଭିଙ୍ଗ ସୁପ୍ରରଭାଇଜର ବିଶ୍ୱରୂପା ରାଉତରାୟ, ଟେକନିକାଲ ଆସିଷ୍ଟାଣ୍ଡ, ଲକ୍ଷ୍ମୀପ୍ରିୟା ଦାସ, ସୁଜାତା ନାୟକ, ସମିତି ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବୁଣାକାରଙ୍କ ଦକ୍ଷତା ବୃଦ୍ଧି ସମେତ ସେମାନଙ୍କୁ ସବୁଦିଗରୁ ସହାୟତା ଯୋଗାଇଦେବାକୁ ଅଧିକାରୀମାନେ ଏହି ଅବସରରେ କହିଥିଲେ। ଶତାଧିକ ବୁଣାକାର ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ‘ଶରଧାବାଲିର ପବିତ୍ରତା ବଜାୟ ରଖ’

ପୁରୀ, (ଡିକେ ନ୍ୟୁଜ): ଶରଧା ବାଲି ପବିତ୍ରତା ଓ ସାଂସ୍କୃତିକ ଗୁରୁତ୍ୱ ବଜାୟ ରଖିବାକୁ ପୁରୀପୌର ସଂସ୍ଥାକୁ ଅନୁରୋଧ କରିଛି ଶ୍ରୀମନ୍ଦିର ପ୍ରଶାସନ। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ପୁରୀପୌର ସଂସ୍ଥାକୁ ପତ୍ର ଲେଖି ପରାମର୍ଶ ଦେଇଛନ୍ତି। ମୁଖ୍ୟ ପ୍ରଶାସକ ଲେଖିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି ମହାପ୍ରଭୁଙ୍କ ରଥଯାତ୍ରା ସହ ସମ୍ପୃକ୍ତ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖ ପବିତ୍ର ଶରଧା ବାଲିର ଅନେକ ଗୁରୁତ୍ୱ ରହିଛି। ଶରଧାବାଲିର ସାଂସ୍କୃତିକ ତଥା ଆଧ୍ୟାତ୍ମିକ ଗୁରୁତ୍ୱ ଦୃଷ୍ଟିରୁ ଏହାକୁ ଅନ୍ୟ କାର୍ଯ୍ୟ ପାଇଁ ବ୍ୟବହାର କରା ନ ଯାଉ। ବରଂ ଏହାର ସୁରକ୍ଷା ତଥା ଉନ୍ନତିକରଣ ଲାଗି ପଦକ୍ଷେପ ନିଆଗଲେ ଶ୍ରୀଜଗନ୍ନାଥ ମନ୍ଦିର ପରମ୍ପରା ତଥା ଐତିହ ଋଦ୍ଧିମନ୍ତ ହେବ। ଶ୍ରଦ୍ଧାଳୁ ତଥା ଭକ୍ତ ସମୁହର ବୃହତ ସ୍ୱାର୍ଥ ଦୃଷ୍ଟିରୁ ଶରଧାବାଲିକୁ କେବଳ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କିତ କାର୍ଯ୍ୟ ଲାଗି ସଂରକ୍ଷିତ ରଖିବାକୁ ମୁଖ୍ୟ ପ୍ରଶାସକ ଲେଖିଥିବା ପତ୍ରରେ ପରାମର୍ଶ ଦେଇଛନ୍ତି।

# ଜଗତସିଂହପୁର ଜିଲ୍ଲା ବିଜେପି ପ୍ରତିଷ୍ଠାତା ସଦସ୍ୟଙ୍କ ପରଲୋକ

ପାରାଦୀପ, (ଡିକେ ନ୍ୟୁଜ): ପାରାଦୀପ ତଥା ଜଗସିଂହପୁର ଜିଲ୍ଲା ବିଜେପି ଦଳର ପ୍ରତିଷ୍ଠାତା ସଦସ୍ୟ, ସମାଜସେବୀ ତଥା ବିଜେପିର ପ୍ରାକ୍ତନ ବରିଷ୍ଠ ନେତା ଫିଁଜୁସ କାନ୍ତି ଦେବ ବର୍ମନ (୮୧)ଙ୍କ ଗତ ରବିବାର ଦିନ କଟକ ସ୍ଥିତ ଏସସିବି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ବର୍ମନ ପାରାଦୀପ ଏବଂ ଜଗତସିଂହପୁର ଜିଲ୍ଲାରେ ବିଜେପି ଦଳର ସଂଗଠନ ଅଭିବୃଦ୍ଧିରେ ବେଶ ସହାୟକ ହୋଇଥିଲେ। ଏତଦବ୍ୟତୀତ ଫିଁଜୁସ ବର୍ମନଙ୍କ ଚୌମୁହାଣୀ ଠାରେ ଏକ ଯାନ୍ତ୍ରିକ ମାଛଧରା ବୋଟ ନିର୍ମାଣ କାରଖାନା ରହିଥିଲା। ସେ ଜଣେ ପରୋପକାରୀ, ବନ୍ଧୁବତ୍ସଳ, ମିଷ୍ଟଭାସି ଓ ସରଳ ବ୍ୟକ୍ତିତ୍ୱ ଥିଲେ। ତାଙ୍କ ବିୟୋଗରେ ପାରାଦୀପ ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ତଥା ରାଜ୍ୟ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଗଭୀର ଶୋକବ୍ୟକ୍ତ କରି ସମବେଦନା ଜଣାଇବା ସହ ବିଜେପି ଜଣେ ପୁରୁଖା ନେତାଙ୍କୁ ହରାଇଲା ବୋଲି କହିଛନ୍ତି। ସେହିପରି ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର, ବରିଷ୍ଠ ବିଜେପି ନେତା ଅଜୟ ଦାଶ, ଓଡିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ ସଭାପତି ଶ୍ରୀକାନ୍ତ ପରିଡା, ସାଧାରଣ ସମ୍ପାଦକ ଅରବିନ୍ଦ ସ୍ୱାଇଁ, ଶିଳ୍ପ ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ, ବିଜେପି ପାରାଦୀପ ନଗର ସଭାପତି ସୁବ୍ରତ ପ୍ରଧାନ, ସାମ୍ବାଦିକ ଶଶାଙ୍କ ଆଚାର୍ଯ୍ୟ, ରାମଚନ୍ଦ୍ର ସ୍ୱାଇଁ, ଆଇନଜୀବୀ ରାଜେନ୍ଦ୍ର ପରିଡାଙ୍କ ସମେତ ବହୁ ବହୁ ବୁଦ୍ଧିଜୀବୀ ଓ ବରିଷ୍ଠ ବିଜେପି ସମର୍ଥକ ପ୍ରମୁଖ ସ୍ୱର୍ଗତ ବର୍ମନଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ବଜରଙ୍ଗ ଦଳ ପକ୍ଷରୁ ଅମରନାଥ ଯାତ୍ରାରେ ସାମିଲ୍ ପାଇଁ ଆହ୍ୱାନ



ବୁଗୁଡ଼ା, (ଡିକେ ନ୍ୟୁଜ): ବୁଢା ଅମରନାଥ ଯାତ୍ରା ପାଇଁ ଓଡିଶା ବଜରଙ୍ଗ ଦଳର ଆହ୍ୱାନରେ ବୁଗୁଡ଼ା ଠାରେ ଏକ ବଜରଙ୍ଗ ଦଳ ପକ୍ଷରୁ ବୁଢ଼ା ଅମରନାଥ ଯାତ୍ରାରେ ସାମିଲ ପାଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱହିନ୍ଦୁ ପରିଷଦ ଆନୁକୂଲ୍ୟରେ ଓଡିଶା ବଜରଙ୍ଗ ଦଳ ପୂର୍ବ ପ୍ରାନ୍ତ ସଂଯୋଜକ ରାଜୀବ ନେତ୍ର ଖାଡେଙ୍ଗା, ବିଶ୍ୱ ହିନ୍ଦୁ ପରିଷଦ କେନ୍ଦ୍ରୀୟ ମାର୍ଗଦର୍ଶକ ସତ୍ୟାନନ୍ଦ ଗିରି ମହାରାଜ ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଅମରନାଥ ଯାତ୍ରାର ପ୍ରଚାର ପତ୍ର ଉନ୍ମୋଚନ ସହିତ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ଦେଇଛନ୍ତି ଯେ ଭାରତ ବର୍ଷ ରେ ଧାର୍ମିକ ବାତାବରଣ ସୃଷ୍ଟି କରି ଶାନ୍ତି ବଜାୟ ରଖିବା, ଧର୍ମ ପ୍ରଚାର, ଧର୍ମ ସଂଗ୍ରହ ଓ ହିନ୍ଦୁତ୍ୱ ଭାବ ଜାଗ୍ରତ ନିମନ୍ତେ ଅନେକ ପ୍ରୟାସ କରିବାସହିତ ଅମରନାଥ ଯାତ୍ରା କରିଥାଏ। ଚଳିତ ବର୍ଷ ଏହିଯାତ୍ରା ଅଗଷ୍ଟ ୧ ତାରିଖରୁ ଆରମ୍ଭ ହେଉଥିବାବେଳେ ସମସ୍ତ ହିନ୍ଦୁ ଏଥିରେ ସାମିଲ ହୋଇ ବାବା ଅମରନାଥଙ୍କ ଆଶ୍ରିବାଦ ଲାଭ କରିବାପାଇଁ ଆହ୍ୱାନ କରିଛନ୍ତି। ଏହି ଯାତ୍ରାରେ ଯାତ୍ରୀଙ୍କ ସୁରକ୍ଷା ଦାୟିତ୍ୱ ନେଇଥିବାବେଳେ ସରକାରଙ୍କ ତରଫରୁ ଯିବା ଆସିବାର ବ୍ୟବସ୍ଥା କରାଯାଇଛି। ବାବା ଅମରନାଥଙ୍କୁ ଦର୍ଶନ କଲେ ଧାର୍ମିକ ଚେତନା, ଧାର୍ଯ୍ୟ, ଓ ଭକ୍ତି ଭାବ ଜାଗ୍ରତ ହୋଇଥାଏ ଏବଂ ହିନ୍ଦୁ ଧର୍ମର ଏକତା ବଜାୟ ରହିଥାଏ। ଏଣୁ ସମସ୍ତ ହିନ୍ଦୁ ଅମରନାଥ ଯାତ୍ରାରେ ନିଜକୁ ସାମିଲ କରି ବାବାଙ୍କ ଆଶ୍ରିବାଦ ଲାଭ କରିବାକୁ ନିବେଦନ ରହିଛି।

# ହଳଧର ନାଗ ଜାତୀୟ ସେମିନାର ପାଇଁ ସାମ୍ବାଦିକ ସମ୍ମିଳନୀ




ସମ୍ବଲପୁରୀ, (ଡିକେ ନ୍ୟୁଜ): କୋଶଳି ଭାଷାର ପ୍ରଥିତଯଶା ଲୋକକବି ପଦ୍ମଶ୍ରୀ ପ୍ରାପ୍ତ ଡ.ହଳଧର ନାଗ ଓ ତାଙ୍କ ସାହିତ୍ୟ ସଂକ୍ରାନ୍ତରେ ଦୁଇ ଦିବସୀୟ ଜାତୀୟ ସେମିନାର ଅନୁଷ୍ଠିତ ହେବ। ଏନେଇ ଆୟୋଜକ ଅନୁଷ୍ଠାନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଅଭିମନ୍ୟୁ ସାହିତ୍ୟ ସଂସଦ ଘେଁସ ଓ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନ ବରଗଡର ମିଳିତ ଆୟୋଜନରେ ଆଗାମୀ ୨୮ ଓ ୨୯ ତାରିଖ ଶନିବାର ଓ ରବିବାର ଦୁଇ ଦିନ ଧରି ହଳଧର- ସୃଜନ ଆଉ ଦର୍ଶନ ଶୀର୍ଷକରେ ବହୁଭାଷୀ ଜାତୀୟ ସେମିନାର ବିକାଶ ଶିକ୍ଷାନୁଷ୍ଠାନର ଅଡିଟୋରିଅମ ଠାରେ ଅନୁଷ୍ଠିତ ହେବ। ଏ ନେଇ ବିକାଶ ଫାଷ୍ଟ ଷ୍ଟେପ ବିଦ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସେମିନାର ଆୟୋଜକ କମିଟିର ଅଧ୍ୟକ୍ଷ ତଥା କ୍ରିଷ୍ଣା ବିକାଶର ଚ୍ୟାରମେନ ଡି.ମୁରଲୀ କ୍ରିଷ୍ଣା, ଅଭିମନ୍ୟୁ ସାହିତ୍ୟ ସଂସଦର ସଭାପତି ତଥା ସେମିନାର କମିଟିର ସଂଯୋଜକ ସୁଶାନ୍ତ କୁମାର ମିଶ୍ର, ଅଭିମନ୍ୟୁ ସାହିତ୍ୟ ସଂସଦର ବରିଷ୍ଠ ସଦସ୍ୟ ତଥା ସେମିନାର କମିଟି ଆବାହକ ସାହିତ୍ୟିକ ଅଶୋକ କୁମାର ପୂଜାହାରୀ, କମିଟି ସଦସ୍ୟ ଡ.ସମରେନ୍ଦ୍ର ପଣ୍ଡା, ଉପଦେଷ୍ଟା ଡ. ସୁବାସ ମେହେର, ନାଟ୍ୟକାର କେଶରଞ୍ଜନ ପଧାନ, ଗବେଷକ ଉତ୍ପନ୍ନ ଭୋଇ, ବିକାଶ ଶିକ୍ଷାନୁଷ୍ଠାନର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଓଲ, ମାଧ୍ୟମିକ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ମାନବ ସମ୍ବଳ ଅଧିକାରୀ ଅଶ୍ୱିନୀ ନାୟକ, ଫାର୍ଷ୍ଟ ଷ୍ଟେପପ ଅଧ୍ୟକ୍ଷ ପୁଷ୍ପଲତା ମହାପାତ୍ର ପ୍ରମୁଖ ଯୋଗଦାନ କରି ଅନୁଷ୍ଠିତ ହେବାକୁଥିବା ଜାତୀୟ ସେମିନାରର ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟକାର ଅଶୋକ ବହିଦାର, ଦିଲ୍ଲୀପ ଦେବତା, ମାନଭଞ୍ଜନ ପାଣିଗ୍ରାହୀ, ତେଜରୁ ବାରିକ, ତୁଳସୀ ବାରିକ, ସୁବାସ ଭୁଏ, ହରିଲାଲ ସାହୁ, ଉମେଶ ପଧାନ, ରାଜକିଶୋର ବେହେରାଙ୍କ ସମେତ ସଦସ୍ୟ ବୃନ୍ଦ ଏହି ଅବସରରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଦିବସରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବରେ ରାଜ୍ୟ ସଂସ୍କୃତି ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଯୋଗଦାନ କରିବେ। ବରଗଡ ସାଂସଦ ପ୍ରଦୀପ ପୁରୋହିତ ତଥା ବରଗଡ ବିଧାୟକ ଅଶ୍ୱିନି ଷଡ଼ଙ୍ଗୀ, ଭଟଲି ବିଧାୟକ ଇରାଶିଶ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ ଗଡତିଆ, ଅତାବିରା ବିଧାୟକ ନିହାର ମହାନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିବା ଚୁଡାନ୍ତ ହୋଇଛି। ହଳଧର ସାହିତ୍ୟ ଉପରେ କାମ କରୁଥିବା ଓଡ଼ିଶା ଓ ଓଡ଼ିଶା ବାହାରୁ ୨୫ଜଣ ଗବେଷକ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟ, ଜାମିଆମିଲ୍ଲା ବିଶ୍ୱବିଦ୍ୟାଳୟ ସମେତ ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରଫେସର, ଗବେଷକ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ। ଏହି କାର୍ଯ୍ୟକ୍ରମରେ କବି, ସାହିତ୍ୟିକ, ସାହିତ୍ୟ ପ୍ରେମୀ, ବୁଦ୍ଧିଜୀବୀ ତଥା ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗଦାନ କରିବାକୁ କମିଟିର କର୍ମକର୍ତ୍ତାମାନେ ନିବେଦନ କରିଛନ୍ତି। ହଳଧର ସାହିତ୍ୟ ଆଜି ଗାଁରୁ ଗ୍ଲୋବକୁ ପହଞ୍ଚି ସାରିଲାଣି। ବହୁ ସଂଖ୍ୟାରେ କବି ସାହିତ୍ୟିକ ପ୍ରଫେସର ଗବେଷକ ଏ ଦିଗରେ କାମ କରୁଛନ୍ତି। ତେଣୁ ସମସ୍ତଙ୍କୁ ଏକତ୍ରିତ କରି ଆୟୋଜନ ହେଉଥିବା ଏହି ଗମ୍ଭୀର ଆଲୋଚନା ଭାଷା ସାହିତ୍ୟ ଅଭିବୃଦ୍ଧି ଦିଗରେ ଆଉ ଏକ ପାହାଚ ହେବ ବୋଲି ଏହି ସମ୍ମାନର ସାମ୍ବାଦିକ ସମ୍ମିଳନୀରେ ମତ ପ୍ରକାଶ ପାଇଛି। ଏ ନେଇ ଆୟୋଜକ ଅନୁଷ୍ଠାନ ପକ୍ଷରୁ ତୁହାକୁ ତୁହା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଉଦ୍ୟମ କରାଯାଉଛି ବୋଲି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି।

# ଭିଜିଲାନ୍ସ ଜାଲରେ ବିଷମକଟକ ସିଡିପିଓ ଓ ବରିଷ୍ଠ କିରାଣୀ



ରାୟଗଡ଼ା, (ଡିକେ ନ୍ୟୁଜ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ବିଷମ କଟକ ସିଡ଼ିପିଓ ସୁଶିଲା ଶବର ଓ କ୍ଲର୍କ ରାମ ଚନ୍ଦ୍ର ପାତ୍ରଙ୍କୁ ଅଶି ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ କୁମ୍ଭାରଧାମୁଣୀ ଥେରୁବାଲି ରାସ୍ତାରେ ଗିରଫ କରାଯାଇଛି । ସୂଚନା ମୁତାବକ ବିଷମକଟକ ବ୍ଲକ ଅନ୍ତର୍ଗତ କୁର୍ଲୀ ପଞ୍ଚାୟତର ପୁଟେଶି ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ଲାଲୁ ସିକକାଙ୍କ ନିଜ ସ୍ତ୍ରୀଙ୍କର ଅଙ୍ଗନୱାଡ଼ି ଚାକିରୀ କରେଇ ଦେବା ନେଇ ଏକ ଲକ୍ଷ କୋଡିଏ ହଜାର ଟଙ୍କାରେ ମୂଲଚାଲ ହୋଇଥିଲା । ଲାଲୁ ସିକକା ଅଗ୍ରୀମ କୋଡିଏ ହଜାର ଟଙ୍କା ଫୋନ ପେ ମାଧ୍ୟମରେ ସିଡ଼ିପିଓଙ୍କୁ ଦେଇଥିଲେ । ସୋମବାର ଅଶି ହଜାର ଟଙ୍କା ଦେଉଥିବା ସମୟରେ ରାୟଗଡ଼ା ଭିଜିଲାନ୍ସ ଟିମ୍ କୁମ୍ଭାରଧାମୁଣୀ ଓ ଥେରୁବାଲି ରାସ୍ତାରେ ଅପେକ୍ଷା କରି ବସିଥିଲେ । ଠିକ୍ ସେହି ସମୟରେ ସିଡ଼ିପିଓ ବିଷମ କଟକ ଠାରୁ ଫେରି ନିଜ ବାସସ୍ଥଳି ରାୟଗଡ଼ ଯିବା ସମୟରେ ରାୟଗଡ଼ା ଭିଜିଲାନ୍ସ ଟିମ୍ ମାଡ଼ି ବସି ସିଡ଼ିପିଓ ସୁଶୀଲା ଶବର ଓ ବରିଷ୍ଠ କିରାଣୀ ରାମ ଚନ୍ଦ୍ର ପାତ୍ରଙ୍କୁ ଗିରଫ କରିଥିଲେ । ଏହି ଧରପଗଡରେ ଭିଜିଲାନ୍ସ ଟିମରେ ଇନ୍ସପେକ୍ଟର ତରୁଲତା ବେହେରା, ସଂଜୟ ପ୍ରଧାନ ଏଏସଆଇ ଲୋକନାଥ ଦୋରା ପ୍ରମୁଖ ନିୟୋଜିତ ଥିଲେ । ସିଡ଼ିପିଓ ଶ୍ରୀମତି ଶବର ଓ ବରିଷ୍ଠ କିରାଣୀ ଶ୍ରୀ ପାତ୍ରଙ୍କୁ ରାୟଗଡ଼ା ଭିଜିଲାନ୍ସ କାର୍ଯ୍ୟାଳୟକୁ ଆଣି ପଚରାଉଚରା ଚାଲିଥିବା ଭିଜିଲାନ୍ସ ଅଧିକାରୀ ଶ୍ରୀମତୀ ବେହେରା ସୂଚନା ଦେଇଛନ୍ତି ।

# ଶୃଙ୍ଖଳିତ ରଥଯାତ୍ରା ପାଇଁ ମକ ଡ୍ରିଲ




ପୁରୀ, (ଡିକେ ନ୍ୟୁଜ): ଆଗାମୀ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ଲାଗି ବିଭିନ୍ନ ବିଭାଗ ମଧ୍ୟରେ ସୁସମନ୍ୱୟର ଏକ ମକ ଡ୍ରିଲ ଅନୁଷ୍ଠିତ ହୋଇଯାଇଛି । ଟାଉନ ଥାନା ପରିସରର ସମନ୍ୱିତ ନିୟନ୍ତ୍ରଣ କକ୍ଷ (ଇଣ୍ଟିଗ୍ରେଟେଡ କମାଣ୍ଡ ଓ କଣ୍ଟ୍ରୋଲ କେନ୍ଦ୍ର)ରେ ଅନୁଷ୍ଠିତ ଏହି ମକ ଡ୍ରିଲରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା କହିଥିଲେ ଚଳିତ ରଥଯାତ୍ରାକୁ ଦୁର୍ଘଟଣା ମୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବ ବର୍ଷ ତୁଳନାରେ ଚଳିତବର୍ଷ ଅଧିକ ଜନ ଗହଳି ଆଶା କରାଯାଉଛି । ତେଣୁ ଯାତ୍ରୀଙ୍କ ସୁବିଧା ଓ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା କରିବାର ଆବଶ୍ୟକତା ରହିଛି । ସମସ୍ତ କାର୍ଯ୍ୟକୁ ବିଭିନ୍ନ ବିଭାଗ ସଠିକ ଭାବେ ପରିଚାଳନା କରୁଛନ୍ତି । ତାହାର ଏକ ବାସ୍ତବ ବ୍ୟବସ୍ଥାର ଅନୁଧାନ ପାଇଁ ଆଜିର ଏହି ମକ ଡ୍ରିଲର ପରିକଳ୍ପନା । ପୂର୍ବରୁ ଏହା ମଧ କରାଯାଇଥିଲା । ଏହି ମକ ଡ୍ରିଲ ଦ୍ୱାରା ଆମେ ସଶକ୍ତ ହେବା ସହ କାର୍ଯ୍ୟକୁ ଖୁବ୍ ଭଲ ଭାବେ ପରିଚାଳନା କରିବାର ଅଭିଜ୍ଞତା ହାସଲ କରିବା ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା କହିଥିଲେ । ସମସ୍ତ ବିଭାଗ ତାଙ୍କର ଦାୟିତ୍ୱକୁ ବୁଝିବା ଓ ଅନ୍ୟବିଭାଗ ସହ ସମନ୍ୱୟ ରଖି କାର୍ଯ୍ୟ କରିବା ଲକ୍ଷ୍ୟରେ ଏହି ମକ ଡ୍ରିଲ ବେଶ ସହାୟକ ହେବ । ଶ୍ରୀକ୍ଷେତ୍ର ଆସିବାକୁ ଥିବା ଶ୍ରଦ୍ଧାଳୁମାନେ ଯେପରି ଏକ ସୁଖଦ ଅନୁଭୂତି ନେଇ ଫେରିବେ ତାହା ଆମମାନଙ୍କ ଦାୟିତ୍ୱ ବୋଲି ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନିଳମାଧବ ଭୋଇ କହିଥିଲେ । ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଉପଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଏସପି ସୌମ୍ୟ ରଞ୍ଜନ ମଲ୍ଲିକ, ଏନଡିଆରଏଫ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ନବୀନ ଏସ ରାଣା ଓ ସିଡିଏମଓ ଡା ଅକ୍ଷୟ ଶତପଥୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ସୂଚନା ଓ ଲୋକ ସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରାରମ୍ଭିକ ସୂଚନା ଦେଇଥିଲେ । ମୁଣ୍ଡୁଳୀ ଏନଡିଆରଏଫ ଥାର୍ଡ ବାଟାଲିୟନର କାର୍ଯ୍ୟକର୍ତ୍ତା, ଓଡ୍ରାଫ, ଅଗ୍ନିଶମ, ସ୍ୱାସ୍ଥ୍ୟ ବିଭାଗ ସମେତ, ଅନ୍ୟାନ୍ୟ ବିଭାଗ ଅଧିକାରୀମାନଙ୍କ ସହିତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ମକ ଡ୍ରିଲ ପରିଚାଳନା କରିଥିଲେ । ରଥଯାତ୍ରା ସମୟରେ କୌଣସି ଘଟଣା ଦୁର୍ଘଟଣା ଘଟିଲେ କିପରି ତାହାର ସଫଳ ମୁକାବିଲା ତ୍ୱରାନ୍ୱିତ ଭାବେ କରାଯାଇ ପାରିବ ତାହାର କୌଶଳ ପ୍ରଦର୍ଶନ କରାଯାଇ ସଚେତନ କରାଯାଇଥିଲା । ଓସଡାମାର ଡିଜିଏମ ସୁନିଲ କୁମାର ସାହୁ ମାର୍ଗଦର୍ଶିକା ଅନୁସାରେ ମକଡ୍ରିଲ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ, ସହକାରୀ କଲେକ୍ଟର ପଞ୍ଚାନନ ପରିଜା ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲା ଜରୁରୀ ବିଭାଗ ଡିପିଓ ସୁକାନ୍ତ କୁମାର ଦାଶ, ଆଦିତ୍ୟ କୁମାର ବରାଳ, ରାମକୃଷ୍ଣ ବଡଜେନା, ରଞ୍ଜନ କୁମାର ବେହେରା, ଅଶୋକ କୁମାର ମଲ୍ଲିକ, ରୂପଶ୍ରୀ ପଣ୍ଡା, ସୁଶ୍ରୀ ସଂଗୀତା ମହାପାତ୍ର, ମମତା ବାରିକ, ସଞ୍ଜୟ ମହାପାତ୍ର, ସୁମନ ମହାପାତ୍ର, ବିଶ୍ୱ ଭୂଷଣ ଦାଶ ଓ ପ୍ରଭାକର ବେହେରା ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

# ବିକଶିତ ଗାଁ ବିକଶିତ ଓଡ଼ିଶା ଅନୁଦାନକୁ ନେଇ ଜନପ୍ରତିନିଧି ଓ ବ୍ଲକ ପ୍ରଶାସନ ମୁହାଁମୁହିଁ



କଳାହାଣ୍ଡି, (ଡିକେ ନ୍ୟୁଜ): ବିକଶିତ ଗାଁ ବିକଶିତ ଓଡ଼ିଶାର ସ୍ୱପ୍ନ ଦେଖୁଛନ୍ତି ରାଜ୍ୟ ସରକାର । ପ୍ରତ୍ୟେକ ଗାଁରେ ସରକାରଙ୍କ ମୌଳିକ ସୁବିଧା ସୁଯୋଗ ପହଞ୍ଚିବ । ସରକାରୀ ଯୋଜନାରୁ କେହି ମଧ୍ୟ ବଞ୍ଚିତ ରହିବେ ନାହିଁ । ଗାଁରେ ଶିକ୍ଷା ସ୍ୱାସ୍ଥ୍ୟ ଗମନାଗମନ ବିଜୁଳି ସହିତ ସବୁ ପ୍ରକାର ବ୍ୟବସ୍ଥା କରିବା ପାଇଁ ପଣ ନେଇଛନ୍ତି ରାଜ୍ୟ ସରକାର । ଏଥିପାଇଁ ବିକଶିତ ଗାଁ, ବିକଶିତ ଓଡ଼ିଶାର ଅନୁଦାନ ପ୍ରତ୍ୟେକ ପଞ୍ଚାୟତକୁ ପହଞ୍ଚି ଯାଇଛି । ହେଲେ ଏହି ଅନୁଦାନ ଆସିବାପରେ ପଞ୍ଚାୟତମାନଙ୍କରେ ଅସନ୍ତୋଷର ବାତାବରଣ ଦେଖାଦେଇଛି । ଲାଞ୍ଜିଗଡ଼ ବ୍ଲକରେ ବିକଶିତ ଗାଁ ବିକଶିତ ଓଡ଼ିଶାର ତିନି କୋଟିର ଉର୍ଦ୍ଧ୍ୱ ଟଙ୍କା ଅନୁଦାନ ଆସିଛି । ଏହି ଅନୁଦାନ ରାଶି ପ୍ରତ୍ୟେକ ପଞ୍ଚାୟତକୁ ଭାଗ ବଣ୍ଟା ହୋଇଛି । ପୂର୍ବରୁ ପଞ୍ଚାୟତମାନଙ୍କରେ ପଲ୍ଲୀସଭା ଓ ଗ୍ରାମସଭା ମାଧ୍ୟମରେ ପ୍ରକଳ୍ପ ରଖାଯାଇଥିଲା । ହେଲେ ଯେଉଁ ପ୍ରକଳ୍ପ ପାଇଁ ଅନୁଦାନ ରଖା ଯାଇଥିଲା ତାହା ନକରି ସେହି ପ୍ରକଳ୍ପକୁ ଅନ୍ୟ ଗାଁକୁ ସ୍ଥାନାନ୍ତର କରାଯାଇଛି । ଏହାକୁ ନେଇ ଜନ ପ୍ରତିନିଧି ଓ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ଦେଖାଇଥିଲା । ପୂନିଗୁଡା ଗାଁର ଧରଣୀ ଗୁଡ଼ି ପାଇଁ ତିନି ଲକ୍ଷ ଏକାବନ ହଜାର ଅନୁଦାନ ରାଶି ଆସିଥିବାବେଳେ ସେହି କାମ ଯନ୍ତ୍ରୀ ଲେଆଉଟ ଦେବାପରେ କାମ ସମ୍ପୂର୍ଣ୍ଣ ହୋଇସାରିଛି । ହେଲେ ବର୍ତ୍ତମାନ ସେହି କାମ ଟୀମବାଡି ଗାଁକୁ ଚାଲିଯାଇଛି । ସେହି ପରି ବେନ ଗାଁ ପଞ୍ଚାୟତର ପଦ୍ମ ଥୋପା ଗାଁର କଂକ୍ରିଟ ରାସ୍ତା ପାଇ ଚାରିଲକ୍ଷ ଟଙ୍କା ଆସି ଥିବାବେଳେ ସେହି କାମ ମଧ କୁସୁମ ବଣ୍ଡେଲ ଗାଁକୁ ଚାଲିଯାଇଥିବା ପଦ୍ମଥୋ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସେହିପରି ବ୍ଲକର କାନକୁଟୁ, ବିଜେପୁର, ଚମ୍ପା ଦେଇ ପୁର, ଛତ୍ରପୁର, କୁମଖାଲ ଲାଞ୍ଜି ପଞ୍ଚାୟତର କାମଗୁଡିକ ଅନ୍ୟତ୍ର ଚାଲିଯାଇଥିବା ସରପଞ୍ଚ ସଂଘ ସଭାପତି ସାନ୍ଦରୁ ମାଝୀ ପ୍ରକାଶ କରିଛନ୍ତି । ଏହାକୁ ନେଇ ବ୍ଲକ ବିଡିଓ କାର୍ଯ୍ୟାଳୟ ପରିସରରେ ଜନ ପ୍ରତିନିଧି ପଦ୍ମଥୋପା, କୁମଖାଲ, ଲାଞ୍ଜି, ବେନ ଗାଁ ବିଜେପୁର ଆଦି ପଞ୍ଚାୟତର ଲୋକେ ଆସି ବିକ୍ଷୋଭ ପ୍ରଦର୍ଶନ କରିବା ସହ କାର୍ଯ୍ୟାଳୟ ଭିତରେ ବିଡିଓଙ୍କୁ ୨ରୁ ୩ଘଣ୍ଟା ଅଟକ ରଖିଥିଲେ । ବ୍ଲକ ପରିସରରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା । ଏହାକୁ ନେଇ ଲାଞ୍ଜିଗଡ଼ ଗଡ ବିଡିଓ ଶଶାଙ୍କ ପାତ୍ରଙ୍କୁ ପଚାରିବାରୁ ଏହା ଫାଇନାଲ ଲିଷ୍ଟ ନୁହଁ ବ୍ଲକ ଅଞ୍ଚଳର ବିକାଶ ଦିଗରେ ଆମେ କାମ କରିବାକୁ ଆସିଛୁମାନେ ଆମେ କରିବୁ । ପ୍ରତ୍ୟେକ ଗ୍ରାମର ଲୋକେ ସରକାରଙ୍କ ସୁବିଧା ସୁଯୋଗ ପାଇପାରିବେ ବୋଲି ପ୍ରକାଶ କରିଥିଲେ ।

# ନେହେରୁବଙ୍ଗଳା ପଥରବନ୍ଧ ଉପରେ ପଡିଛି ଯୁବକଙ୍କ ମୃତଦେହ

ପାରାଦୀପ, (ଡିକେ ନ୍ୟୁଜ): ପାରାଦୀପ ନେହେରୁ ବଙ୍ଗଳା ପଥର ବନ୍ଧ ଉପରେ ପଡିଚି ଯୁବକଙ୍କ ମୃତ ଦେହ ବୃନ୍ଦାବନ କଲୋନୀର ମିଥୁନ ବେହେରା ଗତକାଲି ନେହେରୁ ବଙ୍ଗଳା ପଥରବନ୍ଧକୁ ପ୍ରତିଦିନ ପରି ବନିଶୀ ସାହାଯ୍ୟରେ ମାଛ ଧରିବାକୁ ଯାଇଥିବା ବେଳେ ତାଙ୍କର ମୃତ୍ୟୁ ଘଟିଛି ଖବର ମୁତାବକ ସେ ପଥର ବନ୍ଧ ଉପରେ ବସିଥିବା ବେଳେ ପ୍ରବଳ ବର୍ଷା ଘଡ଼ଘଡ଼ି ମାରିବାରୁ ସେ ଭୟଭୀତ ଅବସ୍ଥାରେ ପଡି ଯାଇ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି । ନେହେରୁବଙ୍ଗଳା ମେରାଇନ ଥାନା ପୋଲିସ ଶବକୁ ଜବତ କରି ତଦନ୍ତ ଆରମ୍ଭ କରିଛି । ମିଥୁନ ବେହେରାଙ୍କ ନିଜ ଘର କେନ୍ଦୁଝର ଜିଲ୍ଲାର ଭଗମୁଣ୍ଡା ଗାଁର ହୋଇଥିବା ବେଳେ ବୟସ ୩୧ ବୋଲି ପୋଲିସ୍ ଗଣମାଧ୍ୟମକୁ ସୂଚନା ଦେଇଛି ।

# ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ

କୋଟପାଡ଼, (ଡିକେ ନ୍ୟୁଜ): କୋରାପୁଟ ଜିଲ୍ଲା କୋଟପାଡ଼ ପଞ୍ଚାୟତ ସମିତି ଅଧିନସ୍ଥ ଗୁମୁଡା ଗ୍ରାମ ପଞ୍ଚାୟତ କାର୍ଯାଳୟ ପରିସରରେ ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । କୋରାପୁଟ ଲେଖିବା ପରେ ଏହି ଶିବିରରେ ଯନ୍ତ୍ରୀମାନଙ୍କ ଉପସ୍ଥିତି ଦେଖାଦେଇ ଥିବା ଜଣାଯାଇଛି । ରାସ୍ତା ଘାଟର ଉନ୍ନତି, ଡ୍ରେନ ଗୁଡିକର ସଫେଇ, ଅଙ୍ଗନୱାଡି କେନ୍ଦ୍ରରେ ବିଦ୍ୟୁତ ସଂଯୋଗ, ପାନୀୟ ଜଳ ଯୋଗାଣ, ସୁରୁଗୁଡା ହରିଜନ ସାହିରେ ଫେବର ବ୍ଲକ ରାସ୍ତା, ଶ୍ମସାନ ଗୃହ ନିର୍ମାଣ, ପଞ୍ଚାୟତ କାର୍ଯାଳୟର ପଟା ପ୍ରଦାନ କରିବା ପାଇଁ ସମିତି ସଭ୍ୟ ପ୍ରତାପ ସାହୁ ଲିଖିତ ଦେଇ ଦେଇଥିଲେ । କୁସୁମୀ ଗାଁ ଘଣ୍ଟ ଯାତ୍ରା ପାଇଁ ପୂଜା ପଣ୍ଡପ, ବାସୁଳି ଗ୍ରାମରେ ଷ୍ଟ୍ରିଟ ଲାଇଟ ଯୋଗାଇବା ଇତ୍ୟାଦି ବ୍ୟକ୍ତିଗତ ଗୋଟିଏ ଏବଂ ଗୋଷ୍ଠୀଗତ ୧୨ଟି ଅଭିଯୋଗର ଶୁଣାଣି ହୋଇଥିବାର ଜଣାଯାଇଛି । ଏହି ଶିବିରରେ ତହସିଲଦାର ଟ୍ୱିଙ୍କିଲ ସେଠି, ବିଡ଼ିଓ ସନ୍ଧ୍ୟା ସମରଥ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ କେଦାର ନାଥ ଅଟକ, ସରପଞ୍ଚ କୋମଳା ଭତରା, ଟଙ୍କ ସାହୁ, ଉତ୍ତର କୁମାର ଭୁକ୍ତା, କନିଷ୍ଠ ଯନ୍ତ୍ରୀ ରାଜେଶ ଧୀର, ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଜୋର୍ଜ ଲାକ୍ରା, ଜିଆରଏସ ନିର୍ମଳା ସିରା, କନିଷ୍ଠ ସହାୟକ ମମତା ଭତରା, ପିଇଓ ଅଜିତ ନାୟକ ପ୍ରମୁଖ ଉପସ୍ଥିତ ଥିବା ଜଣାଯାଇଛି ।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ




ଯାଜପୁର, (ଡିକେ ନ୍ୟୁଜ): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ବରୀ ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ପି.ଅନ୍ୱେଷା ରେଡ୍ଡୀ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ମୋଟ ୧୦୩ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୧ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୬ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୬୬ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୬୭ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶ ପ୍ରତାପ ଶ୍ରୀମାଲ୍, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ମଣ୍ଡଳ ଉନ୍ନୟନ ଅଧିକାରୀ ଅସିତ କୁମାର ମହାନ୍ତି, ତହସିଲଦାର ଦୀପ୍ତିମୟୀ ବେହେରା ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଜିଲ୍ଲାପାଳ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଡାଇରିଆ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ । ଆଜିର ଅଭିଯୋଗ ଶୁଣାଣି ଶିବିରରେ ବରୀ ବ୍ଲକ, ବାଇଁସିରିଆ ଗ୍ରାମ ପଞ୍ଚାୟତର ସଂଯୁକ୍ତା ସାହୁ, ଏବଂ କିମ୍ପିରିଆପାଳ ଗ୍ରାମ ପଞ୍ଚାୟତର ଦିନେଶ କୁମାର ସାହୁଙ୍କୁ ଟ୍ରାଇ ସାଇକଲ ବଣ୍ଟନ କରାଯାଇଥିଲା ।

# ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ




ଧର୍ମଗଡ଼, (ଡିକେ ନ୍ୟୁଜ): ଡ଼. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସରେ ସ୍ମୃତି ଚାରଣ କଲେ ବିଜେପି କର୍ମକର୍ତ୍ତା । ଡ଼. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ଅବସରରେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଭାରତୀୟ ଜନତା ପାର୍ଟି ପକ୍ଷରୁ କୋକସରା ସଦର ମହକୁମା ଠାରେ ଜନନାୟକ ଡ଼. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳନ କରାଯାଇଛି । ଏହି ଅବସରରେ ଆୟୋଜିତ ସ୍ମୃତି ଚାରଣ ସଭାରେ ଉପସ୍ଥିତ କର୍ମକର୍ତ୍ତାମାନେ ଡ଼.ମୁଖାର୍ଜୀଙ୍କ ଫୋଟୋଚିତ୍ରରେ ମାଲ୍ୟାର୍ପଣ ପରେ ଶ୍ରଦ୍ଧାଞ୍ଜଳି ଦେଇଥିଲେ । କୋକସରା ମଣ୍ଡଳ ସଭାପତି ବସନ୍ତ ନାଗଙ୍କ ସଭାପତିତ୍ୱରେ ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର, ସାଂସଦ ପ୍ରତିନିଧି ପ୍ରମୋଦ କୁମାର ପ୍ରଧାନୀ, ବରିଷ୍ଠ ନେତା ନୀଳକଣ୍ଠ ମାଝୀ ପ୍ରମୁଖ ଡ଼.ମୁଖାର୍ଜୀଙ୍କ ସ୍ମୃତି ଚାରଣ ସହ ତାଙ୍କ ଦେଇଥିବା ମାର୍ଗ ଦର୍ଶନରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ସାଧାରଣ ସମ୍ପାଦକ ମନୋଜ କୁମାର ନାଏକ ପରିଚାଳନା କରିଥିବା ବେଳେ ସମ୍ପାଦକ ଶାରଳା ପ୍ରସାଦ ପ୍ରଧାନୀ, ପଦ୍ମଲୋଚନ ନାଏକ, ଧର୍ମାନନ୍ଦ ନେଗୀ, ରତନ୍ ମାଝୀ, ଭାବଗ୍ରାହୀ ପ୍ରଧାନୀ, ମୁକୁନ୍ଦ ପଟ୍ଟନାୟକ, ବିପିନ ମହାରଣା, ନବିନ କୁମାର ପ୍ରଧାନୀ, ଦୈତାରି ବାରିକ, କ୍ଷିରସିନ୍ଧୁ ନେଗୀ, କ୍ଷେତ୍ରମୋହନ ବାଗ, ଦେବୀସିଂ କେତକୀ, ଗୁପ୍ତେଶ୍ୱର ବାଗ, ବିନୋଦ ବିହାରୀ ରାଉତ, କୈଳାଶ ଚଲାନ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

# ଚିକିତ୍ସା ଅବହେଳାରୁ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଅଭିଯୋଗ

କଟକ, (ଡିକେ ନ୍ୟୁଜ): ଚିକିତ୍ସାରେ ଅବହେଳାରୁ ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଥିବା ସୋମବାର ଅଭିଯୋଗ ହୋଇଛି । ମୃତ ବିଚାରାଧୀନ ବନ୍ଦୀ ହରିୟାଣାର । ସେ ବ୍ରହ୍ମପୁର ଜେଲରେ ବିଚାରାଧୀନ ଥିଲେ । ମିଳିଥିବା ସୂଚନା ମୁତାବକ, ବ୍ରହ୍ମପୁର ଜେଲରେ ବନ୍ଦୀ ଜଣକ ହଠାତ ଅସୁସ୍ଥ ହୋଇପଡିଥିଲେ । ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା । ପରେ ତାଙ୍କୁ ଏଆଇଆଇଏମ୍ଏସ୍ ଅଣାଯାଇଥିଲା । ହେଲେ ପରବର୍ତ୍ତୀ ସମୟରେ ତାଙ୍କୁ କଟକ ଏସ୍‌ସିବିରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଥିଲା । ହେଲେ ଚିକିତ୍ସାରେ ଅବହେଳା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରିଥିବା ସୂଚନା ମିଳିଛି । ଘଟଣାର ତଦନ୍ତ କରି ଅବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

# ଶ୍ରମିକ ସଂଘ ପକ୍ଷରୁ ଆଇଓସିଏଲ ଫାଟକ ଆଗରେ ପ୍ରତିବାଦ




ପାରାଦୀପ, (ଡିକେ ନ୍ୟୁଜ): ଆଇଓସିଏଲ ପାରାଦୀପ ତୈଳ ବିଶୋଧନାଗାରରେ କାର୍ଯ୍ୟ କରୁଥିବା ଶ୍ରମିକ ମଜୁରୀ ବୃଦ୍ଧି ଚୁକ୍ତିନାମାରେ ଅହେତୁକ ବିଳମ୍ବର ପ୍ରତିବାଦ କରି ଶ୍ରମିକ ନେତା ପ୍ରକାଶ ତ୍ରିପାଠୀଙ୍କ ନେତୃତ୍ୱାଧୀନ ପୂର୍ବ ଉପକୂଳ ଶ୍ରମିକ ସଂଘ ପକ୍ଷରୁ ସୋମବାର ସକାଳେ ଏକ ବିରାଟ ଶୋଭାଯାତ୍ରା ବାହାରି ଆଇଓସିଏଲ ପାରାଦୀପ ତୈଳ ବିଶୋଧନାଗାର କମ୍ପାନୀ ଫାଟକ ଆଗରେ ପହଞ୍ଚି ଏକ ଦୁଇଘଣ୍ଟିଆ ପ୍ରତିବାଦ ସଭା କରାଯାଇଥିଲା । ଏଥିରେ ସଂଘର ସଭାପତି ପ୍ରକାଶ ତ୍ରିପାଠୀ ଶ୍ରମିକଙ୍କ ମଜୁରୀ ବୃଦ୍ଧି ଚୁକ୍ତିନାମାରେ ଆଇଓସିଏଲର ମନମୁଖୀ କାର୍ଯ୍ୟର ପ୍ରତିବାଦ କରି ଦୁଇମାସ ମଧ୍ୟରେ ଚୁକ୍ତିନାମା ନକଲେ କମ୍ପାନୀ ବିରୁଦ୍ଧରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ । ପୂର୍ବରୁ କିଛି ଦଲାଲ ନେତା ନିଜ ସ୍ୱାର୍ଥ ଓ ମୁନଫା ପାଇଁ ଆଇଓସିଏଲ ପ୍ରଶାସନ ସହ ସଲାସୁତୁରା କରି ଏହି ରାଜିନାମାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ନେଇ ଶ୍ରମିକ ନେତା ଶ୍ରୀ ତ୍ରିପାଠୀ ସଂଗୀନ ଅଭିଯୋଗ କରିଛନ୍ତି । ସେହିପରି ସଂଘର ସାଧାରଣ ସମ୍ପାଦକ ଅଭିମନ୍ୟୁ ବେହେରା, ଉପସଭାପତି ସୁବ୍ରତ ପ୍ରଧାନ, ସମ୍ପାଦକ ରତ୍ନାକର ଜେନା, ଉପଦେଷ୍ଟା ସର୍ବେଶ୍ୱର ବଳିୟାରସିଂହ ଓ ସୁରେଶ ସାହୁ ପ୍ରମୁଖ ଉପସ୍ଥିତ ହୋଇ ଶ୍ରମିକଙ୍କ ସ୍ୱାର୍ଥ ହାସଲ ପାଇଁ ଏକଜୁଟ ହୋଇ ଆଇଓସିଏଲର ଅନ୍ୟାୟ ବିରୁଦ୍ଧରେ ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ ।

# ରଥଯାତ୍ରାରେ ଶିଶୁ ସୁରକ୍ଷା ପାଇଁ ଖୋଲିବ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ

ପୁରୀ, (ଡିକେ ନ୍ୟୁଜ): ଚଳିତ ବର୍ଷ ରଥଯାତ୍ରାରେ ଶିଶୁମାନଙ୍କ ସୁରକ୍ଷା ନିମନ୍ତେ ଉଦ୍ଧାର ଓ ଥଇଥାନ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବାକୁ ନିଷ୍ପତ୍ତି ହୋଇଛି । ଏଥିପାଇଁ ଶିଶୁ ମଙ୍ଗଳ ସମିତି କାର୍ଯ୍ୟାଳୟରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରିବ । ଏହା ସହିତ ଚାଇଲଡ ହେଲ୍ପ ଲାଇନ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା ମକ୍ଷନେ ସ୍ଥିତି ଉପରେ ନିରନ୍ତର ନଜର ରଖି ଶିଶୁଙ୍କ ସୁରକ୍ଷାକୁ ନିଶ୍ଚିତ କରିବେ । ପୂର୍ବ ବର୍ଷ ଭଳି ଶିଶୁମାନଙ୍କ ସୁବିଧା ନିମିତ୍ତ ଶିଶୁ ସୁଲଭ ପୂର୍ଣ୍ଣ ପରିବେଶ ସୃଷ୍ଟି ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ଅନଲାଇନ ଉପସ୍ଥାପନା ଲାଗି ମଧ ନିଷ୍ପତ୍ତି ହୋଇଛି । ତୁରନ୍ତ ସେବା ପ୍ରଦାନ ସହିତ ଶିଶୁମାନଙ୍କ ସୁରକ୍ଷା ପାଇଁ ଥିବା ସବୁ ପ୍ରତିବନ୍ଧକ ଗୁଡିକୁ ଦୁରେଇ ଦେବାକୁ ଯୋଜନା କରାଯାଇଛି । ଏଥିପାଇଁ ସ୍ଥାନୀୟ ଉତ୍କଳ ବାଳାଶ୍ରମ ପରିସରରେ ୩୦ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ତାଲିମ କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଚିବ ପ୍ରଭାତ କୁମାର ସାହୁ, ଶିଶୁ ମଙ୍ଗଳ କମିଟି ଅଧକ୍ଷ ଡଃ ଅଜିତ କୁମାର ମହାପାତ୍ର, ୟୁନିସେଫର ପରାମର୍ଶ ଦାତା ଚକ୍ରଧର ସାହୁ, ଘାସିରାମ ପଣ୍ଡା, ଶିଶୁ ମଙ୍ଗଳ କମିଟି ସଦସ୍ୟ ରୁଦ୍ଧି ସୁନ୍ଦର ମିଶ୍ର, ଉପେନ୍ଦ୍ର ବିଶ୍ୱାଳ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ମାର୍ଗ ଦର୍ଶନ କରିଥିଲେ । ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର କର୍ମକର୍ତ୍ତା କମଳା ମହାରଣା, ହରେକୃଷ୍ଣ ସାହୁ ଓ ବିଜୟ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ ।

# କାକଟପୁର ଜଳସେଚନ ବିଭାଗ କେନାଲ ବ୍ରିଜ ଦୟନୀୟ ଅଭିଯୋଗ



କାକଟପୁର, (ଡିକେ ନ୍ୟୁଜ): କାକଟପୁର ଜଳସେଚନ ବିଭାଗ ସବଡ଼ିଭିଜନ ଅଧିନସ୍ଥ ଅସ୍ତରଙ୍ଗ କେନାଲ ସେକ୍ସନର ଧୂର୍ଜଙ୍ଗ ଗାଁ ମୁଣ୍ଡରୁ ବାରମାଣିଆ ଧାନ ଗହୀରକୁ ଯିବା ପାଇଁ ମଝିରେ ଥିବା କେନାଲ ଉପରେ ଆଜିକୁ ୪୦ ବର୍ଷ ତଳେ ନିର୍ମାଣ ହୋଇଥିବା ବ୍ରିଜର ଅବସ୍ଥା ଏବେ ଭାରୀ ଦୟନୀୟ । ସେ ସମୟରେ ମାଙ୍କଡା ପଥରର ଖୁଣ୍ଟ ଉପରେ ନିର୍ମିତ ହୋଇଥିବା ଏହି ବ୍ରିଜ ଏବଂ ବ୍ରିଜ ଉପରେ ନିର୍ମିତ ଦେଢ଼ ଫୁଟିଆ ସୁରକ୍ଷା ବାଡ଼ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଭାଙ୍ଗି ରୁଜି ଯାଇଥିବା ବେଳେ ବ୍ରିଜର ଉପର ଅଂଶରୁ ସିମେଣ୍ଟ ଗୋଡି ଉଠିଗଲାଣି । ବ୍ରିଜ ଉପରେ ଚାଲିଲେ କଂକ୍ରିଟ ନଡନଡ ହେଉଛି ଏବଂ ରଡ଼ ସବୁ ବାହାରି ଦେଖାଯାଉଛି । ଖୁଣ୍ଟବି ଦୁର୍ବଳ ହେଲାଣି । ଏନେଇ ସ୍ଥାନୀୟ ଅଞ୍ଚଳବାସୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅନେକ ଥର ଅଭିଯୋଗ କଲେଣି । କିନ୍ତୁ ବିଭାଗ କୌଣସି ପଦକ୍ଷେପ ନେଉନଥିବା ଧୂର୍ଜଙ୍ଗ ଗ୍ରାମର ମାଧବ ଚନ୍ଦ୍ର ମଲ୍ଲିକ, ଚାରୁ ଚନ୍ଦ୍ର ପରିଡା, ବିଦ୍ୟାଧର ମଲ୍ଲିକ, ସଚ୍ଚି କାନ୍ତ ସାହୁ, ପ୍ରଫୁଲ ସାହୁ, ବିଜୟ କୁମାର (ବିଶ୍ୱାଳ) ହୁଲ୍ଲାସ ସେଠି, (ବୁଦ୍ଧେଶ୍ୱର) ସେଠି, ଗୋପାଳ ନାୟକ, ଦିଲ୍ଲୀପ କୁମାର ସେଠିଙ୍କ ସମେତ ନିକଟସ୍ଥ ୮ଟି ଗ୍ରାମର ଜନସାଧାରଣଙ୍କ ସମେତ ବହୁ ଚାଷୀ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ କାକଟପୁର ଜଳସେଚନ ବିଭାଗ ସବଡ଼ିଭିଜନ ଅଧିନରେ ଥିବା ଅଧିକାଂଶ କେନାଲରେ ଆବଶ୍ୟକ ନଥାଇ ଅନାବଶ୍ୟକ ସ୍ଥଳେ ନେତା ଓ କର୍ମୀଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ବିଭାଗୀୟ ଯନ୍ତ୍ରୀମାନେ ଏକାଧିକ କେନାଲରେ ବ୍ରିଜ ନିର୍ମାଣ କରୁଥିବା ବେଳେ ଧୂର୍ଜଙ୍ଗ ଗ୍ରାମବାସୀଙ୍କ (ବାରମ୍ବାର) ଦାବି ଏହି ବ୍ରିଜ ନିର୍ମାଣ କି ମରାମତି ହେଉନଥିବାରୁ ଏନେଇ ପୁରୀ ଜିଲ୍ଲାପାଳ ଓ ବିଭାଗୀୟ ସଚିବଙ୍କୁ ଅବଗତ କରାଯିବ ବୋଲି ଅଭିଯୋଗକାରୀମାନେ ପ୍ରକାଶ କରିଛନ୍ତି । ଖବରରୁ ପ୍ରକାଶ ବ୍ରିଜର ଗୋଟେ (ପାର୍ଶ୍ୱରେ) ଧୂର୍ଜଙ୍ଗ ଗ୍ରାମ ସମେତ ନିକଟସ୍ଥ ୮ଟି ଗ୍ରାମର ଲୋକ ବସବାସ କରୁ ଥିବାବେଳେ ବ୍ରିଜର ଅନ୍ୟ (ପାର୍ଶ୍ୱ)ରେ ଧୂର୍ଜଙ୍ଗ ଗ୍ରାମ ଶ୍ମଶାନ ରହିଛି । ଏହାଛଡା ୧୦ଟି ପରିବାର ବ୍ରିଜ ନିକଟରେ ବସବାସ କରୁଥିବା ବେଳେ ଏହି ବ୍ରିଜ ଦେଇ ଶତାଧିକ ଚାଷୀ ବାରମାଣିଆ ଗହୀରରେ ଥିବା ସେମାନଙ୍କ ଧାନ ବିଲକୁ ଚାଷ କରିବାକୁ ଯାଇଥାନ୍ତି । ବ୍ରିଜକୁ ସୁରକ୍ଷା ଦେବାକୁ କେନାଲରେ ପାଣି ଆସିଲେ ଜଳସେଚନ ବିଭାଗ ପ୍ରତ୍ୟକ ବର୍ଷ ବାଲି ବସ୍ତା ପକାଏ ବୋଲି ନିକଟସ୍ଥ ଗ୍ରାମବାସୀମାନେ କହିଛନ୍ତି । କେନାଲ ମଧ୍ୟରେ ଏବେ ଅନାବନା ଗଛର ଘଞ୍ଚ ଜଙ୍ଗଲ ସାଙ୍ଗକୁ ଘୋଡାମୁହଁ ପୋଲ ଠାରୁ ଧୂର୍ଜଙ୍ଗ ଗାଁ ପର୍ଯ୍ୟନ୍ତ ଯାଇଥିବା କେନାଲ ବନ୍ଧ ରାସ୍ତା ଖାଲ ଖମାରେ ଭର୍ତ୍ତି ହୋଇଗଲାଣି । ଏହା ଛଡା ରାସ୍ତା ଉପରକୁ ଗଛ ଲତା ମାଡି ଆସିବାରୁ ବିଶେଷକରି ବାଇକ ଚାଳକମାନେ ସମ୍ମୁଖ ପଟୁ ଆସୁଥିବା ଯାନ ବାହନକୁ ଦେଖି ନପାରି ଦୁର୍ଘଟଣାର ଶିକାର ହେଉଛନ୍ତି । ତୁରନ୍ତ ଏହାର ପ୍ରତିକାର କରିବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି ।

## ନବୀନଙ୍କ ଆଶୁ ଆରୋଗ୍ୟ କାମନା କଲେ କର୍ମୀ ଓ ଶୁଭେଚ୍ଛୁ



ଉମରକୋଟ, (ଡିକେ ନ୍ୟୁଜ): ଚିକିତ୍ସା ପାଇଁ ମୁମ୍ବାଇ ଯାଇଛନ୍ତି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନବୀନଙ୍କ ଆସୁ ଆରୋଗ୍ୟ କାମନା କରି ହଜାର ହଜାର ଲୋକ ନବୀନଙ୍କୁ ବିଦାୟ ଦେଇଛନ୍ତି। ମୁମ୍ବାଇର ପ୍ରଖ୍ୟାତ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ନବୀନଙ୍କ ଅସ୍ତ୍ରୋପଚାର ହୋଇଛି। ନବୀନଙ୍କ ବ୍ୟକ୍ତିଗତ ଡାକ୍ତର ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନର ଅପରେସନ ହୋଇଛି। ତେଣୁ ନବୀନ କିପରି ଶୀଘ୍ର ସୁସ୍ଥ ହୋଇ ନିଜ କର୍ମସ୍ଥଳୀକୁ ଫେରି ଆସିବେ ସେଥିପାଇଁ ଉମରକୋଟ ବିଜୁ ଜନତା ଦଳ ତରଫରୁ ସମସ୍ତ ଦଳୀୟ କାର୍ଯ୍ୟକର୍ତ୍ତା କର୍ମୀ ଓ ଶୁଭେଚ୍ଛୁ ଦୀର୍ଘାୟୁ କାମନା କରି ମା' ପେଣ୍ଡ୍ରାଣୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ସହ ଦୀପ ପ୍ରଜ୍ୱଳନ କରିଛନ୍ତି। ସମସ୍ତଙ୍କ ଆଶା ଅଛି ନବୀନଙ୍କର ଯେଉଁ ଅସ୍ତ୍ରୋପଚାର ହେଇଛି ତାହା ସଫଳ ହେବ। ଆଉ ନବୀନ ଶୀଘ୍ର ସୁସ୍ଥ ହୋଇ ଶଙ୍ଖ ଭବନ ଫେରିବେ। ଆଉ ପୂର୍ବ ପରି ଦଳର ଦାୟିତ୍ୱ ନେବେ। ନବୀନଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ଥିବାରୁ 'ଜୁନ୍ ୨୨ ତାରିଖରେ ସର୍ଭାଇକାଲ ଆର୍ଥ୍ରାଇଟିସ୍ ପାଇଁ ମୁମ୍ବାଇର କୋକିଲାବେନ ଧୀରୁବାଇ ଅମ୍ବାନୀ ହସ୍ପିଟାଲରେ ଚିକିତ୍ସା ପାଇଁ ଯିବେ ବୋଲି ନିଜେ ନବୀନ ଟ୍ୱିଟ୍ କରି ସୂଚନା ଦେଇଥିଲେ। ଆଉ ଜୁନ ୨୧ରେ ନବୀନ ମୁମ୍ବାଇ ଅଭିମୁଖେ ବାହାରିଥିଲେ। ନବୀନ ଯିବା ପୂର୍ବରୁ ନବୀନ ନିବାସ ଓ ଏୟାରପୋର୍ଟରେ ତାଙ୍କ ଶୁଭେଚ୍ଛୁଙ୍କ ଭିଡ ଜମିଥିଲା।

## ୨୦୦୬ ମାଟ୍ରିକ ବ୍ୟାଚ ବନ୍ଧୁ ମିଳନ କାର୍ଯ୍ୟକ୍ରମ

ଖୋର୍ଦ୍ଧା, (ଡିକେ ନ୍ୟୁଜ): ଲୋକନାଥ ଦେବ ବିଦ୍ୟାପୀଠ, କୁମାରବସ୍ତ- ୨୦୦୬ ମାଟ୍ରିକ ବ୍ୟାଚ ଛାତ୍ର, ଛାତ୍ରୀ ମାନଙ୍କର ବନ୍ଧୁ ମିଳନ କାର୍ଯ୍ୟକ୍ରମ, ମା ବରୁଣେଇଙ୍କ ପୀଠ ଖୋର୍ଦ୍ଧା ଠାରେ ଅନୁଷ୍ଠିତ ହୋଇଯାଇଛି। ଆଶିଷ ରଞ୍ଜନ ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ୨୦୦୬ ମସିହା ମାଟ୍ରିକ ବ୍ୟାଚର ସମସ୍ତ ଛାତ୍ରଛାତ୍ରୀମାନେ ଏକତ୍ରିତ ହୋଇ ପୁରୁଣା ସ୍ମୃତିକୁ ମନେ ପକାଇ ଭାବବିହ୍ୱଳ ହୋଇପଡ଼ିଥିଲେ। ଛାତ୍ରଛାତ୍ରୀମାନେ ଏମଇ ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ବାଣୀ ବୋଷ, ଭିକାରି ଚରଣ ବେହେରା, ବିଶ୍ୱ ରଞ୍ଜନ ମିଶ୍ର, ଭାଗିରଥି ଜେନା, ମମତା ପ୍ରହରାଜ, କ୍ଷୀରାବ୍ଧି ସିହ୍ନକ୍ଷ, ଅନୁସୟା ସାହୁ, ଲକ୍ଷ୍ମୀ ପ୍ରିୟା ଜେନା, ମଞ୍ଜୁବାଳା ଦାସ, କୃପାସିନ୍ଧୁ ପରିଡା, ଝୁନାରାଣୀ ବେହେରା, ଆଶାମଣି ଦେଇ, ସୁଲଚନା ଦେଇ ପ୍ରମୁଖଙ୍କୁ ଗୁରୁ ପୂଜା କରି ସମ୍ବର୍ଦ୍ଧିତ କରିଥିଲେ।

## ଡ଼ଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଆଦର୍ଶରେ ବିଜେପି କାର୍ଯ୍ୟକର୍ତ୍ତାମାନେ ଅନୁପ୍ରାଣିତ ହୁଅନ୍ତୁ: ରୁଦ୍ର ନାରାୟଣ ପାଣି



ତାଳଚେର, (ଡିକେ ନ୍ୟୁଜ): ଭାରତୀୟ ଜନସଂଘର ସଂସ୍ଥାପକ ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ତାଳଚେରରେ ପାଳିତ ହୋଇଛି ତାଳଚେର ଦେଉଳବେଡା ଠାରେ ମଣ୍ଡଳ ସଭାପତି ରାଜେଶ ଦଳେଇଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଯୋଗଦେଇ ଶ୍ୟାମାପ୍ରସାଦଙ୍କର ଜୀବନୀ ନୀତି ଆଦର୍ଶ ଓ ଜୀବନଶୈଳୀ ଉପରେ ଆଲୋକପାତ କରିଥିଲେ। ତାଙ୍କର ତ୍ୟାଗ ତପସ୍ୟା ବଳିଦାନରେ ଆଜି ଜନସଂଘ ଓ ପରବର୍ତ୍ତୀ ସମୟରେ ବିଜେପି ପ୍ରତିଷ୍ଠା ଲାଭ କରିଛି। ତାଙ୍କର ଦୃଷ୍ଟିକୋଣକୁ ପାଥେୟ କରି ବିଜେପି ଆଜି ସରକାର ଗଠନ କରିପାରିଛି। ବିଜେପି କାର୍ଯ୍ୟକର୍ତ୍ତାମାନେ ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ସାଂସଦ ଶ୍ରୀ ପାଣି ପରାମର୍ଶ ଦେଇଥିଲେ। ଜୋନାଲ ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକଙ୍କର ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାକ୍ତନ ବ୍ଲକ ଅଧକ୍ଷ ବୃନ୍ଦାବନ ବେହେରା, ବ୍ରାହ୍ମଣୀ ମଣ୍ଡଳ ସଭାପତି ଅଜୟ ସାହୁ, ପ୍ରାକ୍ତନ ରେଳ ମଣ୍ଡଳ ସଭାପତି ବରୁଣ ସାହୁ, ସରପଞ୍ଚ ନରେଶ ଚନ୍ଦ୍ର ବେହେରା, ଖଇରା ପ୍ରଧାନ, ଜିତେନ୍ଦ୍ର ଦାସ, ସ୍ୱାଧୀନ ଥମ୍ବ, ସୁନୀଲ ପଟ୍ଟନାୟକ, ଜଗଦୀଶ ମିଶ୍ର, ଜଗଦୀଶ ସିଂହ, ପୂର୍ଣ୍ଣଚନ୍ଦ୍ର ବେହେରା, ପଦ୍ମନ ଜେନା, ଶିବ ନାଏକ, କ୍ଷେତ୍ରବାସୀ ନାଏକ, ବିଜୟ ନାଏକଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ




ଖଡ଼ିଆଳ, (ଡିକେ ନ୍ୟୁଜ): ନୂଆପଡା ଜିଲ୍ଲା, ବୋଡ଼େନ ବ୍ଲକରେ ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଜିଆର୍ ରେଡ୍ଡୀ ରାଘବେନ୍ଦ୍ରଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ସହ ବନଖଣ୍ଡ ଅଧିକାରୀ ଖରିଆଳ ଅଜିଜ ଖାନ୍, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ବ୍ଲକ୍ ଅଧକ୍ଷା ପ୍ରେମଶିଳା ନାଗ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ.ମନୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ଶିବିରରେ ୭୩ଟି ବ୍ୟକ୍ତିଗତ ଓ ୮ଟି ଗୋଷ୍ଠିଗତ ଏଭଳି ମୋଟ ୮୧ଟି ଅଭିଯୋଗର ଶୁଣାଣି ଜିଲ୍ଲାପାଳ କରିଥିଲେ। ଏହି ସବୁ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଅସହାୟ ମହିଳା ରଞ୍ଜିତା ଦଣ୍ଡସେନାଙ୍କୁ ୫ ହଜାର ଟଙ୍କା ରେଡ୍ କ୍ରସ୍ ସହାୟତା ପ୍ରଦାନ କରାଯାଇ ଥିଲା। ବିଡ଼ିଓ ସୁଶାନ୍ତ କୁମାର ରଣା, ତହସିଲଦାର ଅନସୂୟା ବାଗଦେବୀ, ଡେପୁଟୀ କଲେକ୍ଟର ଶେଖ୍ ନସିମ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସଭାରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ଲାଇନ୍ ବିଭାଗ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଅଭିଯୋଗ ଶିବିର ଉପଲକ୍ଷେ ବ୍ଲକ୍‌ରେ ଗୋଟିଏ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ସେହିପରି ସ୍ଥାନୀୟ ଡାକ୍ତରଖାନାରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇ ଥିଲା। ଅଭିଯୋଗକାରୀମାନଙ୍କ ପାଇଁ ଛାୟା, ଚୌକି ଓ ପାନୀୟ ଜଳର ବନ୍ଦୋବସ୍ତ ହୋଇଥିଲା। ଏହି ଅବସରରେ କର୍ଲାକୋଟ ଗାଁରେ ଗୃହପାଳିତ ପଶୁ ପକ୍ଷୀମାନଙ୍କ ଚିକିତ୍ସା ପାଇଁ ପ୍ରାଣୀ ସମ୍ପଦ ବିଭାଗ ତରଫରୁ ଗୋଟିଏ ଶିବିର ଆୟୋଜିତ ହୋଇଥିଲା।

## ଲୋକ ନାଟକ ମହୋତ୍ସବ ଏବଂ ଗୁରୁ ଭଗବାନ ସାହୁଙ୍କ ଜନ୍ମ ମହୋତ୍ସବ ଅନୁଷ୍ଠିତ




ବରଗଡ଼, (ଡିକେ ନ୍ୟୁଜ): ବଲାଙ୍ଗୀର ଜିଲ୍ଲା ଲୋଇସିଂହା ଆଦିବାସୀ ସାଂସ୍କୃତିକ ସଂଘ ଏବଂ ସୁର ସଙ୍ଗମ ମିଳିତ ଆନୁକୂଲ୍ୟରେ ଓଡ଼ିଶା ସରକାରଙ୍କ ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଲୋଇସିଂହା ଆଇସିଡ଼ିଏସ୍ ଠାରେ ଏକ ଦିବସୀୟ ଲୋକ ନାଟକ ମହୋତ୍ସବ ଏବଂ ପଶ୍ଚିମ ଓଡ଼ିଶା ଭାଷା କଳା ସଂସ୍କୃତିର ପ୍ରଚାରକ କିମ୍ବଦନ୍ତୀ ନାଟ୍ୟ ମହର୍ଷି ଗୁରୁ ଭଗବାନ ସାହୁଙ୍କ ଜନ୍ମ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ନିସାର ଅହମଦ ନିସାରଙ୍କ ପ୍ରାରମ୍ଭିକ ସଙ୍ଗୀତ ପରେ ଲୋଇସିଂହା ଜମିଦାର ଅର୍ଚ୍ଚନା ଦେବୀ ସିଂ ରାଏଙ୍କ ଅଧକ୍ଷତାରେ ପଞ୍ଚଜନ୍ୟ ସାହିତ୍ୟ ସଂସଦ ଦେବେନ୍ଦ୍ର କୁମାର ମିସ୍ତ୍ରୀଙ୍କ ସଭାପତିତ୍ୱରେ ସରୋଜ ମହାକୁରଙ୍କ ସଂଯୋଜନାରେ ମୁଖ୍ୟଅତିଥି ଶିକ୍ଷାବିତ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ସଭାପତି ଶ୍ୟାମସୁନ୍ଦର ଭୋଇ, ନାଟକ ଆଲୋଚନାଚକ୍ରରେ ଗୀତିକାର ଧର୍ମ ସିଂ ମିଶ୍ର ବଲାଙ୍ଗୀର, ଭୂମିକା ଅନୁଷ୍ଠାନର ଚିତ୍ତ ନାଏକ, ଚନ୍ଦ୍ରମଣି ବାରିକ, ସରୋଜ ପଟେଲ, କଳା ନିର୍ଦ୍ଦେଶକ ଗୌରୀ ଶଙ୍କର ବେତ, ଗବେଷକ ସାଲେଗ୍ରାମ ହୋତା, ଜ୍ୟୋତି ସାହୁ, ସାହିତ୍ୟିକ ସଚ୍ଚିଦାନନ୍ଦ ପ୍ରଧାନ, ଲୋକ ନାଟକ ପରିବେଷଣ କରିଥିଲେ ଦେବେନ୍ଦ୍ର କନ୍ଧେର, ଗୁରୁ ଭଗବାନ ସାହୁଙ୍କ ଉପରେ ଆଲୋଚନାଚକ୍ର ଏବଂ କବିତା ପାଠରେ କବି ନିରଞ୍ଜନ ପଣ୍ଡା, ସୁରେନ୍ଦ୍ର ବୀର ଭୂବନ ଭୋଇ, ଚିତ୍ତରଞ୍ଜନ ବିଶ୍ୱାଳ, ଉଦ୍ଧବ ବାରୀକ, ରଶ୍ମି ପାତ୍ର, ଚୁମକି ଦାଶ, ମଞ୍ଜୁ ଲତା ମେହେର, ନବୀନ କିଶୋର ବେହେରା ପ୍ରମୁଖ ସହଯୋଗ କରିଥିଲେ। ସୁର ସଙ୍ଗମ ସଭାପତି ନିସାର ଅହମଦ ନିସାର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କଳା ସଂସ୍କୃତି ସମେତ ବିଭିନ୍ନ ବର୍ଗର ବୁଦ୍ଧିଜିବୀ ଅଂଶଗ୍ରହଣ କରିଥିଲେ।

## ମେଗା ରକ୍ତଦାନ ଶିବିର ଆୟୋଜିତ

ପାରାଦୀପ, (ଡିକେ ନ୍ୟୁଜ): ଷ୍ଟେଟ ବ୍ୟାଙ୍କ ପାରାଦୀପ ମୁଖ୍ୟଶାଖା ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ମୁଖ୍ୟ ଆଞ୍ଚଳିକ ବାଣିଜ୍ୟ ଶାଖା ପରିଚାଳକ ବିଜୟ କୁମାର ବେହେରା ଉଦଘାଟନ ରିବାବେଳେ ତାଙ୍କର ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଉକ୍ତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ପାରାଦୀପର ଜଣାଶୁଣା ସ୍ୱଚ୍ଛୋସେବୀ ସଂଗଠନ ଆହ୍ୱାନ ଫାଉଣ୍ଡେଟସର କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀମାନଙ୍କୁ ସହଯୋଗୀ ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିଲା। ସଂଗଠନର କର୍ମକର୍ତ୍ତା ଓ ସଦସ୍ୟମାନେ ରକ୍ତଦାନ ଶିବିର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉପିସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଏହି ଶିବିରରେ ୧୦୨ ୟୁନିଟ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କର ଏଚଆର ସୁକାନ୍ତ ସାହୁ ଓ ମୁଖ୍ୟ ଶାଖାର ସମସ୍ତ ଅଧିକାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। କଟକ ସେଣ୍ଟ୍ରାଲ ରେଡକ୍ରସ ଟିମ ଉକ୍ତ ରକ୍ତଦାନ ଶିବିରରେ ରକ୍ତ ସଂଗ୍ରହ କରିଥିଲେ।

## ସାଇବାବାଙ୍କ ବିଗ୍ରହ ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ



ବ୍ରହ୍ମପୁର, (ଡିକେ ନ୍ୟୁଜ): ସ୍ଥାନୀୟ ଗୋଶାଣୀନୂଆଗାଁ ସ୍ଥିତ ଓମ ବିହାର ଠାରେ ଶିରିଡି ସାଇବାବା ଟ୍ରଷ୍ଟ ପକ୍ଷରୁ ନିର୍ମିତ ନୂତନ ଶିରିଡି ସାଇବାବାଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଠିକ ବିଗତ ବର୍ଷ ଆଜିର ତିଥିରେ ମନ୍ଦିର ପ୍ରତିଷ୍ଠା ସହ ଶିରିଡ଼ି ସାଇବାବା ବିଗ୍ରହ ସ୍ଥାପନା ହୋଇଥିଲା। ଆଜି ପ୍ରାତଃ ସମୟରେ ପୂଜକଙ୍କ ଦ୍ୱାରା ସ୍ୱତନ୍ତ୍ର ରୀତିନୀତି ଅନୁସାରେ ସାଇ ବାବା ପୂଜାର୍ଚ୍ଚନା କରାଯାଇ ଆଳତି ଏବଂ ଶୁଖିଲା ଭୋଗ ଲାଗି ହୋଇଥିଲା। ପରବର୍ତ୍ତି ସମୟରେ ଦୀନତମାମ କାର୍ଯ୍ୟସୂଚୀ ଅନୁଯାୟୀ ସମସ୍ତ ପୂଜା ଅନୁଷ୍ଠିତ ହୋଇଛି। ବାର୍ଷିକ ଉତ୍ସବ ଅବସରରେ ଭକ୍ତ ଶ୍ରଦ୍ଧାଳୁଙ୍କ ପ୍ରସାଦ ସେବନ ନିମନ୍ତେ ଆନନ୍ଦ ବଜାର ବ୍ୟବସ୍ଥା ରହିଛି। ଦଶହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ମଧାହ୍ନ ଓ ରାତ୍ର ଭୋଜନରେ ସାମିଲ ହୋଇଛନ୍ତି। ସ୍ଥାନୀୟ ଅଞ୍ଚଳର ବହୁ ସ୍ୱେଚ୍ଛାସେବୀ ପ୍ରାସାଦ ବଣ୍ଟନରେ ସହଯୋଗ କରିଥିଲେ। ଶିରିଡ଼ି ସାଇବାବା ମନ୍ଦିର ଟ୍ରଷ୍ଟି ଲୋହିତ କୁମାର ମଙ୍ଗରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ସମେତ ସାଇ ବାବାଙ୍କ ଅନେକ ଭକ୍ତବୃନ୍ଦ ଉପସ୍ଥିତ ରହିଥିଲେ।

## ରାସ୍ତା ଉପରେ ପଡିଗଲା ବହୁ ପୁରାତନ ତେନ୍ତୁଳୀ ଗଛ



ମାଲକାନଗିରି, (ଡିକେ ନ୍ୟୁଜ): ମାଲକାନଗିରି ଜିଲ୍ଲା ବାଲିମେଳା ସହରର ୱାର୍ଡ ନମ୍ବର-୯ ଟିଣ ସାହିର ତିନି ଛକ ଠାରେ ଏକ ବାହୁ ପୁରାତନ ତେନ୍ତୁଳୀ ଗଛ ବର୍ଷା ଯୋଗୁ ଉପୁଡି ଯାଇ ନିକଟରେ ଥିବା ଏକ ଘରର ଅଳ୍ପ କିଛି ଅଂଶରେ ପଡିବା ସହିତ ଗୋଟିଏ ବିଦ୍ୟୁତ ଖୁଣ୍ଟ ଉପରେ ପଡିବାରୁ ବିଦ୍ୟୁତ ତାର ଛିଣ୍ଡି ଯାଇ ରାସ୍ତା ଉପରେ ଗଛଟି ପଡିଯାଇଥିଲା। ଯାହା ଫଳରେ ଉକ୍ତ ରାସ୍ତା ଦେଇ ସ୍ଥାନୀୟ ଲୋକଙ୍କର ଯିବା ଆସିବା ଏକ ପ୍ରକାର ଠପ ହୋଇଯାଇଥିଲା। ଏହାକୁ ନେଇ ସାହି ବାସିନ୍ଦା ତୁରନ୍ତ କୋରୁକୋଣ୍ଡା ଦମକଳ ବାହିନୀ କାର୍ଯ୍ୟାଳୟକୁ ଯୋଗା ଯୋଗ କରିଥିଲେ। ଖବର ପାଇ ତୁରନ୍ତ ଦମକଳ ବାହିନୀ ଷ୍ଟେସନ ଅଫିସର ସୁନୀଲ ନାୟକଙ୍କ ତତ୍ତ୍ୱାବଧାନରେ ଏଲଏଫଏମ ବାସୁଦେବ ବିଶ୍ୱାଳ, ଫାୟାର ମେନ ଭଗବାନ ଭୂୟାଁଙ୍କ ସମେତ ଅନ୍ୟ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଧରି ସେଠାରେ ପଡ଼ିଥିବା ଗଛଟିକୁ କାଟି ବାହାର କରିବା ପରେ ଯାଇ ଉକ୍ତ ରାସ୍ତାରେ ଯିବା ଆସିବା ସମ୍ଭବ ହୋଇପାରିଥିଲା। ଗଛ କାଟି ବାହାର କରିବା ପରେ ତୁରନ୍ତ ବିଦ୍ୟୁତ ବିଭାଗ କର୍ମଚାରୀମାନେ ଘଟଣା ସ୍ଥଳରେ ପହଁଞ୍ଚି ବିଦ୍ୟୁତ ସଂଯୋଗ କରିଥିଲେ। ହେଲେ ଏହି ଘଟଣାରେ କାହାର କିଛି କ୍ଷତି ହୋଇନଥିବା ଜଣା ପଡିଛି।

## ଗ୍ରାମବାସୀଙ୍କ ଜିଦ ଆଗରେ ମୁଣ୍ଡ ନୁଆଇଁଲା ପ୍ରଶାସନ

ରାୟଗଡା /ପଦ୍ମପୁର, (ଡିକେ ନ୍ୟୁଜ୍): ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ୍ର ଜାଡିଲି ପଞ୍ଚାୟତର ସର୍ଗିଗୁଡ଼ା ମୌଜା ସ୍ଥିତ ଖାତା ନଂ. ୩୯, ପ୍ଲଟ୍ ନଂ. ୧୮୧, ପତ୍ରା ଜଙ୍ଗଲ କିସମ ଓ ୭.୯୦ ଏକର ସରକାର ଦେଇଥିଲେ ଗୋଷ୍ଠିଗତ ଜଙ୍ଗଲ ଜମି। ବିକାଶ କରିଥିଲେ ସର୍ଗିଗୁଡା ଗ୍ରାମବାସୀ। ନିର୍ମାଣ କରିଥିଲେ ନିଜ ଧର୍ମ ଓ ଆଦିବାସୀ ପରମ୍ପରାର ଉପାସନା ସ୍ଥଳି। ଏଫଆରସି ଯୋଜନାରେ ମିଳିଥିବା ଜମିରେ ସୃଷ୍ଟି କରିଥିଲେ ଜଙ୍ଗଲ। ବର୍ଷବର୍ଷ ଧରି କରିଆସୁଥିଲେ ଏହାର ରକ୍ଷଣାବେକ୍ଷଣ। ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ଏହି ଉପାସନାସ୍ଥଳୀକୁ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଭାଙ୍ଗିଦେବା ପାଇଁ ପଦ୍ମପୁର ପ୍ରଶାସନ ବୁଲଡୋଜର ଧରି ସେଠାରେ ପହଞ୍ଚିଥିଲା। ଏହି ସମୟରେ ଗ୍ରାମବାସୀମାନେ ନଭାଙ୍ଗିବା ପାଇଁ ଅଡ଼ି ଧରି ବସିଥିଲେ। ଘଟଣା ସ୍ଥଳକୁ ସ୍ଥାନୀୟ ବିଧାୟକ ସତ୍ୟଜିତ ଗମାଙ୍ଗଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତାମାନେ ଆସି କେଉଁ କାରଣରୁ ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ଏହି ଜଙ୍ଗଲ ମଧ୍ୟରେ ଥିବା ଏହି ଉପାସନା ସ୍ଥଳୀକୁ ଭାଙ୍ଗିବା ପାଇଁ ବସିଛ କହି ପ୍ରଶାସନ ସହିତ ଯୁକ୍ତିତର୍କ କରିଥିଲେ। ଦୀର୍ଘ ୫ଘଣ୍ଟାର ଯୁକ୍ତିତର୍କ ଓ ବିରୋଧ ପରେ ବାଧ୍ୟ ହୋଇ ଏହାକୁ ନଭାଙ୍ଗିବା ପାଇଁ ଗ୍ରାମବାସୀଙ୍କ ଜିଦ ଆଗରେ ମୁଣ୍ଡ ନୁଆଇଁ ନଭାଙ୍ଗି ବୁଲଡୋଜରକୁ ଫେରାଇ ନେଲା ପ୍ରଶାସନ। ସୂଚନାଯୋଗ୍ୟ ଯେ ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ ଜାଡିଲି ଗ୍ରାମ ପଞ୍ଚାୟତ ସର୍ଗିଗୁଡା ଗ୍ରାମରେ ୨୦୧୪ ମସିହାର ତତ୍କାଳୀନ ଜିଲ୍ଲାପାଳ, ଜିଲ୍ଲା ବନ ଅଧିକାରୀ ଓ ଜିଲ୍ଲା ମଙ୍ଗଳ ଅଧିକାରୀ, ମିଳିତ ସ୍ୱାକ୍ଷରରେ ଏକ ଗୋଷ୍ଠିଗତ ଜଙ୍ଗଲ ଜମି ଶିରୋନାମା ଏଫଆରସି ନଂ ୪୪/୨୦୧୪ ଅନୁସାରେ ପ୍ରଦାନ କରାଯାଇଥିଲା। ଏହି ଜମି ସର୍ଗିଗୁଡ଼ା ମୌଜା ସ୍ଥିତ ଖାତା ନଂ. ୩୯, ପ୍ଲଟ୍ ନଂ. ୧୮୧, ପତ୍ରା ଜଙ୍ଗଲ କିସମ ଓ ୭.୯୦ ଏକର ଜମିରେ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ଉନ୍ନତିମୂଳକ କାମ କରାଯାଇଛି। ବନ ବିଭାଗ ସହାୟତାରେ ପ୍ରାୟ ୩୦୦୦ ଗଛ ଲଗା ଯାଇଛି। ସ୍ୱତନ୍ତ୍ର ଉନ୍ନୟନ ପରିଷଦଙ୍କ ଅନୁଦାନରେ ଏକ ଯଜ୍ଞଶାଳା ନିର୍ମାଣ କରି ହିନ୍ଦୁ ଆଦିବାସୀ ସଂସ୍କୃତିର ଉପାସନା କରାଯାଉଛି। ଗୋଟିଏ ଅତିଥି ବିଶ୍ରାମାଗାର ନିର୍ମାଣ କରି ଅସହାୟ ଓ ବୟସ୍କ ଲୋକଙ୍କ ସେବାର୍ଥେ ବିନିଯୋଗ କରାଯାଉଛି। ଏକ ଗୋଶାଳା କରି ଗୋସେବା ସହ ଗୋଚାଲାଣ ରୋକିବା ଓ ପ୍ରାକୃତିକ ଖତ ପ୍ରସ୍ତୁତ କରି ଗଛଗୁଡିକ ବଞ୍ଚାଇ ରଖି ଛନ୍ତି ଗାଁ ଲୋକେ। ଗୋଟିଏ ନଳକୂପ ଖୋଳାଇ ଗ୍ରାମବାସୀ, ଭକ୍ତ, ପଥିକଙ୍କୁ ଜଳ ଯୋଗାଣ ସହିତ ଗଛଗୁଡିକୁ ସେଚିତ କରୁଛନ୍ତି। ଏସବୁ ପରିବେଶର ରକ୍ଷଣାବେକ୍ଷଣ ପାଇଁ ଏକ ତାର ବାଡର ବ୍ୟବସ୍ଥା କରିଛୁ। କିନ୍ତୁ ଜିଲ୍ଲା ପ୍ରଶାସନ ରାଜସ୍ୱ ବିଭାଗ ସ୍ୱାରା ଗତ ତା.୦୭.୦୪.୨୦୨୫ ରିଖରେ ଓ ୧୯.୦୪.୨୦୨୫ ରିଖରେ ସ୍ଥାନୀୟ ତହସିଲଦାରଙ୍କ ଦ୍ୱାରା ଏକ ନୋଟିସ ଚନ୍ଦ୍ରମୋହନ ଦୋରାଙ୍କ ନାମରେ ଦିଆଯାଇ ସେ ଆମ ଜଙ୍ଗଲ ଜମିକୁ ଅତିକ୍ରମ କରିଛନ୍ତି ବୋଲି ଦର୍ଶାଇ ଉକ୍ତ ଉନ୍ନତିମୂଳକ କାମକୁ ଭାଙ୍ଗି ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ରାଜସ୍ୱ ନିରୀକ୍ଷକ, ଅମିନ ଜାଗା ଚିହ୍ନଟ କରି ଆମ ଗାଁକୁ ଜଙ୍ଗଲ ଆମର ବୋଲି ଦର୍ଶାଇଥିଲେ। ଅଦ୍ୟାବଧି ସେହି ଜମି ଆମର ସଂପୂର୍ଣ୍ଣ ଦଖଲରେ ଅଛି। ଯେହେତୁ ଶ୍ରୀ ଦୋରାଙ୍କ ଏକ ଗୃଷ ଜମି ଉକ୍ତ ଜଙ୍ଗଲ ଜମି ପାର୍ଶ୍ୱରେ ରହିଅଛି, ତେଣୁ ତହସିଲଦାର ତାଙ୍କୁ ଉକ୍ତ ଅନ୍ୟାୟୋଚିତ ନୋଟିସ ଦେଇଛନ୍ତି। ଯଦିଓ ଭାଙ୍ଗିଦେବେ ଆଦିବାସୀଙ୍କ ପାରମ୍ପାରିକ, ସାଂସ୍କୃତିକ ଓ ଧାର୍ମିକ ଦୃଷ୍ଟିରୁ ପ୍ରଦାନ କରାଯାଇଥିବା ଉକ୍ତ ଜମିରେ କରାଯାଇଥିବା ଉନ୍ନତିମୂଳକ କାମକୁ ନଷ୍ଟ କରାନଯାଉ। ଆମ୍ଭ ଗ୍ରାମର ଅସହାୟ ବୃଦ୍ଧ ବୃଦ୍ଧା, ଗୋସଂପଦ ସେଠାରେ ଉପକୃତ ହେଉଛନ୍ତି। ଏହି ବିଷୟକୁ ବିଶେଷ ଭାବରେ ବିଶ୍ଳେଷଣ କରି ଆମ ସହିତ ପ୍ରଶାସନ ଆଲୋଚନା କରି ଯଥା ଶିଘ୍ର ଉଚ୍ଛେଦ ନିଷ୍ପତ୍ତି ରଦ୍ଦ କରନ୍ତୁ ବୋଲି ସଭାପତି ଦାଶରଥି ଶବର ଏବଂ ଗ୍ରାମବାସୀ ମଲ୍ଲିକେଶର ଶବର, ରତ୍ନାକର ଶବର, ମନୋରଞ୍ଜନ ଶବର କୋର୍ଟ ଦ୍ୱାରା ସତ୍ୟପାଠ ସହିତ ଲିଖିତ ଅଭିଯୋଗ ରାୟଗଡା ଜିଲ୍ଲା ଗସ୍ତରେ ଆସିଥିବା ଓଡ଼ିଶା ଅନୁସୂଚିତ ଜାତିର ଅଧକ୍ଷ ଆଶିଷ କୁମାର ମହାନ୍ତିଙ୍କ ସମେତ ଏସପି, ଏସପି, ଡିଏଫଓ, ଉପ ଜିଲ୍ଲାପାଳ ଗୁଣପୁରଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ପ୍ରଶାସନ ନିଜ ନିଷ୍ପତ୍ତି ରେ ଅଟଳ ରହି ଭାଙ୍ଗିବାକୁ ବସିଥିଲା। ଆଜିର ଏହି ଘଟଣା ପରେ ଅଞ୍ଚଳର ବୁଦ୍ଧିଯିବିମାନଙ୍କ ମଧ୍ୟରେ ଏକ ପ୍ରଶ୍ନବାଚି ସୃଷ୍ଟି କରୁଛି ଯେ ପଦ୍ମପୁର ବଜାରର ମୁଖ୍ୟରାସ୍ତା ଓ ଏହାର ନିକଟରେ ସରକାରୀ ଜମିକୁ ଜବରଦଖଲ କରି ବିରାଟ ବଡ଼ ବଡ଼ ଅଟାଳିକ ଗୁଡିକ ନିର୍ମାଣ କରିଥିବା ବେଳେ ପଦ୍ମପୁର ତହସିଲ ଅଞ୍ଚଳରେ ସରକାରୀ, ଗୋଚର, ଅନାବାଦି, ଚକନାଳି, ଚକରାସ୍ତା ଆଦି ଜମିକୁ ଜବରଦଖଲ କରିଥିବା ହେତୁ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଗୁଡିକ ହୋଇନପାରି ଟଙ୍କା ଫେରିଯାଉଥିବା ବେଳେ ଏହି ଜଙ୍ଗଲ ମଧ୍ୟରେ ହୋଇଥିବା ଆଦିବାସୀମାନଙ୍କ ଉପାସନାସ୍ଥଳିକୁ ପ୍ରଶାସନ କାହିଁକି ଭାଙ୍ଗିବାକୁ ଏତେ ତତ୍ପର ହେଉଛି ବୋଲି ପ୍ରଶ୍ନବାଚି ସୃଷ୍ଟି କରୁଛି।

## ଅବଶିଷ୍ଟାଂଶ...

### ତାରାତାରେଣୀ ମନ୍ଦିରର...

ବି ମୁହୂର୍ତ୍ତ ନଷ୍ଟ କରିନାହିଁ। ମାତ୍ର ୧୫୦ ଦିନ ମଧ୍ୟରେ ୧ ଲକ୍ଷ ୮୦ ହଜାର କୋଟି ଟଙ୍କାର ପ୍ରକଳ୍ପ ଆରମ୍ଭ କରିଛୁ। ଏହା ମାଧ୍ୟମରେ ୧.୧୦ ଲକ୍ଷ ନିଯୁକ୍ତି ମିଳିବା ନିଶ୍ଚିତ ହୋଇଛି। ଏକବର୍ଷ ମଧ୍ୟରେ ୨୮ ହାଜର ୩୪୬ ସରକାରୀ ନିଯୁକ୍ତି ଦେଇଛୁ। ଯୁବ ବର୍ଗଙ୍କ ପାଇଁ ଆମେ କୌଣସି ସୁଯୋଗ ହାତଛଡ଼ା କରିବୁ ନାହିଁ। ଯୁବ ବର୍ଗଙ୍କୁ ଉତ୍ସାହିତ କରି ସେ କହିଥିଲେ ଆପଣ ମାନେ ନିଜ ନିଜର ପ୍ରତିଭାକୁ ଜାଣନ୍ତୁ ଏବଂ ତାର ବିକାଶ ପାଇଁ କାମ କରନ୍ତୁ। ନିଜର ଚିନ୍ତାଧାରାକୁ ବିଶ୍ୱସ୍ତରୀୟ କରନ୍ତୁ। ସବୁବେଳେ ଭାବନ୍ତୁ ଯେ ଆଇ ମଷ୍ଟ ବି ଦି ବେଷ୍ଟ. ତାହେଲେ ଆପଣ ସବୁ କରିପାରିବେ। ଆପଣ ନିଜେ ସଫଳ ହେବେ ଏବଂ ଆପଣଙ୍କ ଯୋଗୁ ସାରା ଓଡ଼ିଶା ସଫଳ ହେବ। ଦେଢ଼ କୋଟିରୁ ଅଧିକ ଯୁବ ବର୍ଗ ଯେତେବେଳେ ସଫଳ ହେବେ, ସେତେବେଳେ ଓଡିଶା ଦେଶର ଶ୍ରେଷ୍ଠ ରାଜ୍ୟ ଭାବେ ବିକଶିତ ଭାରତର ଗ୍ରୋଥ ଇଞ୍ଜିନ ହେବ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲ୍ଲାର ବରପୁତ୍ର ମାନଙ୍କ ସହିତ ମହାନ ଜନନେତା ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ପ୍ରକାଶିତ ପୁସ୍ତିକା ତୃଣମୂଳରୁ ଶୀର୍ଷ ସୋପାନ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା, କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଭଞ୍ଜନଗର, କବିସୂର୍ଯ୍ୟନଗର, ବ୍ରହ୍ମପୁର, ଛତ୍ରପୁର, ଖଲିକୋଟ, ଦିଗପହଣ୍ଡି, ଚିକିଟି ଓ ସୋରଡ଼ାର ବିଧାୟକ ଏବଂ କ୍ରୀଡ଼ା ଓ ଯୁବ ସେବା ବିଭାଗର ପ୍ରମୁଖ ଶାସନ ସଚିବ ଉପସ୍ଥିତ ଥିଲେ।

### ସାମାଜିକ ନିରାପତ୍ତା ଯୋଜନାରେ...

ମ୍ୟାନେଜରଙ୍କୁ ସେମାନଙ୍କ ନାମ ପଞ୍ଜିକରଣ ପାଇଁ ପ୍ରଦାନ କରିଥିଲେ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ରାଜଭବନ ବ୍ରାଞ୍ଚର ମ୍ୟାନେଜର ସୁନୀତା ବେହେରା ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଯୋଜନା ସଂପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ, ଆରକ୍ଷୀ ମହାନିର୍ଦ୍ଦେଶକ କ୍ରାଇମବ୍ରାଞ୍ଚ ବିନୟତୋଷ ମିଶ୍ର, ଡିଆଇଜି ଏସ୍‌ଟିଏଫ୍ ପିନାକ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ରାଜଭବନର ଅଧିକାରୀ ଓ କର୍ମଚାରୀ ଏହି ସଚେତନତା ଅଭିଯାନରେ ସାମିଲ ହୋଇଥିଲେ।

### ମହାପ୍ରଭୁଙ୍କୁ ଲାଗିହେଲା...

ରବିବାର ବିଳମ୍ବିତ ରାତିରୁ ଦଇତାପତି ସେବକମାନେ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସୋମବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ସମସ୍ତ ନୀତିକାନ୍ତି ଚାଲିବ। ସୂଚନାଯୋଗ୍ୟ ସୋମବାର ଅଣସର ତ୍ରୟୋଦଶୀ ଅଣସର ଘରେ ଗୋପନ ନୀତି ପରେ ସୁସ୍ଥ ହୋଇଛନ୍ତି ମହାପ୍ରଭୁ। ଏ ସମ୍ପର୍କରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ପୂର୍ବରୁ ସୂଚନା ଦେଇ ସାରିଛନ୍ତି ଦଇତାପତି ସେବାୟତମାନେ। ରଥଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ କରିବା ପାଇଁ ମଧ ସେମାନେ ନିବେଦନ କରିସାରିଛନ୍ତି। ଶାସ୍ତ୍ର ଅନୁଯାୟୀ ମହାପ୍ରଭୁଙ୍କଠାରେ ଫୁଲୁରି ତେଲ, ଓଷ ଲାଗି, ଦଶମୂଳ ଲାଗି, ସର୍ବାଙ୍ଗ ଚନ୍ଦନ, ରାଜପ୍ରସାଦ ବିଜେ ପରେ ଖଳିପ୍ରସାଦ ବିଜେ ନୀତି ସମ୍ପନ୍ନ ହେବାର ବିଧି ରହିଛି। ଶୁଦ୍ଧ ସୁଆରଙ୍କଦ୍ୱାରା ପ୍ରସ୍ତୁତ ଏହି ଦିବ୍ୟ ପ୍ରଲେପକୁ ଦଇତାପତି ସେବକ ଶ୍ରୀଅଙ୍ଗରେ ଲାଗି କରିଥାନ୍ତି। ଖଳି ଲାଗି ପୂର୍ବରୁ ପ୍ରଭୁଙ୍କ ଘଣା ଲାଗି ଗୋପନ ନୀତି ସମ୍ପନ୍ନ ହୋଇଥାଏ। ଏଥିପୂର୍ବରୁ ନୂତନ ବିଗ୍ରହଙ୍କୁ ଗୋପନ ସେବାରେ ରକ୍ତ ବସ୍ତ୍ର ଆବରଣ ଦିଆଯାଇଥାଏ। ଗୋପନତା ରକ୍ଷା କରି ଦଇତାପତି, ପତିମହାପାତ୍ର ସେବକମାନେ ଏକ ସ୍ୱତନ୍ତ୍ର ଶୈଳି ଅବଲମ୍ବନରେ ଶ୍ରୀଜିଉଙ୍କୁ ରକ୍ତ ବସ୍ତ୍ର ଆବରଣ ଦେଇଥାଆନ୍ତି। ଏହା ପରେ ନବଯୌବନ ପୂର୍ବରୁ ଶ୍ରୀବିଗ୍ରହମାନଙ୍କ ଶ୍ରୀଅଙ୍ଗରେ ଶେଷ ଦଫାରେ (ଖଳି ଲାଗି) ଦିବ୍ୟ ପଲେପ ଦିଆଯାଏ।

### ଆଜି ବାରାଣସୀରେ କେନ୍ଦ୍ରୀୟ...

ପାରସ୍ପରିକ ବୁଝାମଣା ଏବଂ ସହଯୋଗର ସୁସ୍ଥ ବନ୍ଧନକୁ ପ୍ରୋତ୍ସାହିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ କାରକ ବୋଲି ପ୍ରମାଣିତ ହୋଇଛି। ସମସ୍ତ ରାଜ୍ୟ ସରକାର, କେନ୍ଦ୍ରୀୟ ମନ୍ତ୍ରଣାଳୟ ଏବଂ ବିଭାଗର ସହଯୋଗରେ ଗତ ଏଗାର ବର୍ଷ ମଧ୍ୟରେ ବିଭିନ୍ନ କ୍ଷେତ୍ରୀୟ ପରିଷଦ ଏବଂ ସେମାନଙ୍କ ସ୍ଥାୟୀ କମିଟିଗୁଡ଼ିକର ମୋଟ ୬୧ଟି ବୈଠକ ଅନୁଷ୍ଠିତ ହୋଇଛି। ମହିଳା ଏବଂ ଶିଶୁମାନଙ୍କ ବିରୋଧରେ ଅପରାଧ ମାମଲାର ତ୍ୱରିତ ତଦନ୍ତ ଏବଂ ତାହାର ଶୀଘ୍ର ସମାଧାନ ପାଇଁ ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର କୋର୍ଟ (ଏଫଟିଏସସି) ର କାର୍ଯ୍ୟକାରିତା ସମେତ ଜାତୀୟ ଗୁରୁତ୍ୱପୂର୍ଣ୍ଣ ବିସ୍ତୃତ ପ୍ରସଙ୍ଗ ଉପରେ ମଧ୍ୟ ଆଞ୍ଚଳିକ ପରିଷଦଗୁଡ଼ିକ ଆଲୋଚନା କରନ୍ତି; ପ୍ରତ୍ୟେକ ଗାଁର ନିର୍ଦ୍ଧାରିତ ଅଞ୍ଚଳ ମଧ୍ୟରେ ବ୍ୟାଙ୍କର ନିଜସ୍ୱ ଶାଖା ସୁବିଧା ପ୍ରଦାନ କରିବା; ଜରୁରୀକାଳୀନ ପ୍ରତିକ୍ରିୟା ସହାୟତା ବ୍ୟବସ୍ଥା (ଇଆରଏସଏସ୍-୧୧୨) ର କାର୍ଯ୍ୟକାରିତା; ଏବଂ ପୁଷ୍ଟିସାଧନ, ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ ସଂଯୋଗ, ସହରାଞ୍ଚଳ ଯୋଜନା ଏବଂ ସମବାୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ଭଳି ବିଭିନ୍ନ ଆଞ୍ଚଳିକ ସ୍ତରୀୟ ସାଧାରଣ ସ୍ୱାର୍ଥ ପ୍ରସଙ୍ଗ ଅର୍ନ୍ତଭୁକ୍ତ।







## ଜାତୀୟ ଜଳକ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

# ଓଡ଼ିଶାକୁ ସୃଷ୍ଟି ଦେଲେ ପ୍ରଥମ ସ୍ୱର୍ଣ୍ଣ, ୧୦୦ ମିଟର ବଟରଫ୍ଲାଏରେ ଯୁଗ୍ମବିଜେତା

ଭୁବନେଶ୍ୱର, ୨୩।୬ (ହି.ସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍ ସନ୍ତରଣାଗାରଠାରେ ରବିବାର ୭୮ତମ ଜାତୀୟ ଜଳକ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନରେ ଆୟୋଜକ ଓଡ଼ିଶାକୁ ପଦକ ଭେଟି ଦେଇଛନ୍ତି ସୃଷ୍ଟି ଉପାଧ୍ୟାୟ। ମହିଳା ୧୦୦ ମିଟର ବଟରଫ୍ଲାଏକୁ ସେ ୧ ମିନିଟ୍ ୦୩.୫୦ ସେକେଣ୍ଡରେ ଶେଷ କରି ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଆର୍‌ଏସପିବିର ଆସ୍ଥା ଚୌଧୁରୀ (୧:୦୩.୫୦) ମଧ୍ୟ ସାମନ ସମୟରେ ରେସ୍ ଶେଷ କରି ସୃଷ୍ଟିଙ୍କ ସହ ଯୁଗ୍ମ ବିଜେତା ହୋଇଥିଲେ। କର୍ଣ୍ଣାଟକର ଧୀନିଧୀ ଦେସିଂଘୁ (୧:୦୨.୫୨) କାଂସ୍ୟ ଜିତିଥିଲେ। ମହିଳା ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକରେ ଭାଗ ନେଇଥିବା ଓଡ଼ିଶାର ମନ୍ନତା ମିଶ୍ର (୨:୪୧.୪୩) ଚତୁର୍ଥରେ ରହି ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲା ବେଳେ ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ (୨:୪୨.୯୮) ଷଷ୍ଠ ସ୍ଥାନରେ ରହିଥିଲେ। ଆରସିବିର ହର୍ଷିତା ଜୟରାମ (୨:୩୭.୭୨), କର୍ଣ୍ଣାଟକର ତନୟା ସଦାକ୍ଷରୀ (୨:୩୯.୪୧) ଏବଂ ମହାରାଷ୍ଟ୍ରର ସାନଭୀ ଦେଶୱାଲ (୨:୪୦.୨୪) ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ଜିତିଥିଲେ। ତେବେ ପୁରୁଷ ୧୦୦ ମିଟର ବଟରଫ୍ଲାଏରେ ତାମିଲନାଡୁର ବି ବେଦେଡିକ୍ଟନ ରୋହିତ (୫୨.୫୭) ଜାତୀୟ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ଇଭେଣ୍ଟରେ ସେ ଅଲିମ୍ପିଆନ୍ ସାଜନ ପ୍ରକାଶଙ୍କୁ ପଛରେ ପକାଇବା ସହ ତାଙ୍କ ନାମରେ ଥିବା (୫୩.୨୪)ଜାତୀୟ ରେକର୍ଡକୁ ଟପିଥିଲେ। ପୋଲିସ ବିଭାଗ ପକ୍ଷରୁ ଖେଳୁଥିବା ସାଜନ (୫୩.୫୧) ରୌପ୍ୟରେ ସନ୍ତୁଷ୍ଟ ରହିଥିଲା ବେଳେ ଆର୍‌ଏସପିବିର ବିକ୍ରମ ଚାଙ୍ଗମାଇ (୫୪.୩୫)ଙ୍କୁ କାଂସ୍ୟ ମିଳିଥିଲା। ୪୦୦ ମିଟର ଫ୍ରିଷ୍ଟାଇଲରେ ଦିଲ୍ଲୀର ଭବ୍ୟା ସଚ୍‌ଦେବ, ମହାରାଷ୍ଟ୍ରର ଅଦିତି ସତୀଶ ହେଡଗେ ଓ ତେଲେଙ୍ଗାନା ଭୃତି ଅଗ୍ରୱାଲ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ଜିତିଥିଲେ। ପୁରୁଷ ୨୦୦ ମିଟର ଫ୍ରିଷ୍ଟାଇଲରେ କର୍ଣ୍ଣାଟକର ଅନୀଶ ଗୌଡ଼ ସ୍ୱର୍ଣ୍ଣ, ସାଜନ ପ୍ରକାଶ ରୌପ୍ୟ ଓ ଶୋଆନ ଗାଙ୍ଗୁଲି କାଂସ୍ୟ ପାଇଥିଲେ। ପୁରୁଷ ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକରେ ତାମିଲନାଡୁର ଧନୁଶ ସୁରେଶ, କର୍ଣ୍ଣାଟକର ମଣିକାନ୍ତ ଏଲ୍ ଓ ଏସ୍‌ଏସସିବିର ରାଣା ପ୍ରତାପ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ କରାୟତ୍ତ କରିଥିଲେ। ପୁରୁଷ ୪ ଗୁଣା ୨୦୦ ମିଟର ଫ୍ରିଷ୍ଟାଇଲ୍ ରିଲେରେ କର୍ଣ୍ଣାଟକକୁ ସ୍ୱର୍ଣ୍ଣ, ମହାରାଷ୍ଟ୍ରକୁ ରୌପ୍ୟ ଓ ଏସ୍‌ଏସସିବିକୁ କାଂସ୍ୟ ମିଳିଥିଲା। ସେହିପରି ପ୍ରଥମ ଦିନ ଖେଳ ଶେଷରେ ଓଡ଼ିଶା ଗୋଟିଏ ସ୍ୱର୍ଣ୍ଣ ପାଇ ପଞ୍ଚମରେ ଥିଲା ବେଳେ କର୍ଣ୍ଣାଟକ (୩ ସ୍ୱର୍ଣ୍ଣ, ୨ ରୌପ୍ୟ, ୨ କାଂସ୍ୟ) ୭ ପଦକ ସହ ଶୀର୍ଷରେ ରହିଛି। ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭାରତୀୟ ସନ୍ତରଣ ମହାସଂଘ ସଭାପତି ଆର୍‌ଏନ୍ ଜୟପ୍ରକାଶ, ଓଡ଼ିଶା ରାଜ୍ୟ ସନ୍ତରଣ ସଂଘ ସମ୍ପାଦକ ଗୋଲାପମଣି ମହାନ୍ତଙ୍କ ସହ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ରାଜ୍ୟ ସଂଘ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହା ପୂର୍ବରୁ ଖେଳାଳିମାନଙ୍କୁ ପ୍ରତ୍ୟାଶା ରାୟ ସତ୍ୟପାଠ କରାଇଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୧୪ (୭ ପୁରୁଷ, ୭ ମହିଳା) ଖେଳାଳି ଭାଗନେଉଛନ୍ତି।



## ହକିରୁ ସନ୍ନ୍ୟାସ ନେଲେ ଦୁଇଥର ଅଲମ୍ପିକ୍ସ ପଦକ ବିଜେତା ଲଳିତ



ନୂଆଦିଲ୍ଲୀ, ୨୩।୬ (ହି.ସ): ଭାରତୀୟ ହକି ଦଳର ଷ୍ଟାର ପ୍ଲେୟାର ଲଳିତ ଉପାଧ୍ୟାୟ ଅବସର ଘୋଷଣା କରିଛନ୍ତି। ଦୁଇଥର ଅଲମ୍ପିକ୍ସ ପଦକ ବିଜେତା ଲଳିତ ରବିବାର ଅନ୍ତର୍ଜାତୀୟ ହକିରୁ ସନ୍ନ୍ୟାସ ନେଇଛନ୍ତି। ବର୍ତ୍ତମାନ ସେ କେବଳ ଘରୋଇ ଓ ଲିଗ୍ ମ୍ୟାଚ ଖେଳିବେ। ଏକ ଦଶକରୁ ଅଧିକ ହକିରେ ଲଳିତଙ୍କର କ୍ୟାରିୟର ରହିଛି। ଅନେକ ଉପଲବ୍ଧି ହାସଲ କରିଛନ୍ତି। ଯେଉଁଥିରେ ୨ଟି ଅଲମ୍ପିକ୍ସ ରୌପ୍ୟ ପଦକ ସାମିଲ ଅଛି। ଲଳିତ ୟୁପି ପୋଲିସରେ ଡେପୁଟି ଏସପି ଭାବେ ଅଛନ୍ତି। ଅବସର ନେଇ ଘୋଷଣା କରି ଲଳିତ ସୋସିଆଲ ମିଡିଆରେ ପୋଷ୍ଟ କରି କହିଛନ୍ତି, 'ଗୋଟିଏ ଛୋଟ ଗାଁରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ଶେଷ ହେବାର ସମୟ ଆସିଛି। ଆଜି ଅନ୍ତର୍ଜାତୀୟ ହକିକୁ ମୋର ଅବସର ଘୋଷଣା କରୁଛି। ଏହା ଏକ କଷ୍ଟକର ସମୟ। କିନ୍ତୁ ପ୍ରତ୍ୟେକ ଖେଳାଳିଙ୍କୁ ଗୋଟିଏ ଦିନ ଏହାର ସାମ୍ନା କରିବାକୁ ପଡିବ। ଦେଶକୁ ପ୍ରତିନିଧିତ୍ୱ କରିବା ମୋ ଜୀବନର ସର୍ବୋତ୍ତମ ସମ୍ମାନ ଏବଂ ଗର୍ବ। ୨୬ ବର୍ଷ ପରେ ମୋ ସହରରୁ ଜଣେ ଅଲିମ୍ପିଆନ ହେବା ମୋ ପାଇଁ ବଡ଼ ସମ୍ମାନ। ସମସ୍ତଙ୍କୁ ଧନ୍ୟବାଦ।' ତେବେ କ୍ୟାରିୟରରେ ଜବରଦସ୍ତ ଗୋଲ କରିଛନ୍ତି ଲଳିତ। ତାଙ୍କୁ ଅନେକ ସଂଘର୍ଷ କରିବାକୁ ପଡ଼ିଛି। ଏବେ ଯୁବ ଫରୱାର୍ଡ ଖେଳାଳି ଆସିବାପରେ ହକିରୁ ସନ୍ନ୍ୟାସ ଘୋଷଣା କରିଛନ୍ତି ଲଳିତ। ଅନ୍ତର୍ଜାତୀୟ ହକିରେ ୧୮୩ ମ୍ୟାଚ ଖେଳି ୬୭ ଗୋଲ କରିଛନ୍ତି। ସେ ପ୍ରୋ ଲିଗ୍ ସିଜନ୍ ୨୦୨୪-୨୫ରେ ୟୁରୋପରେ ଖେଳାଯାଉଥିବା ୮ ମ୍ୟାଚରୁ ୪ଟି ଖେଳିଛନ୍ତି। ଜୁନ୍ ୧୫ରେ ଅଷ୍ଟ୍ରେଲିଆ ବିପକ୍ଷରେ ଲିଳିତ ତାଙ୍କର ଶେଷ ମ୍ୟାଚ ଖେଳିଥିଲେ। ୩୧ ବର୍ଷୀୟ ଲଳିତ ତାଙ୍କ ଡଗିଙ୍ଗ ଷ୍ଟାଇଲ୍ ପାଇଁ ଜଣାଶୁଣା।

## ଜିରି ଲେହେକାଙ୍କୁ ପରାସ୍ତ କରି ଅଲ୍‌କାରାଜ କୁଇନ୍ସ କ୍ଲବ୍ ଟେନିସ୍ ଚାମ୍ପିଅନ୍



ଲଣ୍ଡନ, ୨୩।୬ (ହି.ସ): ବିଶ୍ୱର ଦୁଇ ନମ୍ବର ଖେଳାଳି ସ୍ପେନର କାର୍ଲୋସ ଅଲ୍‌କାରାଜ ଦ୍ୱିତୀୟ ଥର କୁଇନ୍ସ କ୍ଲବ୍ ଟେନିସ୍ ଚାମ୍ପିଅନ୍ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ପୁରୁଷ ବର୍ଗ ଫାଇନାଲରେ ସେ ୭-୫, ୬-୭ (୫-୭), ୬-୨ ସେଟରେ ଚେକ୍ ଗଣରାଜ୍ୟର ଜିରି ଲେହେକାଙ୍କୁ ପରାଜିତ କରିଥିଲେ। ଏହି ମ୍ୟାଚ୍ ଜିତିବା ପାଇଁ ତାଙ୍କୁ ୨ଘଣ୍ଟା ୧୦ମିନିଟ୍ ଲାଗିଥିଲା। ଅଲ୍‌କାରାଜ ୨୦୨୩ରେ କୁଇନ୍ସ କ୍ଲବ୍ ଟାଇଟଲ୍ ଜିତିଥିଲେ। ଫାଇନାଲରେ ସେ ଅଷ୍ଟ୍ରେଲିଆର ଆଲେକ୍ସ ଡି' ମିନାଉରଙ୍କୁ ହରାଇଥିଲେ। ଚଳିତ ସିଜନରେ ଅଲ୍‌କାରାଜ ପଞ୍ଚମ ଟାଇଟଲ୍ ଜିତିଛନ୍ତି। ସେ ରୋଟରଡାମ ଓପନ, ମଣ୍ଟେ-କାର୍ଲୋ ମାଷ୍ଟର୍ସ, ଇଟାଲିଆନ ଓପନ, ଫ୍ରେଞ୍ଚ ଓପନ ଏବଂ କୁଇନ୍ସ କ୍ଲବ୍ ଚାମ୍ପିଅନ୍ ହୋଇଛନ୍ତି। ବର୍ତ୍ତମାନ ଟେନିସ୍ ଖେଳୁଥିବା ଖେଳାଳିଙ୍କ ମଧ୍ୟ ପଞ୍ଚମ ଖେଳାଳି ଭାବେ ସେ ୪ରୁ ଉର୍ଦ୍ଧ୍ୱ ଗ୍ରାସ୍ କୋର୍ଟ ଟାଇଟଲ ଜିତିବାରେ ସଫଳ ହୋଇଛନ୍ତି। ସର୍ବିୟା ତାରକା ନୋଭାକ ଜୋକୋଭିକ୍ ସର୍ବାଧିକ ୮ଟି ଟାଇଟଲ ଜିତିଛନ୍ତି।

## ଆଇସିସି ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍

# ୧୩ତମ ଦଳ ଭାବେ ଯୋଗ୍ୟତା ଅର୍ଜନ କଲା କାନାଡ଼ା

ଦୁବାଇ, ୨୩।୬ (ହି.ସ): କାନାଡ଼ା ୧୩ତମ ଦଳ ଭାବେ ଆଗାମୀ ଆଇସିସି ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପକୁ ଯୋଗ୍ୟତା ଅର୍ଜନ କରିଛି। ଚଳିତ ଆମେରିକୀୟ ଯୋଗ୍ୟତା ଟୁର୍ଣ୍ଣାମେଣ୍ଟରେ ଦଳ କ୍ରମାନ୍ୱୟରେ ପଞ୍ଚମ ବିଜୟ ସହ ବିଶ୍ୱକପ୍ ଟିକେଟ୍ ହାସଲ କରିଛି। ଆଗାମୀ ୨୦୨୬ ଟି-ଟ୍ୱେଣ୍ଟି ବିଶ୍ୱକପକୁ ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ଆୟୋଜନ କରିବେ। କାନାଡ଼ା ନବମ ଲିଗ୍ ମ୍ୟାଚରେ ବାହାମାସକୁ ୭ ୱିକେଟରେ ହରାଇଥିଲା। ବାହାମାସ ୧୯.୫ ଓଭରରେ ସମସ୍ତ ୱିକେଟ୍ ହରାଇ ୫୭ରନ୍ କରିଥିଲା। କାନାଡ଼ା ପକ୍ଷରୁ କଲିମ ସାନା ଓ ଶିବମ ଶର୍ମା ପ୍ରତ୍ୟେକ ୩ଟି ଲେଖାଏଁ ୱିକେଟ୍ ନେଇଥିବାବେଳେ ଅଂଶ ପଟେଲ ୨ଟି ୱିକେଟ୍ ହାସଲ କରିଥିଲେ। ଜବାବରେ କାନାଡ଼ା ୫.୩ ଓଭରରେ ୩ ୱିକେଟ୍ ବିନିମୟରେ ବିଜୟ ହାସଲ କରିଥିଲା। ଦଳ ଫାଇନାଲ୍ ମୁକାବିଲାରେ ବର୍ମୁଡାକୁ ଭେଟିବ। ବର୍ମୁଡା ଦଶମ ଲିଗ୍ ମ୍ୟାଚରେ କେମନ ଦଳକୁ ୯ ୱିକେଟରେ ପରାସ୍ତ କରିଥିଲା। ଆଗାମୀ ଟି-ଟ୍ୱେଣ୍ଟି ବିଶ୍ୱକପରେ ମୋଟ ୨୦ଟି ଦଳ ଭାଗ ନେବେ। ଆୟୋଜକ ଭାବେ ଭାରତ ଓ ଶ୍ରୀଲଙ୍କା ଏବଂ ଗତ ବିଶ୍ୱକପର ଶ୍ରେଷ୍ଠ ୭ଟି ଦଳ (ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ବାଂଲାଦେଶ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ଆମେରିକା, ୱେଷ୍ଟଇଣ୍ଡିଜ) ସିଧାସଳଖ ଯୋଗ୍ୟତା ହାସଲ କରିଥିଲେ। ୨୦୨୪ ଜୁନ୍ ୩୦ ତାରିଖରେ ଘୋଷିତ ମାନ୍ୟତା ତାଲିକା ଅନୁସାରେ ଆୟରଲାଣ୍ଡ, ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ଟିକେଟ୍ ପାଇଥିଲେ।



## ମୁଁ ଶ୍ରେୟାସ ଆୟରଙ୍କ ପିଲାର ମା'

## ଅଭିନେତ୍ରୀଙ୍କ ଦାବି ଶୁଣି କ୍ରିକେଟର୍ ଜଗତରେ ହଲ୍‌ଚଲ୍

ନୂଆଦିଲ୍ଲୀ, ୨୩।୬ (ହି.ସ): ଭାରତୀୟ କ୍ରିକେଟର୍ ଶ୍ରେୟସ ଆୟର ଜଣେ ଦମ୍‌ଦାର କ୍ରିକେଟର୍ ଭାବେ ଜଣାଶୁଣା। ତାଙ୍କର ଖେଳିବା ଶୈଳୀ ବହୁତ ଅନନ୍ୟ ଏବଂ ସେ ତାଙ୍କ ଅଧିନାୟକତ୍ୱରେ କ୍ରିକେଟ ପ୍ରଶଂସକଙ୍କୁ ପାଗଳ କରିଛନ୍ତି। ତାଙ୍କ ପ୍ରଶଂସକଙ୍କ ତାଲିକାରେ ବିଗ-ବସ ୧୮ର ଜଣେ ପ୍ରତିଯୋଗୀଙ୍କ ନାମ ମଧ୍ୟ ଯୋଡା ଯାଇଛି, ଯିଏ ଆୟରଙ୍କ ବିଷୟରେ ଏକ ବଡ଼ ଦାବି କରିଛନ୍ତି। ଏହି ପ୍ରତିଯୋଗୀ ପ୍ରେମରେ ଏତେ ପାଗଳ ଯେ ସେ ତାଙ୍କ ମନରେ ଆୟରଙ୍କୁ ତାଙ୍କ ସ୍ୱାମୀ ଭାବରେ ଗ୍ରହଣ କରିଛନ୍ତି ଏବଂ କହିଛନ୍ତି ଯେ ସେ ଆୟରଙ୍କ ପିଲାର ମା'। ଏହି ଅଭିନେତ୍ରୀଙ୍କ ନାମ ଏଡାନ ରୋଜ। ନିକଟରେ ଏକ ସାକ୍ଷାତକାରରେ ଶ୍ରେୟସ ଆୟରଙ୍କ ପ୍ରତି ତାଙ୍କର ପ୍ରେମ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ମୁଁ ବିଶ୍ୱାସ କରେ ଯେ ମୁଁ ଶ୍ରେୟସ ଆୟରଙ୍କ ପିଲାର ମା'। ମୁଁ ମୋ ମନରେ ଆୟରଙ୍କୁ ବିବାହ କରିଛି। ସେ ମୋତେ ପ୍ରତିଦିନ ପ୍ରେରଣା ଦିଅନ୍ତି। ତାଙ୍କର ନମ୍ରତା, ତାଙ୍କର ଧ୍ୟାନ ଏବଂ ତାଙ୍କ ବ୍ୟବହାର ମୋତେ ସବୁଠାରୁ ଅଧିକ ପସନ୍ଦ। ଏଡାନ ରୋଜ ଜଣେ ଭାରତୀୟ ଅଭିନେତ୍ରୀ ଏବଂ ମଡେଲ, ଯାହାଙ୍କ ଜନ୍ମ ଦୁବାଇରେ ହୋଇଥିଲା। ସେ ୨୦୨୦ରେ ଭାରତ ଆସିଥିଲେ। ତାଙ୍କ ଆଦର୍ଶ ସାଥୀଙ୍କ ଗୁଣ ବିଷୟରେ ବର୍ଣ୍ଣନା କରି ସେ କହିଥିଲେ, ସେ ତାଙ୍କ ଆଦର୍ଶରେ ୪ଟି ଜିନିଷ ଚାହାଁନ୍ତି। ଭଲ ଉଚ୍ଚତା, ଗାଢ଼ ଚର୍ମର ରଙ୍ଗ, ମୁହଁରେ ଦାଢ଼ି ଏବଂ ଭଲ ମାଂସପେଶୀ ଥିବା ସାଥୀ ଚାହାନ୍ତି ଏଡାନ ରୋଜ। ସେ ପୂର୍ବରୁ ବିରାଟ କୋହଲି ଏବଂ ଅନୁଷ୍କା ଶର୍ମାଙ୍କୁ ଏକ ପରଫେକ୍ଟ ଦମ୍ପତି ଭାବରେ ବର୍ଣ୍ଣନା କରିଛନ୍ତି।

## ଦିଲଜିତଙ୍କ ଫିଲ୍ମରେ ହାନିଆ ଆମିରଙ୍କୁ ଦେଖି ଦର୍ଶକ ଖପ୍ପା




ମୁମ୍ବାଇ, ୨୩।୬ (ହି.ସ): ଦିଲଜିତ ଦୋସାଂଝ ତାଙ୍କ ଆଗାମୀ ପଞ୍ଜାବୀ ଚଳଚ୍ଚିତ୍ର 'ସର୍ଦ୍ଦାର ଜୀ ୩'ର ଟ୍ରେଲର ରବିବାର ରିଲିଜ୍ କରିଛନ୍ତି। ଯେଉଁଥିରେ ପାକିସ୍ତାନୀ ଅଭିନେତ୍ରୀ ହାନିଆ ଆମିରଙ୍କ ଝଲକ୍ ମଧ୍ୟ ଦେଖିବାକୁ ମିଳିଛି। ଏପ୍ରିଲ ୨୨ରେ ପହଲଗାଓଁରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ଜଣ ନିର୍ଦ୍ଦୋଷ ଲୋକ ପ୍ରାଣ ହରାଇଥିଲେ, ଯେଉଁ କାରଣରୁ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା ଏବଂ ସମସ୍ତ ପାକିସ୍ତାନୀ କଳାକାରଙ୍କୁ ଭାରତରେ ନିଷିଦ୍ଧ କରାଯାଇଥିଲା। ଏହି କାରଣରୁ 'ସର୍ଦ୍ଦାର ଜୀ ୩'କୁ ମଧ୍ୟ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ଚଳଚ୍ଚିତ୍ର ନିର୍ମାତାମାନେ ଏହାକୁ ଭାରତରେ ମୁକ୍ତିଲାଭ ନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ରବିବାର ବିଳମ୍ବିତ ରାତିରେ ଅଭିନେତା ତଥା ଗାୟକ ଦିଲଜିତ ଦୋସାଂଝ୍ ନିଜ ଇନଷ୍ଟାଗ୍ରାମରେ ତାଙ୍କ କମେଡ଼ି, ହରର୍-ଥ୍ରୀଲର ଫିଲ୍ମ 'ସର୍ଦ୍ଦାର ଜୀ ୩'ର ଟ୍ରେଲର ପୋଷ୍ଟ କରିଛନ୍ତି। ଏଥିସହ ଅଭିନେତା କହିଛନ୍ତି ଯେ, ଦୁଇ ଦେଶ ମଧ୍ୟରେ ଚାଲିଥିବା ଉତ୍ତେଜନା ଯୋଗୁଁ ଫିଲ୍ମଟି ଭାରତରେ ରିଲିଜ୍ ହେବନାହିଁ ଏବଂ ଏହାକୁ କେବଳ ବିଦେଶରେ ରିଲିଜ୍ କରାଯିବ। ଏହି ଚଳଚ୍ଚିତ୍ର ବିଦେଶୀ ସିନେମା ହଲରେ ଜୁନ୍ ୨୭ରେ ମୁକ୍ତିଲାଭ କରିବ। ଏହାସହିତ 'ସର୍ଦ୍ଦାର ଜୀ ୩'ର ଟ୍ରେଲର ମଧ୍ୟ ଭାରତରେ ଦର୍ଶକଙ୍କ ପାଇଁ ୟୁଟ୍ୟୁବରେ ଉପଲବ୍ଧ ନାହିଁ। ଯେତେବେଳେ ଭିଡିଓଟିକୁ ଚଲାଇବାକୁ ଚେଷ୍ଟା କରାଯାଉଛି, ଏହା ଚାଲୁନାହିଁ ଏବଂ ଏକ ବାର୍ତ୍ତା ଆସୁଛି ଯେ ଏହା ଭାରତରେ ଦେଖାଯିବ ନାହିଁ। ତେବେ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନୀ ମନୋରଞ୍ଜନ ଶିଳ୍ପ ଉପରେ ଏକ କଡ଼ା ହମ୍‌ଲା କରିଥିଲା ଭାରତ। ଭାରତରେ ସମସ୍ତ ପାକିସ୍ତାନୀ କଳାକାରଙ୍କ ସୋସିଆଲ ମିଡିଆ ଆକାଉଣ୍ଟଗୁଡ଼ିକୁ ନିଷିଦ୍ଧ କରାଯାଇଥିଲା ଏବଂ ସେମାନଙ୍କୁ ଭାରତରେ କାମ ନ ଦେବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା। ଏହାସହିତ କିଛି କଳାକାର ଭାରତ ବିଷୟରେ ବିଷ ମଧ୍ୟ ଓଗାଳିଥିଲେ, ଯେଉଁଥିରେ ହାନିଆ ଆମିର ବି ସାମିଲ ଥିଲେ। ଏହି କାରଣରୁ ସେ ଭାରତରେ ପ୍ରବଳ ବିରୋଧର ସମ୍ମୁଖୀନ ହେଉଛନ୍ତି। ଏସବୁ କାରଣ ଯୋଗୁଁ 'ସର୍ଦ୍ଦାର ଜୀ ୩'ର ନିର୍ମାତାମାନଙ୍କୁ ଭାରତରେ ଏହି ଫିଲ୍ମକୁ ବ୍ୟାନ୍ କରିବାକୁ ପଡ଼ିଛି।

# 'ଅନୁପମା'ର ସୁଟିଙ୍ଗ୍ ସେଟରେ ଭୟଙ୍କର ଅଗ୍ନିକାଣ୍ଡ

ମୁମ୍ବାଇ, ୨୩।୬ (ହି.ସ): ମୁମ୍ବାଇର ଫିଲ୍ମ ସିଟିରେ ରୁପାଲି ଗାଙ୍ଗୁଲୀଙ୍କ ଲୋକପ୍ରିୟ ଟିଭି ଶୋ' 'ଅନୁପମା'ର ସେଟରେ ସୋମବାର ସକାଳ ସମୟରେ ବଡ ଧରଣର ଅଗ୍ନିକାଣ୍ଡ ଘଟିଛି। ଭୋର ପ୍ରାୟ ୫ଟାରେ ଏହି ନିଆଁ ଲାଗି ଥିବା ବେଳେ ସୁଟିଙ୍ଗ୍ ଆରମ୍ଭ ହେବାର ୨ ଘଣ୍ଟା ପୂର୍ବରୁ ସେଟଟି ସମ୍ପୂର୍ଣ୍ଣ ଜଳି ପୋଡି ପାଉଁଶ ହୋଇ ଯାଇଛି। ଏହି ଅଘଟଣ ଘଟିବା ସମୟରେ ଅନେକ କର୍ମଚାରୀ ସୁଟିଙ୍ଗର ଆରମ୍ଭର ପୂର୍ବ ପ୍ରସ୍ତୁତି କରୁଥିଲେ। ସୌଭାଗ୍ୟବଶତଃ କୌଣସି କର୍ମଚାରୀ ଆହତ ହୋଇନଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ମାତ୍ର ଅନେକ ପରିମାଣରେ ଜିନିଷପତ୍ର ପୋଡିଯିବାରୁ ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ହୋଇଛି ବୋଲି ସୂଚନା ମିଳିଛି। ଘଟଣା ପରେ, ଅଲ୍ ଇଣ୍ଡିଆନ୍ ସିନେ ୱାର୍କର୍ସ ଆସୋସିଏସନ୍ (ଏଆଇସିଡବ୍ଲୁଏ) ଏକ ବିବୃତ୍ତି ଜାରି କରି ଅବହେଳାକୁ ନିନ୍ଦା କରିଛି ଏବଂ ଅଗ୍ନିକାଣ୍ଡର କାରଣର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛି। ଏଆଇସିଡବ୍ଲୁଏ ସମସ୍ତ ସୁଟିଂ ସ୍ଥାନରେ ଅଗ୍ନିକାଣ୍ଡ ଭଳି ପରିସ୍ଥିତିର ମୁକାବିଲା ପାଇଁ ଦୃଢ଼ ସୁରକ୍ଷା ବ୍ୟବସ୍ଥା ଉପରେ ଜୋର ଦେଉଛି।





## ଆଦିବାସୀ ସମୁଦାୟ ଉପରେ ମନ୍ତବ୍ୟ ଦେଇ ବିବାଦରେ ବିଜୟ

ନୂଆଦିଲ୍ଲୀ, ୨୩।୬ (ହି.ସ): ସାଉଥ ଅଭିନେତା ବିଜୟ ଦେବରକୋଣ୍ଡା ପ୍ରାୟତଃ ଚର୍ଚ୍ଚାରେ ରହିଥାନ୍ତି। କେତେବେଳେ ରଶ୍ମିକାଙ୍କ ସହ ରିଲେସନସିପକୁ ନେଇ ତ ଆଉ କେତେବେଳେ ପ୍ରଫେସନାଲ ଲାଇଫକୁ ନେଇ। କିନ୍ତୁ, ଗତ କିଛି ଦିନ ଧରି ବିଜୟ ତାଙ୍କର ଏକ ବୟାନ ଯୋଗୁଁ ବିବାଦ ମଧ୍ୟକୁ ଟାଣିହୋଇ ଯାଇଛନ୍ତି। ଆଦିବାସୀ ସମୁଦାୟର ଭାବନାକୁ ଆଘାତ ଦେଉଥିବା ମନ୍ତବ୍ୟ ଦେବା ଅଭିଯୋଗରେ ତାଙ୍କ ବିରୋଧରେ ଏସ୍‌ସି/ଏସ୍‌ଟି ଆଇନ ଅନୁଯାୟୀ ଏକ ମାମଲା ଦାଖଲ କରାଯାଇଛି। ଘଟଣାଟି ଏପ୍ରିଲ ୨୬ର। ଯେତେବେଳେ ବିଜୟ ହାଇଦ୍ରାବାଦରେ 'ରେଟ୍ରୋ' ଫିଲ୍ମର ପ୍ରି-ରିଲିଜ୍ ଇଭେଣ୍ଟରେ ପହଞ୍ଚିଥିଲେ। ଏହି ସମୟରେ ସେ ଆଦିବାସୀ ସମୁଦାୟ ଉପରେ ଏକ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଯାହା ସେମାନଙ୍କ ପାଇଁ ଅପମାନଜନକ ଥିଲା। ଏହାପରେ ସାଇବରାବାଦର ରାଇଦୁର୍ଗମ୍ ପୋଲିସ ଷ୍ଟେସନରେ ଅଭିନେତାଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇଛି। ତେବେ ଏହି ମାମଲାରେ ଅଭିନେତା କ୍ଷମା ପ୍ରାର୍ଥନା କରିଛନ୍ତି। ସେ ଏକ ପୋଷ୍ଟ ସେୟାର କରି ଲେଖିଛନ୍ତି- 'ଏହା ଏବେ ମୋର ନଜରକୁ ଆସିଛି ଯେ ରେଟ୍ରୋ ଅଡିଓ ଲଞ୍ଚ ଇଭେଣ୍ଟ ସମୟରେ ମୋ ଦ୍ୱାରା ଦିଆଯାଇଥିବା ଏକ ମନ୍ତବ୍ୟ କିଛି ସଦସ୍ୟଙ୍କ ମଧ୍ୟରେ ବିବାଦ ଏବଂ ଚିନ୍ତା ସୃଷ୍ଟି କରିଛି। ମୁଁ ଆନ୍ତରିକତାର ସହ ସ୍ପଷ୍ଟ କରିବାକୁ ଚାହୁଁଛି ଯେ କୌଣସି ସମୁଦାୟକୁ, ବିଶେଷକରି ଅନୁସୂଚିତ ଜନଜାତିଙ୍କୁ, ଆଘାତ ଦେବା କିମ୍ବା ଅପମାନିତ କରିବାର କୌଣସି ଉଦ୍ଦେଶ୍ୟ ନଥିଲା। ଯାହାକୁ ମୁଁ ଗଭୀର ଭାବରେ ସମ୍ମାନ କରେ ଏବଂ ଆମ ଦେଶର ଏକ ଅବିଚ୍ଛେଦ୍ୟ ଅଂଶ ବୋଲି ବିବେଚନା କରେ।'

କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik
Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com
Phone-0674-2975387
Mob: 9090962011
ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik